ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୮ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 08 October 2024

Vol.No. 35 ■ No.270 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




ଯା ଦେବୀ ସର୍ବଭୂତେଷୁ............


ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବାଇକକୁ ପିଟି ଦେଲା ଟ୍ରେଲର: ୩ ମୃତ

କେନ୍ଦୁଝର, ୦୭/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଢେଙ୍କିକୋଟର ଲଙ୍ଗଲକଣ୍ଟି ଗାଁ ନିକଟରେ ୨୦ ନମ୍ବର ଜାତୀୟ ରାଜପଥରେ ଏକ ଟ୍ରେଲର ଏକ ବାଇକକୁ ଧକ୍କା ଦେବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଉଛନ୍ତି- ମସିଣାବିଲା ଗ୍ରାମର କାହ୍ନୁ ମୁଣ୍ଡା, ଭଦ୍ର ଖାଟୁଆ ଓ ସାନବରବେଡା ଗ୍ରାମର ମହେଶ୍ୱର ନାଏକ। ଏହି ତିନି ଜଣ ଏକ ବାଇକ ଯୋଗେ ଢେଙ୍କିକୋଟ ବଜାରରୁ ନିଜ ଗାଁକୁ ଫେରୁଥିବା ସମୟରେ ଭାରତ ପେଟ୍ରୋଲ ପମ୍ପ ଓ ଗୋଦାବରୀ ଢାବା ମଧ୍ୟରେ ଏକ ଟ୍ରେଲର ସେମାନଙ୍କୁ ଧକ୍କା ଦେଇଥିଲା। ସମସ୍ତଙ୍କୁ ଉଦ୍ଧାର କରି ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କୁ ମୃତ ଘୋଷଣା କରାଯାଇଥିଲା। ଦୁର୍ଘଟଣା ଘଟାଇ ଟ୍ରେଲରଟି ଫେରାର ହୋଇ ଯାଇଥିବା ବେଳେ ଢେଙ୍କିକୋଟ ଟୋଲ୍ ଗେଟ୍ ନିକଟରେ ପୁଲିସ ଏହାକୁ ଧରିଥିଲା।

# ଏବେ ଦରକାର ଅନ୍ତିମ ପ୍ରହାର: ଅମିତ ଶାହ



ନୂଆଦିଲ୍ଲୀ, ୭/୧୦ : ବାମପନ୍ଥୀ ଉଗ୍ରବାଦ ଏବେ ଶେଷ ଚରଣରେ ପହଞ୍ଚିଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ନକ୍ସଲ ସମସ୍ୟାର ମୂଳୋତ୍ପାଟନ ଦିଗରେ କେବଳ ଯାହା ଅନ୍ତିମ ପ୍ରହାରର ଆବଶ୍ୟକତା ରହିଛି। ଆଜି ଦିଲ୍ଲୀରେ ନକ୍ସଲ ମୁକାବିଲା ସମୀକ୍ଷା ବୈଠକରେ ଏହା କହିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଛତିଶଗଡ଼ର ଉଦାହରଣ ଦେଇ ସେ କହିଛନ୍ତି, ରଣନୀତି ମୁତାବକ ଜାନୁଆରୀରୁ ଏଯାଏଁ ସେଠାରେ ମୋଟ ୧୯୪ ନକ୍ସଲଙ୍କୁ ନିପାତ କରାଗଲାଣି। ୮୦୧ ଜଣ ନକ୍ସଲ ଗିରଫ ହୋଇଛନ୍ତି ଓ ୭୪୨ ଜଣ ଆତ୍ମସମର୍ପଣ କରିଛନ୍ତି। ଦେଶରେ ଏବେ ନକ୍ସଲ ପ୍ରବଣ ଜିଲ୍ଲା ସଂଖ୍ୟା ୯୬ରୁ ୧୬କୁ ଖସିଆସିଛି। ତେଣୁ ଫାଇନାଲ୍ ପୁଶ୍ ଦେଇ ଏବେ ଏହାକୁ ଶେଷ କରିବାକୁ ପଡ଼ିବ। ଆଇଡୋଲୋଜି ନାଁରେ ଆଉ ହତ୍ୟା ହେବନାହିଁ ବୋଲି ସଂକଳ୍ପ ନେବାକୁ ପଡ଼ିବ ବୋଲି କହିବା ସହିତ ନକ୍ସଲମାନଙ୍କୁ ଅସ୍ତ୍ର ତ୍ୟାଗ କରି ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ଶାହ। ସେହିପରି ନକ୍ସଲ ଉପଦ୍ରବ ଅଞ୍ଚଳରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ମଧ୍ୟ ସେ ଜୋର ଦେଇଛନ୍ତି। ନକ୍ସଲ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମାସକୁ ଥରେ ଲେଖାଏଁ ଏବଂ ଡିଜିପିମାନେ ପ୍ରତି ୧୫ ଦିନରେ ଥରେ ନକ୍ସଲ ମୁକାବିଲା ସ୍ଥିତିର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ। ଏପରିକି ଜିଲ୍ଲାସ୍ତରରେ ଡିଜିପିମାନେ ମାସକୁ ଥରେ ନକ୍ସଲ ପ୍ରଭାବିତ ଅଞ୍ଚଳକୁ ଯାଇ ରାତ୍ରିଯାପନ କରିବାକୁ ପରାମର୍ଶ ଦେଇଛନ୍ତି। ଛତିଶଗଡ଼ ଅବୁଝମାଡ଼ ଜଙ୍ଗଲରେ ୩୧ ନକ୍ସଲ ନିପାତ ଘଟଣାର ମାତ୍ର ୩ ଦିନ ପରେ ଆଜି ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ସମୀକ୍ଷା ବୈଠକରେ ଓଡ଼ିଶା, ଛତିଶଗଡ଼ ସମେତ ନକ୍ସଲ ପ୍ରଭାବିତ ୮ଟି ରାଜ୍ୟର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଡିଜିପି ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟରେ ନକ୍ସଲ ବିରୋଧୀ ଅପରେସନକୁ ତୀବ୍ର କରିବାକୁ କେନ୍ଦ୍ର ପାଖରେ ୧୨ କଂପାନୀ ସିଏପିଏଫ୍ ଓ ହେଲିକପ୍ଟର ପାଇଁ ଦାବି କରାଯାଇଥିବା ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଯଦିଓ ରାଜ୍ୟରେ ନକ୍ସଲଙ୍କ ସେଭଳି ପ୍ରଭାବ ନାହିଁ, ପଡ଼ୋଶୀ ଛତିଶଗଡ଼ରେ ନକ୍ସଲ ଅପରେସନ ଯୋଗୁଁ ସେଠାକାର ନକ୍ସଲ ଓଡ଼ିଶାକୁ ପଶି ଆସିବାର ଆଶଙ୍କା ରହିଛି। ସେ ଦୃଷ୍ଟିରୁ ସେମାନଙ୍କ ମୁକାବିଲା ପାଇଁ ଫୋର୍ସ ସାଙ୍ଗକୁ ବିକାଶମୂଳକ କାମ ପାଇଁ ଓଡ଼ିଶା ସହଯୋଗ ଚାହୁଁଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

## ବଦଳିବ ସରକାରୀ କୋଠାର ରଙ୍ଗ



ଭୁବନେଶ୍ୱର, ୭/୧୦ (ନି.ପ୍ର): ରାଜ୍ୟରେ ସବୁ ନୂଆ ସରକାରୀ କୋଠାର ରଙ୍ଗ ଗୋଟିଏ ପ୍ରକାରର ହେବ। ସେହିପରି ପୁରୁଣା କୋଠାଗୁଡ଼ିକର ମରାମତି ବା ନବୀକରଣ ବେଳେ ରଙ୍ଗ ବଦଳିବ। ଆଜି ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ଇଆଇସି (ସିଭିଲ-କମ୍-ରୋଡ୍ସ), ଇଆଇସି (ଡିପିକ୍ୟୁ), ଓବି ଆଣ୍ଡ ସିସି ଏଲ୍‌ଟିଡି ଇଆଇସି ତଥା ଏମ୍‌ଡିଙ୍କୁ ଏନେଇ ଚିଠି କରାଯାଇଛି। ଏହା ସହିତ ପୂର୍ତ୍ତ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ମୁଖ୍ୟ ଯନ୍ତ୍ରୀମାନଙ୍କୁ ଏନେଇ ଚିଠି କରାଯାଇଛି। ଏଣିକି ରାଜ୍ୟ ସରକାରଙ୍କ ସମସ୍ତ ନୂଆ କୋଠାର ବାହାର ପଟର ରଙ୍ଗ ଅରେଞ୍ଜ ଶେଡ୍ (ଉପରେ ଦିଆଯାଇଥିବା ଭଳି) ହେବ। ସେଥିରେ ରେଡ୍ ଶେଡ୍‌ର ବର୍ଡର ରହିବ। ସେହିପରି କାର୍ଯ୍ୟକ୍ଷମ କୋଠାଗୁଡ଼ିକର ମରାମତି ଓ ନବୀକରଣ କାର୍ଯ୍ୟ ବେଳେ ସେଗୁଡ଼ିକର ବାହାର ପଟକୁ ଅରେଞ୍ଜ ଶେଡ୍ ସହିତ ରେଡ୍ ଶେଡ୍ ବର୍ଡର ଦେଇ ରଙ୍ଗ କରାଯିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି।

## ଆମେରିକାର ଭିକ୍ଟର ଆମ୍ବ୍ରୋଜ୍ ଓ ଗ୍ୟାରି ରୁଭକୁନ ପାଇବେ ଚିକିତ୍ସା ବିଜ୍ଞାନ ନୋବେଲ୍




ଷ୍ଟକହୋମ, ୦୭/୧୦ (ନି.ପ୍ର): ଆମେରିକୀୟ ବୈଜ୍ଞାନିକ ଭିକ୍ଟର ଆମ୍ବ୍ରୋଜ୍ ଓ ଗ୍ୟାରି ରୁଭକୁନଙ୍କୁ ମିଳିବ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ସମ୍ମାନଜନକ ନୋବେଲ ପୁରସ୍କାର। ମାଇକ୍ରୋ-ଆରଏନଏ ଆବିଷ୍କାର ପାଇଁ ତାଙ୍କୁ ଏହି ପୁରସ୍କାର ମିଳିବ। କାରୋଲିନସ୍କା ଇନଷ୍ଟିଚ୍ୟୁଟର ନୋବେଲ ଏକାଡେମୀ ସୋମବାର (ଅକ୍ଟୋବର ୭, ୨୦୨୪) ଏହା ଘୋଷଣା କରିଛି। ନୋବେଲ ଏକାଡେମୀ ପକ୍ଷରୁ କୁହାଯାଇଛି ଯେ, ଜିନ୍ କାର୍ଯ୍ୟକଳାପକୁ ନିୟନ୍ତ୍ରଣ ସଂପର୍କିତ ଏକ ମୌଳିକ ସିଦ୍ଧାନ୍ତ ଆବିଷ୍କାର କରିଥିବାରୁ ଏହି ବୈଜ୍ଞାନିକଦ୍ୱୟଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

▶▶ପୃଷ୍ଠା ୭

## ସୁଭଦ୍ରା ଯୋଜନାରେ ପଞ୍ଜୀକରଣ ଛୁଇଁଲା ୧ କୋଟି



ଭୁବନେଶ୍ୱର, ୭/୧୦ (ନି.ପ୍ର): ଆଜି ସୁଦ୍ଧା ଓଡ଼ିଶାର ୧ କୋଟି ୨୦ ହଜାର ମହିଳା ହିତାଧିକାରୀ ସୁଭଦ୍ରା ଯୋଜନାରେ ପଞ୍ଜୀକରଣ କରିଛନ୍ତି । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କରକମଳରେ ଶୁଭାରମ୍ଭ କରାଯାଇଥିବା ଯୁଗାନ୍ତକାରୀ "ସୁଭଦ୍ରା" ଯୋଜନାରେ ଏକ କୋଟିରୁ ଅଧିକ ହିତାଧିକାରୀଙ୍କୁ ପଞ୍ଜୀକୃତ କରିବା ଏକ ବଡ ଉପଲବ୍ଧି ହେବ ବୋଲି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ । ଆଜି ଏହା ପ୍ରମାଣିତ ହୋଇଛି । ଆସନ୍ତା ଅକ୍ଟୋବର ୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦାଠାରେ ୩୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଭିକ୍ଟର ଆମ୍ବ୍ରୋସ୍ ଏବଂ ଗ୍ୟାରି ରୁଭ୍ଙ୍କୁନ୍ ବିଭିନ୍ନ କୋଷ ପ୍ରକାରକିପରି ବିକଶିତ ହୁଏ ସେ ବିଷୟରେ ଆଗ୍ରହୀ ଥିଲେ । ସେମାନେ ମାଇକ୍ରୋ-ଆରଏନଏ ଆବିଷ୍କାର କରିଥିଲେ, ଯାହା ଏକ ନୂତନ ଶ୍ରେଣୀର କ୍ଷୁଦ୍ର ଆରଏନଏ ଅଣୁ ଯାହା ଜିନ୍ ନିୟନ୍ତ୍ରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ୧୯୦୧ ମସିହାପରଠାରୁ ଫିଜିଓଲୋଜି ଓ ମେଡିସିନ କ୍ଷେତ୍ରରେ ଚଳିତ ବର୍ଷର ଏହି

▶▶ପୃଷ୍ଠା ୭

## ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଘରୋଇ ବସ୍ ବନ୍ଦ ଡାକରା ପ୍ରତ୍ୟାହୃତ



ଭୁବନେଶ୍ୱର, ୦୭/୧୦ (ନି.ପ୍ର): ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶା ଘରୋଇ ବସ ମାଲିକ ସଂଘର ବୈଠକ ପରେ ବସ୍ ବନ୍ଦ ଡାକରା ପ୍ରତ୍ୟାହୃତ ହୋଇଛି। ଏନେଇ ଉଭୟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ସନ୍ଧ୍ୟାରେ ହେବାକୁ ଥିବା ବନ୍ଦ ଡାକରାକୁ ନେଇ ଏଥିରେ ଆଲୋଚନା ହୋଇଥିଲା। ଆଜି ସନ୍ଧ୍ୟା ୭ଟା ରୁ ଆସନ୍ତାକାଲି ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବନ୍ଦ ଡ଼ାକରା ଦେଇଥିଲା ଦକ୍ଷିଣ ଓଡ଼ିଶା ଓ ପଶ୍ଚିମ ଓଡ଼ିଶା ଘରୋଇ ବସ ମାଲିକ ସଂଘ।

## ଲାଂଚ ନେବା ବେଳେ ଧରାପଡିଲେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର, ୭ ଅକ୍ଟୋବର - ଲାଂଚ ନେବା ବେଳେ ଧରାପଡିଛନ୍ତି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ । ସୁବର୍ଣ୍ଣପୁରର ତେଲ ଜଳସେଚନ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ଜିତେନ୍ଦ୍ର କୁମାର ପାଢୀ ଲାଂଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ଅଭିଯୋଗକାରୀଙ୍କ ଠାରୁ ନିଜ କାର୍ଯ୍ୟାଳୟରେ ପେଣ୍ଡିଂ ରହିଥିବା ବିଲ୍ କ୍ଲିୟର ପାଇଁ ୪୬ହଜାର ଟଙ୍କା ଲାଂଚ ନେବା ବେଳେ ଧରାପଡିଛନ୍ତି।

## ମେହବୁବା ମୁଫତିଙ୍କ ସହ ମେଣ୍ଟ କରିବେ ଏନସି-କଂଗ୍ରେସ !



ନୂଆଦିଲ୍ଲୀ, ୦୭/୧୦ : ରାତି ପାହିଲେ ହରିୟାଣା ସହ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନର ଭୋଟ ଗଣତି ଆରମ୍ଭ ହେବ। ଏକଜିଟ ପୋଲ କହିଛି ଯେ ହରିୟାଣାରେ କଂଗ୍ରେସ ଶାସନକୁ ୧୦ ବର୍ଷ ପରେ ?ଫେରିବ। କିନ୍ତୁ ଜମ୍ମୁ-କଶ୍ମୀରରେ କୌଣସି ଦଳକୁ ସ୍ପଷ୍ଟ ବହୁମତ ମିଳିବ ନାହିଁ। ନ୍ୟାଶନାଲ କନଫରେନ୍ସ ଓ କଂଗ୍ରେସ ମେଣ୍ଟ ଜମ୍ମୁ-କଶ୍ମୀରରରେ ସର୍ବାଧିକ ଆସନ ଜିତିବାକୁ ଥିବା ବେଳେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହାସଲ କରିପାରିବ ନାହିଁ। ଏପରି ସ୍ଥିତିରେ ମେହବୁବା ମୁଫତିଙ୍କ ପିଡିପି କିଙ୍ଗ ମେକର ସାଜିପାରେ। ନିର୍ବାଚନ ପୂର୍ବରୁ ମତ ପାର୍ଥକ୍ୟ ଯୋଗୁ ଏନସି-କଂଗ୍ରେସ ସହ ପିଡିପିର ମେଣ୍ଟ ହୋଇ ନଥିଲା। କିନ୍ତୁ ଏକଜିଟ ପୋଲ ଝୁଲା ବିଧାନସଭାର ସଙ୍କେତ ଦେଇଥିବାରୁ ଏନସି-କଂଗ୍ରେସ ଜମ୍ମୁ-କଶ୍ମୀରରେ

▶▶ପୃଷ୍ଠା ୭

## ଓଏସଏସଏସସି ପରୀକ୍ଷା ବିଭ୍ରାଟ, ଆଶାୟୀଙ୍କ ଗର୍ଜନ: ସରକାର ବଦଳିଥିଲେ ବି ବଦଳୁନି ବ୍ୟବସ୍ଥା




ଭୁବନେଶ୍ୱର, ୭/୧୦ (ନି.ପ୍ର): କହି କହି ଥକିଗଲେ.. ସହି ସହି ଏବେ ଶକ୍ତ ହୋଇଗଲେ.. ଶେଷରେ ଏବେ ଲଢ଼େଇ ମୁଦ୍ରାରେ ହଜାର ହଜାର ସରକାରୀ ଚାକିରି ଆଶାୟୀ। ଆମେ କହୁଛୁ ସେହି ପରୀକ୍ଷାର୍ଥୀଙ୍କ କଥା, ଯେଉଁମାନେ ଆଜିକୁ ଦୀର୍ଘ ଦିନ ହେଲା ଓଏସଏସଏସସି ପରିଚାଳିତ ଆରଆଇ, ଏଆରଆଇ, ଅମିନ, ଏସଏଫଏସ, ଆଇସିଡିଏସ ସୁପରଭାଇଜର ପରୀକ୍ଷାରେ କ୍ରମାଗତ ବିଭ୍ରାଟକୁ ନେଇ ରାଜ୍ୟବ୍ୟାପି ଅସନ୍ତୋଷ ଝାଡ଼ିଛନ୍ତି। ଶେଷରେ ଆଜି ଭୁବନେଶ୍ୱର ଲୋୟର ପିଏମଜିରେ ଏକଜୁଟ୍ ହୋଇ ବର୍ଷା ମାଡ଼ ଭିତରେ ନିର୍ଣ୍ଣାୟକ ଲଢ଼େଇର ମୂଳଦୁଆ ପକାଇଛନ୍ତି। ତା'ସହ କହିଛନ୍ତି, ଆମ ଭୋଟରେ ୨୪ ବର୍ଷର ସରକାର ବଦଳିଥିଲେ ବି କାହିଁକି ବଦଳିନି ବ୍ୟବସ୍ଥା ? କାହାକୁ ଡରୁଛନ୍ତି ବିଜେପି ସରକାର ? କାହିଁକି ହେଉନି ଡଝଝଝଉ ବିରୋଧରେ ଆକ୍ସନ ? ପ୍ରଶ୍ନବାଣ ମାରି ଘେରିଛନ୍ତି ମୋହନ ସରକାରଙ୍କୁ। ସମୟ ପୂର୍ବାହ୍ନ ପ୍ରାୟ ୧୦ଟା। ପ୍ରଥମେ ଏକଜୁଟ୍ ହୋଇ ଲୋୟର ପିଏମଜିରେ ରାଲିରେ ଆସି ପରେ ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ ନେତୃତ୍ୱରେ ଗର୍ଜିଥିଲେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ପରୀକ୍ଷାର୍ଥୀ। କାହା ହାତରେ ଥିଲା ଚାକିରି ବିକ୍ରି ହେଉଥିବା ଅଭିଯୋଗ ପ୍ଲାକାର୍ଡ ତ ଆଉ କାହା ହାତରେ ଥିଲା ନୋଟ୍। ପ୍ରତିବାଦ ସ୍ୱରୂପ କିଏ କହୁଥିଲେ ୨୦ ଲକ୍ଷ ଦିଅ, ଚାକିରି ନିଅ ତ ଆଉ କିଏ କହୁଥିଲେ ୧୮ ଲକ୍ଷ ଦିଅ ଜଓ ଚାକିରି ନିଅ। ଏପରିକି ଚାକିରି ପାଇଁ କିଡନୀ ଦେବାକୁ ବି ପ୍ରସ୍ତୁତ ବୋଲି କଟାକ୍ଷ କରି କହିଛନ୍ତି ପରୀକ୍ଷାର୍ଥୀ। ଏସବୁ ସତ୍ତ୍ୱେ କୌଣସି ସରକାରୀ ପ୍ରତିନିଧି ଆସି ତାଙ୍କ ସହ ଆଲୋଚନା ନକରିବାରୁ ଦିନ ପ୍ରାୟ ଗୋଟାଏ ବେଳେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ମୁହାଁ ହୋଇଥିଲେ ସମସ୍ତେ। ସେଠାରେ ଦୀର୍ଘ ସମୟ ଧରି ପୋଲିସ୍ ଅଟକାଇଥିଲା। ପରେ ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନର ଏକ ପ୍ରତିନିଧି ଟିମ୍ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ସଚିବଙ୍କ ସହ ଆଲୋଚନା ପାଇଁ ଯାଇଥିଲେ ଲୋକସେବା ଭବନ। ଫେରିବା ପରେ ସଂପୃକ୍ତ ପରୀକ୍ଷାର୍ଥୀ କହିଛନ୍ତି, ଆସନ୍ତାକାଲି ସରକାର ଏକ ଉଚ୍ଚସ୍ତରୀୟ ବୈଠକ କରିବା ସହ ପରବର୍ତ୍ତୀ ନିଷ୍ପତ୍ତି ନେବେ। ତେବେ ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା କିନ୍ତୁ ମିଳିପାରିନି। ମାଲକାନଗିରିରୁ ମୟୁରଭଞ୍ଜ, ବଲାଙ୍ଗିରରୁ ବାଲେଶ୍ୱର। ରାଜ୍ୟବ୍ୟାପି ଜଓ, ଅମିନ ପରୀକ୍ଷା ବିଭ୍ରାଟର ଅଭିଯୋଗ। କେଉଁଠି ସପିଂ ମଲରେ ପରୀକ୍ଷା କରାଯାଉଛି ତ ଆଉ କେଉଁଠି କୌଣସି ଭିତ୍ତିଭୂମି ନଥିବା ସାଇବର କାଫେରେ ସରକାରୀ ନିଯୁକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ

▶▶ପୃଷ୍ଠା ୭

## ହୋଇନି ଗଣଦୁଷ୍କର୍ମ ! ସଂଜୟ ରାୟ ହିଁ ଏକମାତ୍ର ଅଭିଯୁକ୍ତ: ସିବିଆଇ




ନୂଆଦିଲ୍ଲୀ, ୭/୧୦ : କୋଲକାତା ବହୁ ଚର୍ଚ୍ଚିତ ଅଭୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସଂଜୟ ରାୟ । ଏନେଇ ଚାର୍ଜସିଟରେ ଉଲ୍ଲେଖ କରିଛି ସିବିଆଇ । ସିଆଲଦା ସ୍ପେଶାଲ କୋର୍ଟରେ ଆଜି ସିବିଆଇ ଚାର୍ଜସିଟ ଦାଖଲ କରିଛି । ୨୦୦ ଲୋକଙ୍କ ବୟାନ ଏହି ଚାର୍ଜସିଟରେ ଉଲ୍ଲେଖ କରାଯାଇଛି । କୋଲକାତା ପୋଲିସରେ ଠିକା କର୍ମଚାରୀ ଭାବେ କାର୍ଯ୍ୟକରୁଥିବା ସଂଜୟ ରାୟ ହିଁ ଏହି କାଣ୍ଡର ମୁଖ୍ୟ ଅଭିଯୁକ୍ତ ବୋଲି ଚାର୍ଜସିଟରେ ଦର୍ଶାଇଛି ସିବିଆଇ । ହସ୍ପିଟାଲ ସେମିନାର ରୁମରେ ରେଷ୍ଟ ପାଇଁ ମହିଳା ଡାକ୍ତର ଜଣଙ୍କ ଯାଇଥିବା ବେଳେ ଅପରାଧ ଭିଆଇଥିଲା ସଂଜୟ । ସିବିଆଇ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରେକର୍ଡ ହୋଇଥିବା ୨୦୦ ଜଣଙ୍କ ସାକ୍ଷ୍ୟରେ ସଂଜୟ ହିଁ ମୁଖ୍ୟ ଅଭିଯୁକ୍ତ । ଗଣଦୁଷ୍କର୍ମ ନେଇ ଅନେକ ଅଭିଯୁକ୍ତଙ୍କ ନାଁ ଆସୁଥିବାରୁ ବର୍ତ୍ତମାନ ବି ଘଟଣାର ତଦନ୍ତ ଜାରି ରଖିଛି ସିବିଆଇ । ଗତ ଅଗଷ୍ଟ ୯ ତାରିଖରେ ହସ୍ପିଟାଲ ସେମିନାର ହଲରେ ମହିଳା ଡାକ୍ତରଙ୍କ ମୃତଦେହ ମିଳିଥିଲା । ଘଟଣାର ସିବିଆଇ ତଦନ୍ତ ପାଇଁ କୋଲକାତା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଅଭୟାଙ୍କୁ ନ୍ୟାୟ ଦାବିରେ ସାରା ଦେଶରେ ଆନ୍ଦୋଳନ ବିକ୍ଷୋଭ ହୋଇଥିଲା । ଏବେ ବି କୋଲକାତାରେ ଆନ୍ଦୋଳନ ଚାଲିଛି । ଅଗଷ୍ଟ ୯ ତାରିଖରେ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା କରାଯାଇଥିଲା । ସିବିଆଇ ଅଧିକାରୀଙ୍କ କହିବା ଅନୁସାରେ, ସଞ୍ଜୟ ଜଣେ ବିକୃତ ମାନସିକତାର ବ୍ୟକ୍ତି । ଯାହାର ଅଭ୍ୟାସ ଥିଲା ପର୍ଣ୍ଣ ଭିଡିଓ ଦେଖିବା । ଖାଲି ଏତିକି ନୁହେଁ, ସେ ଜଣେ ପଶୁ ପ୍ରବୃତିର । ଦୁଷ୍କର୍ମ ଓ ହତ୍ୟା ଘଟଣା ଭଳି ଜଘନ୍ୟକାଣ୍ଡ ଘଟାଇବା ପରେ ମଧ ତାର କୌଣସି ପଶ୍ଚାତାପ ନାହିଁ । ସଞ୍ଜୟର ମୋବାଇଲରୁ ଅନେକ ଅଶ୍ଳୀଳ ଭିଡିଓ ମିଳିଛି । ସେ ଛୋଟରୁ ଛୋଟ ଘଟଣା କହିବା ସହ କେମିତି ଅପରାଧ

▶▶ପୃଷ୍ଠା ୭

# ଓଡ଼ିଶା ଅମଲା ସଂଘର ୮୧ତମ ପୂର୍ତ୍ତି ଉତ୍ସବ ପାଳିତ

ଜୟପୁର, ୦୭/୧୦ (ନି.ପ୍ର): ଓଡ଼ିଶା ଅମଲା ସଂଘର ୮୧ ତମ ପୂର୍ତି ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଶଶୀ ଭୂଷଣ ଦାସ ଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଶତାଧିକ ଅମଲା ଯୋଗଦାନ କରିଥିଲେ । କୋରାପୁଟ ଅମଲା ଭବନ ଠାରୁ ଏକ ଶୋଭାଯାତ୍ରା ବାହାରି ଆଦିବାସୀ ସଂଗ୍ରହାଳୟ ଠାରେ ପହଂଚି ଥିଲା । କୋରାପୁଟ ଜିଲ୍ଲାର ଆଦିବାସୀ ନୃତ୍ୟ ରିଞ୍ଜଡିରେ ବିଭିନ୍ନ ଜିଲ୍ଲା ଓ ରାଜ୍ୟରୁ ଆସିଥିବା ନେତୃବୃନ୍ଦଙ୍କୁ କୋରାପୁଟ ଜିଲ୍ଲା ଅମଲା ସଂଘ ଦ୍ୱାରା ସ୍ୱାଗତ କରାଯାଇଥିଲା । ଶୋଭାଯାତ୍ରା ଆଦିବାସୀ ସଂଗ୍ରହାଳୟ ଠାରେ ପହଂଚିଥିବା ପରେ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଶଶୀଭୂଷଣ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତିତ୍ୱ କରିଥିବା ବେଳେ ଲକ୍ଷ୍ମୀ ନାରାୟଣ ସେଠି ଓଡ଼ିଶା ଅମଲା ସଂଘ ରାଜ୍ୟ ଉପଦେଷ୍ଟା ମୁଖ୍ୟ ଅତିଥି, ସୁକାନ୍ତ କୁମାର ମହାପାତ୍ର ରାଜ୍ୟ ଉପସଭାପତି ଓଡିଶା ଅମଲା ସଂଘ ସମ୍ମାନିତ ଅତିଥି, ଶ୍ୟାମ ସୁନ୍ଦର ନାୟକ ରାଜ୍ୟ ଉପ ସଭାପତି ଓଡ଼ିଶା ଅମଲା ସଂଘ ମୁଖ୍ୟବକ୍ତା, ସୁନାକର ରାଉତ ପୂର୍ବତନ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ମୁଖ୍ୟବକ୍ତା, ରୂପ କେଶରୀ ଦଳେଇ, ସଞ୍ଜୟ କୁମାର ପଣ୍ଡା, ସମ୍ମାନିତ ଅତିଥି, ଜିତେନ୍ଦ୍ର କୁମାର ମୁଣ୍ଡ, ପର୍ଶୁରାମ ପାତ୍ର ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ସାଙ୍ଗଠନିକ ସମ୍ପାଦକ, ମହେଶ୍ୱର ମିଶ୍ର ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସମ୍ପାଦକ ସମ୍ମାନିତ ଅତିଥି ଭାବେ ମଂଚାସିନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ବୈଠକରେ କୋରାପୁଟ ଜିଲ୍ଲାର ବିଭିନ୍ନ ବିଭାଗରୁ ଅବସରପ୍ରାପ୍ତ କର୍ମଚାରିଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ନୂତନ ଭାବେ ଯୋଗଦାନ କରିଥିବା ସମସ୍ତ କନିଷ୍ଠ ସହାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଏଥିରେ ମୁଖ୍ୟତଃ ଲକ୍ଷ୍ମୀକାନ୍ତ ଦାଶ୍, କୈଳାଶ ସାମନ୍ତରାୟ, ଗୁପ୍ତ ପଟ୍ଟନାୟକ, ବିନାୟକ ମହାପାତ୍ର, କାଳିପ୍ରସାଦ ମିଶ୍ର, ରାଜିବ ପ୍ରଧାନ, ସଞ୍ଜୟ କୁମାର ରଥ, ରାମକୃଷ୍ଣ ପଣ୍ଡା, ରାଜେନ୍ଦ୍ର ନାରାୟଣ ପାଢ଼ୀ, ସୁଜାତା ମହାପାତ୍ର, ଆଦିକା ସଙ୍ଗୀତା, ମିନାକ୍ଷୀ ମଞ୍ଜରି ଦେଇ, ଅର୍ଚ୍ଚନା ବାଗ ଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଯୋଗଦାନ କରିଥିଲେ ।

# ଚମ୍ପୁଆରେ ଏମଆରପିଠାରୁ ଅଧିକ ଦରରେ ବିକ୍ରି ହେଉଛି ବିଦେଶୀ ମଦ : ଦୋକାନୀ ମାଲାମାଲ ଗ୍ରାହକ ବେହାଲ

ଚମ୍ପୁଆ, ୦୭/୧୦ (ନି.ପ୍ର): ଚୋରା ମଦ ବେପାରୀ ଓ ମଦୁଆଙ୍କ ଉପରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ନିଆ ଯାଉଛି ମାତ୍ର ଏମଆରପି ଠାରୁ ଢେର ଅଧିକ ଦରରେ ବିକ୍ରି କରୁଥିବା ସରକାରୀ ବିଦେଶୀ ମଦ ଦୋକାନୀ ପ୍ରତି ଅବକାରୀ ବିଭାଗର ଅହେତୁକ ଅନୁକମ୍ପା ଏବେ ଦିନକୁ ଦିନ ସାଧାରଣରେ ଅସନ୍ତୋଷକୁ ପୁଞ୍ଜିଭୁତ କରୁଛି । ଗତ କିଛି ବର୍ଷ ହେବ ରାଜ୍ୟରେ ମଦ ବିରୋଧୀ ଆନ୍ଦୋଳନ ଯେତେ ତୀବ୍ରତର ହେଉଛି ରାଜ୍ୟ ସରକାର ରାଜସ୍ୱ ଆଳରେ ସେତେ ଅଧିକା ମଦ ଦୋକାନକୁ ସ୍ୱୀକୃତି ଦେଇ ମଦ ବ୍ୟବସାୟକୁ ବ୍ୟାପକ କରିବାରେ ଲାଗିଛନ୍ତି । ଯାହା ପାଇଁ ରାଜ୍ୟରେ ମଦ କଳା ବଜାରୀ ମଧ୍ୟ ସମାନ୍ତରାଳ ଭାବେ ବୃଦ୍ଧି ପାଇଛି । ଅବକାରୀ ବିଭାଗର ଅପାରଗତା ହେଉ କି ଆନ୍ତରିକତାର ଅଭାବ ପାଇଁ ମଦ କଳା ବଜାରୀ ବୃଦ୍ଧି ପାଉଥିବା ବେଳେ ଏବେ ସରକାରୀ ମଦ ଦୋକାନ ଗୁଡିକ ମାକ୍ସିମମ ରିଟେଲ ପ୍ରାଇସ (ଏମଆରପି) ଠାରୁ ଢେର ଅଧିକ ଦରରେ ମଦ ବିକ୍ରି କରି ଗ୍ରାହକଙ୍କୁ ଖୋଲା ଖୋଲି ଭାବେ ଲୁଟୁଛନ୍ତି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଚମ୍ପୁଆ ଅଂଚଳରେ କୌଣସି ଗୋଟିଏ କିମ୍ବା ଦୁଇଟି କାଉଣ୍ଟରରେ ନୁହେଁ ବରଂ ଅଞ୍ଚଳର ସମସ୍ତ କାଉଂଟରରେ ପ୍ରତି ମଦ ବୋତଲର ଏମଆରପି ରେଟରୁ କୋଡିଏରୁ ପଚାଶ ଟଙ୍କା ପର ?ୟ୍ୟନ୍ତ ଅଧିକ ଚଢ଼ା ଦରରେ ମଦ ବିକ୍ରି କରି ମାଲିକ ମାଲାମାଲ ହେଉଥିବା ବେଳେ କାଉଣ୍ଟର ମାନଙ୍କରେ ଗ୍ରାହକଙ୍କୁ କୌଣସି ରସିଦ ମଧ୍ୟ ଦିଆ ଯାଉନାହିଁ । କାଉଣ୍ଟର ମାନଙ୍କରେ ଅଣଓଡ଼ିଆଙ୍କ ରାଜ ଚାଲୁଥିବା ବେଳେ ଗ୍ରାହକ ରସିଦ ମାଗିଲେ ମାଲିକ ମନା କରିଛନ୍ତି ଆମେ ରସିଦ ଦେଇ ପାରିବୁ ନାହିଁ, ତୁମେ ଯାହା କରିବ କର, ନବାର ଅଛି ତ ନିଅ ନ ହେଲେ ପଳାଅ କହି ଗ୍ରାହକଙ୍କୁ ନାଲି ଆଖି ଦେଖାଇ ଧମକ ଦିଆ ଯାଉଛି । ଯାହାକୁ ନେଇ ଅନେକ ସମୟରେ ଦୋକାନୀ ଏବଂ ଗ୍ରାହକ ମଧ୍ୟରେ କଥା କଟାକଟି ଯୁକ୍ତିତର୍କ ହେବା ପ୍ରାୟ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଏହି କାରବାର ଖୋଦ ଅବକାରୀ ବିଭାଗର ଜାଣତରେ ହେଉଥିବା ବେଳେ ବିଭାଗ ଆଖି ବନ୍ଦ କରି ଚୁପ ରହିବା ଏହି ଲୁଟ କାରବାରକୁ ବ୍ୟାପକ କରିଛି । ପ୍ରତ୍ୟେକ ମଦ ଦୋକାନ ସମ୍ମୁଖରେ ରେଟ ଚାର୍ଟ ଲାଗିବା ସହିତ ଗ୍ରାହକଙ୍କୁ ରସିଦ ଦେବାର ନିୟମ ରହିଥିବା ବେଳେ ଏହି ବିଷୟରେ ବାରମ୍ବାର ମଦ ଦୋକାନୀ ମାନଙ୍କୁ ନିର୍ଦ୍ଦେଶ ଦିଆ ଯାଉଥିଲେ ମଧ୍ୟ ଏହାକୁ କେହି ଖାତିର କରୁ ନାହାନ୍ତି । ଏପରିକି ଏମଆରପି ଠାରୁ ମାତ୍ରାଧିକ ଦରରେ ମଦ ବିକ୍ରିକୁ କିଛି ଗ୍ରାହକ ମୁହଁ ଖୋଲି ବିରୋଧ କରୁଥିବା ବେଳେ ଆଉ କିଛି ଲୋକ ଲଜ୍ୟା ଭୟରେ ପାଟି ଖୋଲୁ ନ ଥିବାରୁ ଏହାକୁ କାଉଂଟର ଗୁଡିକ ସୁଯୋଗ ମନେ କରୁଛନ୍ତି । ଏହାକୁ ନେଇ ବିଗତ ଦିନରେ ବହୁବାର ଚମ୍ପୁଆ ଅବକାରୀ ବିଭାଗ କାର୍ଯ୍ୟାଳୟରେ ହୋହାଲା ମଧ୍ୟ ହୋଇ ଥିବାର ନଜିର ରହିଛି, ହେଲେ ଚେଇଁ ଶୋଇଥିବ ଯିଏ ତାକୁ ଉଠେଇବ କିଏ ନୀତିରେ ଚମ୍ପୁଆ ଅଂଚଳରେ ଥିବା ପ୍ରାୟ ସମସ୍ତ ସରକାରୀ ମଦ କାଉଂଟରରେ ଏହି ଅବ୍ୟବସ୍ଥା ଦୈନିକ ଚାଲୁ ଥିଲେ ହେଁ ଅବକାରୀ ବିଭାଗ ଲୋକ ଦେଖାଣିଆ କେବଳ ଦେଶୀ ମଦ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି । ବିଭାଗୀୟ ଅଧିକାରୀ ମାନେ ସବୁ ଜାଣି ମଧ୍ୟ ବିଦେଶୀ ମଦ କାଉଣ୍ଟର ଗୁଡିକ ପ୍ରତି ନିରବଦ୍ରଷ୍ଟା ପାଲଟିବା ଏହି ଦୁର୍ନୀତିରେ ମଦ କାଉଣ୍ଟର ମାଲିକ ଓ ଅବକାରୀ ବିଭାଗ ଅଧିକାରୀଙ୍କ ମଧୁଚନ୍ଦ୍ରିକାକୁ ପଦାରେ ପକାଇଛି । ଯାହାକୁ ନେଇ ଦିନକୁ ଦିନ ଅଂଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# ବିଜେପି କୃଷକ ମୋର୍ଚ୍ଚାର ବୈଠକ

ଜୟପୁର, ୦୭/୧୦ (ନି.ପ୍ର): ନିର୍ବାଚନ ମଣ୍ଡଳୀର ଆମ୍ବାଗୁଡା ଠାରେ ବିଜେପି ପକ୍ଷରୁ ସଦସ୍ୟ ଗ୍ରହଣ ଓ କୃଷକ ସମ୍ମାନୀତ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ ଉପ ସଭାପତି ବିପଦ ଭଞ୍ଜନ ଦାସ, କୋରାପୁଟ ବିଧାୟକ ରଘୁରାମ ମାଛ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଭଗବାନ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ ବିଗତ ୨୪ବର୍ଷର ବିଜେଡି ଶାସନ କାଳରେ କୃଷି କ୍ଷେତ୍ରରେ ବ୍ୟାପକ ଦୁର୍ନିତ ଏବଂ କୃଷକ ମାନଙ୍କୁ ଅବହେଳା କରାଯାଉଥିଲା । ଏବେ ବିଜେପିର ଡବଲ ଇଞ୍ଜିନ ସରକାର ଆସିବା ପରେ କୃଷି କ୍ଷେତ୍ରରେ ଉନ୍ନତି ଆସିବ, ସମସ୍ତ ଚାଷ ଜମିକୁ ଜଳ ସେଚନ କରାଯିବ, କୃଷି ଜାତ ଦ୍ରବ୍ୟ ର ଉତ୍ପାଦନ ହାର ବୃଦ୍ଧି କରାଯାଇ ଚାଷୀ ଙ୍କୁ ଅଧିକ ଲାଭବାନ କରିବା ନେଇ ବିଜେପି ସରକାରଙ୍କ ଲକ୍ଷ ।

# କୋଟଗଡ ଆଦର୍ଶ ସାହିର ସମସ୍ୟା : ଶୋଷ ମେଂଟାଉଛି ଚୁଆ ପାଣି

କନ୍ଧମାଳ, ୦୭/୧୦ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାର ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଯୋଜନା ପରେ ଯୋଜନା କରୁଛନ୍ତି ତଥାପି ଜିଲ୍ଲାର ଅଧିକାଂଶ ଦୁର୍ଗମ ଅଂଚଳକୁ ମୌଳିକ ସୁବିଧା ପହଂଚି ପାରୁନି । ଏପରିକି ରାସ୍ତା ଘାଟ, ବିଶୁଦ୍ଧ ଜଳ ଯୋଗାଣ ସାତ ସପନ ହୋଇଛି । ସେହିଭଳି ଏକ ଗାଁ କୋଟଗଡ ବ୍ଲକ ଅନ୍ତର୍ଗତ କୋଟଗଡ ପଂଚାୟତର ଆଦର୍ଶ କଲୋନୀ, କହଁର ସାହି, ରୂପା ଝରି ସାହି । ଉକ୍ତ ସାହିରେ ୫୦ ରୁ ଅଧିକ ପରିବାର ଲୋକେ ବସବାସ କରନ୍ତି । ଏଠାର ଲୋକ ସଂଖ୍ୟା ପ୍ରାୟ ୧୨୦ ରୁ ଉର୍ଦ୍ଧ ହେବ । ଏଠାରେ ଲୋକେ ବସବାସ କଲେଣି ପ୍ରାୟତଃ ୫୦ ବର୍ଷ ହେବ; କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ କୋଟଗଡ଼ ପଂଚାୟତ ଠାରୁ ପ୍ରାୟ ୨ କି.ମି. ଦୂରତା ହେବ । କିନ୍ତୁ ଦୀପ ତଳେ ଅନ୍ଧାର ଭଳି ସ୍ଥିତି । ପଂଚାୟତ କାର୍ଯ୍ୟାଳୟ ଠାରୁ ଅତି ନିକଟରେ ଏହି ସାହି ଗୁଡିକ ହେଲେ ଆଜି ପର୍ଯ୍ୟନ୍ତ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି ଏହି ସାହି ବାସିନ୍ଦା । ଉକ୍ତ ଗ୍ରାମର ସାହି ଗୁଡିକୁ ଯିବା ଆସିବା କରିବା ପାଇଁ ଭଲ ପକ୍କା ରାସ୍ତା ଟିଏ ନାହିଁ । ଯେଉଁ ରାସ୍ତା ଟିଏ ଅଛି ବର୍ଷା ହେଲେ କାଦୁଅ ସରବର । ବର୍ଷା ହେଲେ ବର୍ଷା ପାଣି ରାସ୍ତା ଉପରେ ଜମାଟ ବାନ୍ଧି ରହିଥାଏ । ରାସ୍ତା ଘାଟ, ଅଛି ନା ଡ୍ରେନ ର କୌଣସି ସୁବିଧା ଅଛି । ଯାହା ଫଳରେ ଯାତାୟାତ ବାଧା ପ୍ରାପ୍ତ ହୁଏ । ପାନୀୟ ଜଳ କଥା ନକହିବା ଭଲ ଉକ୍ତ ସାହି ଗୁଡିକରେ । ୨ଟି ନଳକୂପ ଅଛି ସତ କିନ୍ତୁ ସେଥିରୁ କଳଙ୍କି ପାଣି ବାହାରୁଛି । ସେହି ପାଣି ମଧ୍ୟ ଗୋଳିଆ, କାଦୁଅ ପାଣି, ଦଶ ପନ୍ଦର ଥର ନଳକୂପ ମାରିଲା ପରେ ହିଁ ବହୁ କଷ୍ଟରେ ପାଣି ବାହାରେ । ଏହି ପାଣିକୁ ବ୍ୟବହାର କରିବା ସମ୍ଭବ ନାହିଁ । ଶେଷରେ ଗ୍ରାମର ଲୋକେ ଏକ ନାଳ ନିକଟରେ ଏକ ଗର୍ତ କରି କୁଣ୍ଡ ନିର୍ମାଣ କରି ସେହି କୁଣ୍ଡ ପାଣିକୁ ଗାମୁଛା ସାହାଯ୍ୟରେ ବାଲ୍ଟି, ହାଣ୍ଡି, ଗୋରିଆ, ମାଠିଆରେ ଛାଣି ଛାଣି ଆଣି ପାନୀୟ ଜଳ ରୂପେ ବ୍ୟବହାର କରନ୍ତି । ପାଣି, ରାସ୍ତା ଘାଟ ସମସ୍ୟା ନେଇ ବାରମ୍ବାର ପ୍ରଶାସନକୁ ଜଣାଇବାରେ ଆଜି ପର୍ଯ୍ୟନ୍ତ ପାଣିର ସମସ୍ୟା ଦୂର ହେଲାନାହିଁ । ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ସହରାଚଂଳ ଠାରୁ ଆରମ୍ଭ କରି ଗ୍ରାମାଚଂଳ ପର୍ଯ୍ୟନ୍ତ ସ୍ୱଚ୍ଛ ପାନୀୟ ଜଳ, ରାସ୍ତା ଘାଟ ଯୋଗାଇ ଦେଉଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି ସତ କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଆଦର୍ଶ କଲୋନୀ, କହଁର ସାହି, ରୂପା ଝରି ସାହି ଗୁଡିକୁ ତୁରନ୍ତ ରାସ୍ତାଘାଟ ଓ ସୋଲାର ପାଣି ଟାଙ୍କି କିମ୍ବା ବସୁଧା ପାଣି ଟାଙ୍କିର ବ୍ୟବସ୍ଥା ଯୋଗେଇ ଦେବାକୁ ଦାବି କରିଛନ୍ତି । ସରକାର ଏଥି ପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଅଂଚଳ ବାସୀ କହିଛନ୍ତି । ଅଭିଯୋଗକାରୀ ଯଥା ସୁଶୀଳା କହଁର, ସୁମିତ୍ରା କହଁର, ସରିତା କହଁର, ରୋମା କହଁର, ତପକୀ କହଁର, ଗୌତମ କହଁର, ରଜତ କହଁର, ସୁଲଚନା ମଲିକ, ବଂଗଡି କହଁର, ଲମ୍ବୋଦର କହଁର, ବିଭୀଷଣ ଉଠାଣ ସିଂ, ଘାସିରାମ ପ୍ରଧାନ, କବିରାଜ ପ୍ରଧାନ, ବାଲେଶ୍ୱର କହଁର, ଗୋବିନ୍ଦ ବିନ୍ଧାଣି ।

# ସ୍ରିନିକ୍ସ କଲେଜ ଅଫ ଇଂଜିନିୟରିଂରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗରେ ଆସୋସିଏସନ ନାମରେ ଏକ ସଂଗଠନ ପରିକଳ୍ପନା ଉନ୍ମୋଚନ ହୋଇଯାଇଛି

ବାଲେଶ୍ୱର , ୦୭/୧୦ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ଗୋପଲୋଗାଁ ସ୍ଥିତ ବୈଷୟିକ ବିଦ୍ୟାଳୟ ସ୍ରିନିକ୍ସ କଲେଜ ଅଫ ଇଂଜିନିୟରିଂ ରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗରେ ଛାତ୍ର ଛାତ୍ରୀ ଅଧ୍ୟାପକ ଓ ଅଧ୍ୟାପିକା ଙ୍କ ସହାୟତାରେ ୫ ତାରିଖ ଦିନ ଅନୁଷ୍ଠାନ ରେ ନୂତନ ଆସୋସିଏସନ ଇ. ଇ. ଏସ . ଏ ନାମରେ ଏକ ସଂଗଠନ ପରିକଳ୍ପନା ଉନ୍ମୋଚନ ହୋଇଯାଇଛି । ଅନୁଷ୍ଠାନରେ ଅଧ୍ୟକ୍ଷ ଡ଼. ଯୋଶବନ୍ତ କୁମାର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସ୍ୱତନ୍ତ୍ର ସାଂଗଠାନିକ ଉତ୍ସବରେ ଅନୁଷ୍ଠାନ ଡିନ ଡକ୍ଟର ଅରବିନ୍ଦ ପଣ୍ଡା ଫିତା କାଟି ଉନ୍ମୋଚନ କରିବା ସହ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ଏହି ସଂଗଠନ ଇ. ଇ. ଏସ . ଏ ର ଆଭିମୁଖ୍ୟ ଏହି କି ଯେ - ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗରେ ସମସ୍ତ ବୈଷୟିକ ଛାତ୍ର ଛାତ୍ରୀଙ୍କ ବୌଦ୍ଧିକ ବିକାଶ କ୍ଷେତ୍ର ତଥା ନିଯୁକ୍ତି କ୍ଷେତ୍ର ଇତ୍ୟାଦିରେ ଏକ ମାଇଲ ଖୁଣ୍ଟ ଭାବେ ସହାୟକ ହେଇପାରିବ । ଅନୁଷ୍ଠାନ ଡିନ ଶ୍ରୀ ପଣ୍ଡା ଙ୍କ ପଣ ରେ ଏହି ସଂଗଠନ ଏକ ଉଚିତ୍ ପ୍ଲାଟଫର୍ମ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀ ମାନେ ଏକ ପୋଷ୍ଟର ପ୍ରେଜେଣ୍ଟେସନ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ ସମସ୍ତ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେଇଥିଲା । ଏହି ଉତ୍ସବ ରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗରେ ମୁଖ୍ୟ ଇଂ ପ୍ରଶାନ୍ତ କୁମାର ତ୍ରିପାଠି ଙ୍କ ସମେତ ଇଂ ବନଜା ମହାପାତ୍ର , ଇଂ ସ୍ମିତା ପ୍ରଧାନ , ଇଂ ଶୁଭ୍ରାଂଶୁ , ଆଡମିନିଷ୍ଟ୍ରେଟିଭ ଅଫିସର ଇଂ ସୁଭଶିଶୀ ପଣ୍ଡା ,ଇଂ ରାଜୀବ କୁମାର ଗାରୁ ,ଇଂ ସୁଶାନ୍ତ କୁମାର ଜେନା ,ଇଂ ସଂଗ୍ରାମ କୁମାର ସାହୁ , ଇଂ ଶାନ୍ତିପ୍ରିୟ ଆଚାର୍ଯ୍ୟ , ଇଂ ଗଣପତି ସାହୁ , ଇଂ ଜୀବନ ସାମଲ , କମ୍ପ୍ୟୁଟର ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଇଂ ସରିତା ଦାସ , ମ୍ୟାନେଜମେଣ୍ଟ ରେ ଶ୍ରୀ ସୁମନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଇ. ଇ. ଏସ . ଏ ର ସେକ୍ରେଟାରୀ ଛାତ୍ର ଶ୍ରୀତମ କୁମାର ବେହେରା ଙ୍କ ସମେତ ସମସ୍ତ ଛାତ୍ର ଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପ୍ରେସିଡେଣ୍ଟ ଇଂ ମହାପାତ୍ର ଛାତ୍ର ଛାତ୍ରୀ ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ପୂର୍ବରୁ ଆୟୋଜିତ ହେଇଥିବା ପ୍ରୋଟିଯୋଗିତାର କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ଅଧ୍ୟାପକ ଇଂ ମନୋଜ୍ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ସ୍ୱଚ୍ଛତା ହିଁ ସେବା ଶିବିର ଆୟୋଜିତ

ବଲାଙ୍ଗିର, ୦୭/୧୦ (ନି.ପ୍ର): ନାବାର୍ଡ ଦ୍ୱାରା ପ୍ରଯୋଜିତ ଏବଂ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଛତାମଖନା ଦ୍ୱାରା ସ୍ୱଚ୍ଛତା ହିଁ ସେବା ୨୦୨୪ ଏବଂ ଆର୍ଥିକ ସ୍ୱାକ୍ଷରତା ଶିବିର ଛତାଖମନା ଗ୍ରାମରେ ଆୟୋଜିତ ହୋଇଯାଇଛି । ଏଥିରେ ଉପକାର କଳାକାର ବଲାଙ୍ଗିରଙ୍କ ଦ୍ୱାରା ଲଘୁ ନାଟକ ମାଧ୍ୟମରେ ସ୍ୱଚ୍ଛ ଭାରତ ସଚେତନା କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଡିଡିଏମ୍ ନାବାର୍ଡ ଡ. ବିବେକ କୁମାର ନାୟକ, ଏଲ୍‌ଡିଏମ୍ ବଲାଙ୍ଗିର ପ୍ରଶାନ୍ତ କୁମାର ବେହେରା, ରିଜିଓନାଲ ମ୍ୟାନେଜର ସୂର୍ଯ୍ୟକାନ୍ତ ସାହୁ, ମ୍ୟାନେଜର ଏଡ୍ ?ମିନ୍ ହିରଣ୍ୟମୟ ଦଲାଇ ଏବଂ ଶାଖା ପରିଚାଳକ ଋଷଭରାଜ ଗନ୍ତାୟତ ଯୋଗ ଦେଇଥିଲେ । ଏସ୍‌ଏଚ୍‌ଜି ମାଁ ମାନଙ୍କ ଦ୍ୱାରା ମାଁଙ୍କ ନାମରେ ଗୋଟିଏ ଗଛ ଲଗାଇବା କାର ?ୟ୍ୟକ୍ରମ କରାଯାଇଥିଲା । ଏହି ଶିବିରରେ ଆଖ ପାଖ ଗ୍ରାମରୁ ପ୍ରାୟ ୭୦୦ରୁ ଅଧିକ ଲୋକ ଯୋଗ ଦେଇଥିଲେ । ସରକାରଙ୍କ ସାମାଜିକ ସୁରକ୍ଷା ଅଧିନସ୍ଥ ପିଏମ୍‌ଜେଜେବିୱାଇ ହିତାଧିକାରୀ ତୁଳସୀ କର୍ଣ୍ଣ, ନିଳାବତି ମେଶ୍ରା ଓ ଜଳ ବାରିକଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଚେକ୍ ଡ. ବିବେକ କୁମାର ନାଏକ ଡିଡିଏମ୍ ନାବାର୍ଡ ଏବଂ ପ୍ରଶାନ୍ତ କୁମାର ବେହେରା ଏଲ୍‌ଡିଏମ୍ ବଲାଙ୍ଗିରରୁ ପ୍ରଦାନ କରିଥିଲେ । ତୁଳସି ଏସ୍‌ଏଚ୍‌ଜି ଓ ତାରିଣୀ ଏସ୍‌ଏଚ୍‌ଜିଙ୍କୁ ଋଣ ୬ ଲକ୍ଷ ଟଙ୍କାର ଚେକ୍ ସୂର୍ଯ୍ୟକାନ୍ତ ସାହୁ ଆରଏମ୍ ବଲାଙ୍ଗିର ପ୍ରଦାନ କରିଥିଲେ ଏବଂ ହିରଣ୍ୟମୟ ଦଲାଇ ଆଡମିନ୍ ବଲାଙ୍ଗିର ଏକ ଗୋଟି ମୁଦ୍ରା ଲୋନ୍ ୫ ଲକ୍ଷ ଟଙ୍କା କୈଳାସ ମେଶ୍ରାଙ୍କୁ ପ୍ରଦାନ କରିଥିଲେ । ସଭା କାର୍ଯ୍ୟକୁ ଡ. ଦୈତାରି ପୁଜାରି ପରିଚାଳନା କରିଥିଲେ ଏବଂ ଶେଷରେ ଶାଖା ପରିଚାଳକ ଋଷଭରାଜ ଗନ୍ତାୟତ ଧନ୍ୟବାଦ ଦେଇଥିଲେ ।

# ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଲେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଛାତ୍ର ରୋହିତ ପାତ୍ର

ଜୟପୁର, ୦୭/୧୦ (ନି.ପ୍ର): ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଲେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଛାତ୍ର ରୋହିତ ପାତ୍ର । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର ଗଣିତ ବିଭାଗର ପ୍ରଥମ ବର୍ଷର ଛାତ୍ର ରୋହିତ ପାତ୍ର ଦକ୍ଷିଣ ଆଫ୍ରିକାର ସନ୍ ସିଟିରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ ଚାମ୍ପିୟନଶିପରେ ୧୨୦ କିଲୋଗ୍ରାମ+ ସବ୍ ଜୁନିୟର ବର୍ଗରେ ଡେଡ ଲିଫ୍ଟ ରେ ସ୍ୱର୍ଣ୍ଣ ପଦକ ଏବଂ ବେଂଚ ପ୍ରେସରେ ରୌପ୍ୟ ପଦକ ହାସଲ କରିଛନ୍ତି । ଇଂଲଣ୍ଡର ୱିଲ ଆଣ୍ଡର୍ସ ଏବଂ ଉତର ଆୟର୍ଲାଣ୍ଡର ଜ୍ୟାକ୍ ଗ୍ରାହାମଙ୍କ ଭଳି ଶୀର୍ଷ ଆଥଲେଟ୍‌ଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରି ରୋହିତଙ୍କ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ବିଶ୍ୱ ସ୍ତରରେ ଚମତ୍କାର ପ୍ରଦର୍ଶନ କରିବା ସହ ଏହି ପଦକ ହାସଲ କରି ଭାରତ ଏବଂ ତାଙ୍କ ବିଶ୍ୱବିଦ୍ୟାଳୟ ଏବଂ ତାଙ୍କ ସହର କୋରାପୁଟକୁ ଗର୍ବିତ କରିଛନ୍ତି । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ରୋହିତଙ୍କ ଏହି ସଫଳତା କେବଳ ବିଶ୍ୱବିଦ୍ୟାଳୟ ପାଇଁ ନୁହେଁ ବରଂ ସମଗ୍ର ଦେଶ ପାଇଁ ଗର୍ବ ଆଣିଛି ବୋଲି ଆଲୋକପାତ କରିଥିଲେ । ରୋହିତଙ୍କ ବିଜୟ କେବଳ ତାଙ୍କ ପାଇଁ ନୁହେଁ ବରଂ ଆମ ବିଶ୍ୱବିଦ୍ୟାଳୟ, ଆମ ରାଜ୍ୟ ଏବଂ ଆମ ଦେଶ ପାଇଁ ଏକ ଐତିହାସିକ ମୁହୂର୍ତ । ତାଙ୍କର କର୍ତବ୍ୟ ଏବଂ ନିଷ୍ଠା ତାଙ୍କୁ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଆଦିବାସୀ ଐତିହ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଜଣାଶୁଣା କୋରାପୁଟରେ ଏହି ସଫଳତା ଏବେ ପାୱାରଲିଫ୍ଟିଂ ଚାମ୍ପିୟନ ସୃଷ୍ଟି ପାଇଁ କୋରାପୁଟ ପରିଚିତ ହେବ ବୋଲି ପ୍ରଫେସର ତ୍ରିପାଠୀ କହିଛନ୍ତି । ଏଠାରେ ସୂଚନା ଥାଉ କି ସନ୍ ସିଟିରେ ଅନୁଷ୍ଠିତ ଏହି ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ ଚାମ୍ପିୟନଶିପ ଗତ ଅକ୍ଟୋବର ୪ ତାରିଖରୁ ଆରମ୍ଭ ହୋଇଯାଇଛି ଏବଂ ଏହା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ରୋହିତ ତାଙ୍କ ପିତା ଓ ଭାଇଙ୍କୁ ତାଙ୍କର ସବୁଠାରୁ ବଡ଼ ପ୍ରେରଣା ବୋଲି ଶ୍ରେୟ ଦେଇଛନ୍ତି ଏବଂ ସେମାନଙ୍କ ନିରନ୍ତର ସମର୍ଥନକୁ ତାଙ୍କ ସଫଳତା ପଛରେ ପ୍ରେରକ ଶକ୍ତି ବୋଲି ଦର୍ଶାଇଛନ୍ତି । ରାଜସ୍ଥାନର ଶ୍ରୀ ଗଙ୍ଗାନଗରରେ ଅନୁଷ୍ଠିତ ଜାତୀୟ ପାୱାରଲିଫ୍ଟିଂ ପ୍ରତିଯୋଗିତାରେ ୩ଟି ସ୍ୱର୍ଣ୍ଣ ପଦକ ଓ ଗୋଟିଏ ରୌପ୍ୟ ପଦକ ହାସଲ କରି ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଉଥିଲେ । କ୍ରୀଡ଼ାରେ ଉତ୍କୃଷ୍ଟ ହେବା ବ୍ୟତୀତ ରୋହିତ ସମନ୍ୱିତ ଗଣିତର ସ୍ନାତକୋତ୍ତର ଛାତ୍ର ଭାବରେ ନିଜର ଶିକ୍ଷାଗତ କାର୍ଯ୍ୟକୁ ସନ୍ତୁଳିତ କରିବା ଜାରି ରଖିଛନ୍ତି, ଯାହା ତାଙ୍କ ସଫଳତାରେ ଅଧିକ ଭିନ୍ନତା ଯୋଡିଛି । ସମଗ୍ର ବିଶ୍ୱବିଦ୍ୟାଳୟ ସମୁଦାୟ ରୋହିତଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଲ୍ଲେଖନୀୟ ସଫଳତାକୁ ପାଳନ କରିବା ପାଇଁ ଏକାଠି ହୋଇଛନ୍ତି ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣେଇଛନ୍ତି । ରୋହିତ ପାତ୍ର ଭାରତୀୟ ପାୱାରଲିଫ୍ଟିଂରେ ଜଣେ ଉଦୀୟମାନ ତାରକା ଏବଂ କୋରାପୁଟ ତଥା ଏହା ବାହାରେ ଯୁବବର୍ଗଙ୍କ ପାଇଁ ଆଦର୍ଶ ଭାବରେ ନିଜକୁ ଦୃଢ଼ ଭାବରେ ପ୍ରତିଷ୍ଠିତ କରିଛନ୍ତି ।

# ସୁବର୍ଣ୍ଣପୁରଠାରେ ବନ୍ୟ ପ୍ରାଣୀ ସଂରକ୍ଷଣ ସପ୍ତାହ ପାଳନ : ମଣିଷ ସମାଜ ବଂଚିବାକୁ ହେଲେ ପ୍ରାକୃତିକ ଭାରସାମ୍ୟ ଅପରିହାର୍ଯ୍ୟ: ଏଡିଏମ୍

ସୁବର୍ଣ୍ଣପୁର, ୦୭/୧୦ (ନି.ପ୍ର): ସୁବର୍ଣ୍ଣପୁର ବନଖଣ୍ଡ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ୭୦ତମ ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ପାଳନ କରଯାଇଛି କ୍ଷ ଏଥିରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଏଡିଏମ୍ ରାଜେନ୍ଦ୍ର ମାଝି ଯୋଗ ଦେଇ ମଣିଷ ସମାଜ କୁ ତିଷ୍ଠି ରହିବାକୁ ହେଲେ ପ୍ରାକୃତିକ ଭାରସାମ୍ୟ ଅପରିହାର୍ଯ୍ୟ ବୋଲି ମତ ପ୍ରକାଶ କରି ଏଥି ପାଇଁ ବନ୍ୟ ପ୍ରାଣୀ ଙ୍କ ସୁରକ୍ଷା ଜରୁରୀ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର ନାୟକ, ଅଧ୍ୟାପକ ଉମାକାନ୍ତ ନାଗ ଯୋଗ ଦେଇ ବନ୍ୟ ପ୍ରାଣୀ ସଂରକ୍ଷଣ ପାଇଁ ଲୋକ ଙ୍କୁ ଆଗେ ସଚେତନତା ସୃଷ୍ଟି କରିବାକୁ ହେବ ବୋଲି ମତ ପ୍ରକାଶ କରିଥିଲେ । ମନୋଜ କୁମାର ପଣ୍ଡାଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି । ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା ସଭାରେ ଅଧ୍ୟକ୍ଷତା କରି ବନ୍ୟପ୍ରାଣୀ ସଂରକ୍ଷଣରେ ଲୋକମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିବା ସହ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ଗିରିଧାରୀ ନାଗ ଓ ଅବିନାଶ ବରିହା ସଭାରେ ମଂଚାସୀନ ଥିବା ବେଳେ ସହକାରୀ ବନସଂରକ୍ଷକ ରାଜକୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଅବସରରେ ପୂର୍ବରୁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଭୟ ଜୁନିୟର ଓ ସିନିୟର ବିଭାଗରେ କୃତି ଛାତ୍ରୀଛାତ୍ର ଆକୃତି ମିଶ୍ର, ବାବୁଲୁ ରଣା, ମହେଶ ମେହେର, ଅଙ୍କିତା ବାରିକ, ରାଜହଂସିନୀ ମହାନନ୍ଦ ଓ ବିଶ୍ୱଭାରତୀ ଦାଶଙ୍କୁ ଅତିଥି ଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରା ଯାଇଥିଲା । ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାମ ପାଇଁ ସୋନପୁର ଉପଖଣ୍ଡର ସୁମିତ କୁମାର ଶତପଥୀ ଓ ବୀରମହାରାଜପୁର ଉପଖଣ୍ଡର ସତ୍ୟଜିତ ଗାଡୁଆଙ୍କୁ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ସ୍ୱରୂପ ୫ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା । ସେହିପରି ଡୁଙ୍ଗୁରିପାଲି ବ୍ଲକର ବାଧଲୁପାଲି, ଆନିସ୍ କନଭେଂଟ ସ୍କୁଲ ଓ ଉଲୁଣ୍ଡା ପିପିଲିକାନୀର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ପ୍ରକୃତିମିତ୍ର ପୁରସ୍କାର ସ୍ୱରପ ୨୦ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା । ସେହିପରି ବିନିକା ଉର୍ଲେର ଖବରଦାତା ତଥା ସାମାଜିକକର୍ମୀ ରାମଗୋପାଳ ବାଘ, ଉଲୁଣ୍ଡା ବାମରାଜର ଯୁବ ସାମାଜିକକର୍ମୀ ମନୋଜ କୁମାର ପଣ୍ଡା, ବୀରମହାରାଜପୁର ବ୍ଲକ ମେଣ୍ଡାମାଳର ମନୋରଞ୍ଜନ ଜଗଦଳା, ଡୁଙ୍ଗୁରିପାଲି ବ୍ଲକର ଦୁଷ୍ମନ୍ତ ପଧାନ, ସୋନପୁର ବ୍ଲକ ଖାରୀର ସ୍ୱପ୍ନେଶ୍ୱର ମିଶ୍ର ଓ ମାଟୁପାଲିର ଧବଳେଶ୍ୱର ଭୁକ୍ତାଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ ପୁରସ୍କାର ସ୍ୱରୂପ ୧୦ ହଜାର ଟଙ୍କା ମାନପତ୍ର ପ୍ରଦାନ କରାଯାଇଛି । ପ୍ରକାଶ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୋନପୁର ରେଞ୍ଜର ସୁବାସ ମହାପାତ୍ର, ଉଲୁଣ୍ଡା ରେଞ୍ଜର ସଞ୍ଜିବ୍ କୁମାର ରାଉତ ଓ ବିନିକା ରେଞ୍ଜର ଡମ୍ବରୁଧର ପ୍ରଧାନ, ବନପାଳ ଭକ୍ତବନ୍ଧୁ ମିଶ୍ରଙ୍କ ସମେତ ସୋନପୁର, ଉଲୁଣ୍ଡା, ବିନିକା ଏବଂ ବୀରମହାରାଜପୁର ରେଞ୍ଜର ସମସ୍ତ ବନକର୍ମଚାରୀ ଯୋଗ ଦେଇ କାର୍ଯକ୍ରମରେ ସହଯୋଗ କରିଥିଲେ ।

# ବେଆଇନ ଭାବେ ସୁବର୍ଣ୍ଣରେଖାନଦୀରୁ ବାଲି ଉଠାଣ: ଏସପି-ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳ ବାସୀଙ୍କ ଦାବି

ଜଳେଶ୍ୱର, ୦୭/୧୦ (ନି.ପ୍ର): ରାଇବଣିଆ ଏବଂ ଜଳେଶ୍ୱର ଥାନା ଦକ୍ଷିଣ ପ୍ରହରାଜ ପୁର, ପ୍ରହରାଜ ପୁର, ଶିଖରପୁର, ଚାଲନ୍ତି , ଗୁଆଗୋଡିଆ,ନିକଟରୁ ଚାଲିଛି ବେଆଇନ ଭାବେ ଅବାଧରେ ବାଲି ଉଠାଣ । ଦୈନିକ ଶହ ଶହ ଟ୍ରିପ ବାଲି ଚାଲାଣ ହେଉଛି । ମାତ୍ର ଏଥିପ୍ରତି ପ୍ରଶାସନର କୌଣସି ନିଘା ନାହିଁ କି ଅଙ୍କୁଶ ନାହିଁ । ଏଥିପ୍ରତି ଏସପି ଓ ଜଲ୍ଲାପାଳଙ୍କ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଜଳେଶ୍ୱର ତହସିଲ ଦକ୍ଷିଣ ପ୍ରହରାଜ ପୁର ଆରଆଇ ସର୍କଲର ଉକ୍ତ ସ୍ଥାନରେ ଏପରି ବାଲି ଉଠାଣ ଦିନରାତି ଚାଲିଛି । କିଛି ଲୋକ ଚୋରା ବାଲି ଉଠାଣ ଓ ଚାଲାଣକୁ ନିଜର ପେଶ କରିସାରିଲେଣି । ଦିନ ରାତି ଜେସିବି ବେଲଚା, ଓ ଡଙ୍ଗା ଦ୍ୱାରା ବାଲି ଉଠାଇ କୂଳକୁ ବୋହି ନେଇ ଟ୍ରକ, ଟ୍ରାକ୍ଟର, ଦମ୍ଫର୍ ଦ୍ୱାରା ଚାଲାଣ କରାଯାଉଛି । ଏହା ଦ୍ୱାରା ବ୍ୟାପକ ସରକାରୀ ରାଜସ୍ୱ ହାନୀ ହେଉଥିବାବେଳେ ବାଲି ଚାଲାଣ ଯୋଗୁଁ ରାସ୍ତାଘାଟ ମଧ୍ୟ ଖରାପ ହେଉଛି । ଓ ରାତ୍ରୀ ୧୨ରୁ ରାସ୍ତାରେ ଚାଲିଛି ଲମ୍ବା ଲାଇନରେ ଟ୍ରାକ୍ଟର ଯେହେତୁ ଡିପିପୁର ଅଞ୍ଚଳ ଅଣଉସାରିଆ ରାସ୍ତା ହୋଇ ଥିବାରୁ ଘଣ୍ଟା ଘଣ୍ଟା ଧରି ଆମ୍ବୁଲାନ୍ସ ମଧ୍ୟ ଛିଡା ହୋଇ ରହୁଛି ଅନେକ ସମୟରେ ଗାଡ଼ିର ବିଳମ୍ବ ହେତୁ ରୋଗୀ ମାନେ ମୃତ୍ୟୁର ଶିକାର ହେଉଛନ୍ତି ଓ ରାତି ତମାମ ଘୋ'ଘା ଶବ୍ଦରେ ଲୋକେ ଅତିଷ୍ଠ ହେଉଛନ୍ତି । ଓ ନଦୀ କୂଳିଆ ଲୋକଙ୍କ ରାତିରେ ଶୋଇବା ସ୍ୱପ୍ନ ହୋଇ ପଡ଼ିଛି । ସବୁଠାରୁ ବଡ଼ କଥା ନାବାଳକ ଏବଂ ମଦୁଆଙ୍କ ହତାରେ ଟ୍ରାକ୍ଟର ଦେବା ଫଳରେ ଲୋକ ଜୀବନ ହାନି ହେବାର ଆଶଙ୍କା କରାଯାଉଛି । ଏଭଳି ଚୋରା ବାଲି ଚାଲାଣକାରୀ ଙ୍କ ବିରୁଦ୍ଧରେ ଗ୍ରାମବାସୀ ମାନେ ଅଭିଯୋଗ କରିବାରୁ ଯାହାର ପ୍ରତିବାଦ ରେ ଚୋରା ଚାଲାଣକାରୀ ବାଲିମାଫିଆ ମାନେ ମେଳି ହୋଇ ଉକ୍ତ ଗ୍ରାମ ବାସୀଙ୍କୁ ଦୂର୍ବବ୍ୟହର କରିବା ସହିତ ଜୀବନରୁ ମାରି ଦେବାର ଧମକଚମକ ଦେଉଛନ୍ତି । ଏ ନେଇ ଆଗମୀ ଦିନରେ ଗ୍ରାମ ବାସୀ ଓ ବାଲି ମାଫିଆ ମଧ୍ୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି । ଏ ନେଇ ଏସପି ଓ ଜିଲ୍ଲା ଜିଲ୍ଲାପାଳ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଏ ନେଇ ଆମେ ରାଇବଣିଆ ଥାନା ଅଧିକାରୀ ବାରୁଣୀ ଦାସଙ୍କୁ ଓ ଜଳେଶ୍ୱର ଥାନା ଅଧିକାରୀ ରଞ୍ଜନ କୁମାର ସେଠୀଙ୍କୁ ପଚାରିବାରୁ ଉଭୟ କହୁଥିଲେ ଚୋରା ବାଲି ଚାଲାଣ କାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ।

# ଇପିଏଫ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା ବୈଠକ

ଜୟପୁର, ୦୭/୧୦ (ନି.ପ୍ର): ଜୟପୁର ଯାଦବ ଭବନ ଠାରେ ଆଜି ଇପିଏଫ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା କମିଟିର ଏକ ବୈଠକ ସଭାପତି ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାକୁ ସମ୍ବୋଧିତ କରି ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି ଯେ, ଆସନ୍ତା ନଭେମ୍ବର ୩ ଓ ୪ ତାରିଖ ଦିନ ପୁରୀ ଠାରେ ଓଡ଼ିଶା ରାଜ୍ୟ ଇପିଏଫ ପେନସନର୍ସ ଆସୋସିଏସନ୍ ର ସମ୍ମିଳନୀ ଅନୁଷ୍ଠିତ ହେବ । କୋରାପୁଟ ଜିଲ୍ଲାରୁ ପାଂଚ ଜଣ ପ୍ରତିନିଧି ଯୋଗ ଦେବା ପାଇଁ ସ୍ଥିର ହୋଇଛି । ସର୍ବନିମ୍ନ ପେନସନ୍ ମାସିକ ୯୦୦୦/ ଟଙ୍କା ଦେବା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନାର ଲାଭ ଅବସରପ୍ରାପ୍ତ ଶ୍ରମିକ କର୍ମଚାରୀମାନଙ୍କୁ ଦେବା ପାଇଁ ଦାବି କରି ଚାଲିଥିବା ଆନ୍ଦୋଳନକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସମ୍ମିଳନୀରେ କାର୍ଯ୍ୟକ୍ରମ ନିଆଯିବ । ଆଜିର ବୈଠକରେ କାର୍ଯ୍ୟକାରୀ ସଭାପତି ଉମା ରଥ, କାଗଜ କଳ ଶ୍ରମିକ ନେତା ବସନ୍ତ ବେହେରା, ଜଳ ସେଚନ ବିଭାଗର କିଶୋର ପଣ୍ଡା, ଓଏସଆରଟିସି, କେସିସି ବ୍ୟାଙ୍କ ଓ ସେବା କାଗଜ କଳ ଶ୍ରମିକ ମାନେ ଆଜିର ବୈଠକରେ ଯୋଗଦେବା ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ମା' ମନସାଦେବୀ ମନ୍ଦିର: ହରିଦ୍ୱାର





ସୁଷମା ପରିଜା

ହିମାଳୟ ପର୍ବତମାଳାର ଦକ୍ଷିଣ ଉପାନ୍ତ ରେ ଉତ୍ତରାଖଣ୍ଡ ରାଜ୍ୟର ହରିଦ୍ୱାର ଶିବାଳିକ ପର୍ବତ ଶୃଙ୍ଖଳାର ବିଲ୍ୱ ପାହାଡ଼ ଉପରେ ଏକ ସୁନ୍ଦର ପ୍ରାକୃତିକ ପରିବେଶରେ ଅବସ୍ଥିତ ମା' ମନସାଦେବୀଙ୍କ ପ୍ରସିଦ୍ଧ ମନ୍ଦିର। ଭୂମି ପୃଷ୍ଠରୁ ୫୮୪ ଫୁଟ୍ ଉଚ୍ଚତାରେ ଥିବା ଏହି ମନ୍ଦିର ଟିର ଗଠନ ଯେତିକି ଭବ୍ୟ ସେତିକି ପାବନ ଏହାର ଇତିହାସ। ଜନଶ୍ରୁତି ରହିଛି ଯେ ମା' ମନସାଦେବୀ ହେଉଛନ୍ତି ମନର ଦେବୀ। କେହି ଯଦି କୌଣସି ମାନସିକ ରଖି ନିଷ୍ଠାପର ଭାବରେ ତାଙ୍କୁ ଧ୍ୟାନ କରି ତାଙ୍କର ଦର୍ଶନ କରିଥାଆନ୍ତି ତେବେ ତାଙ୍କର ମନୋସ୍କାମନା ଅବଶ୍ୟ ପୂରଣ ହୋଇଥାଏ। ଏହା ଏକ ବିଶିଷ୍ଟ ଶକ୍ତିପୀଠ ଭାବରେ ପରିଗଣିତ ହୁଏ।



ଲୋକକଥା ଅନୁଯାୟୀ ମା' ମନସାଦେବୀ ଶିବଙ୍କ ମାନସ କନ୍ୟା। ସେ ନାରାଜ ବାସୁକୀ ଙ୍କର ଭଗିନୀ। ସେ ଭୂଲୋକରେ ଜଣେ ଏବଂ ସଧାରଣ ଚାଷୀ ଘରେ ଜନ୍ମ ନେଇଥିଲେ। ପିଲାଟି ବେଳରୁ ତାଙ୍କର ମନ ଶିବ ଆରାଧନାରେ ରହୁଥିଲା। ବଡ ହେବା ପରେ ସେ ଦେବ ଦେବ ମହାଦେବଙ୍କ ସାକ୍ଷାତ ଦର୍ଶନ ନିମିତ୍ତ ଇଚ୍ଛା କରି ହିମାଳୟ ପର୍ବତରେ ସାଧନା ମଗ୍ନ ହେଲେ ଏବଂ ତାଙ୍କର ଭକ୍ତି ରେ ସନ୍ତୁଷ୍ଟ ହୋଇ ଶିବ ସ୍ୱୟଂ ଉପସ୍ଥିତ ହୋଇ ତାଙ୍କର ବାସ୍ତବିକ ପରିଚୟ ଜଣାଇଲେ । ତା'ପରେ ସେହି କନ୍ୟାଟି ଆଉ ଘରକୁ ନଫେରି ସେଇଠି ହିଁ ରହି ଶିବ ଆରାଧନାରେ ନିଜର ଜୀବନ ଶିଖାଇଥିଲେ। ଶିବଙ୍କର ମାନସ କନ୍ୟା ହୋଇଥିବାରୁ ସେ ମନସା ନାମରେ ପରିଚିତ ହେଲେ ଏବଂ ଶିବଙ୍କର ଆଶୀର୍ବାଦରୁ ତାଙ୍କ ପାଖରେ ଯିଏ ମଧ ଯେ କୌଣସି ମାନସିକ ନେଇ ପହଞ୍ଚିଲା ତାହା ପୂରଣ ହେଲା। ସେହି ସ୍ଥାନରେ ରହିଛି ଏକ ବିରାଟ ବରଗଛ, ଯେଉଁଥିରେ ଭକ୍ତ ମାନେ ମାନସିକ ରଖି ମା'ଙ୍କ ଦର୍ଶନ କରି ନାଲି ସୂତା ବାନ୍ଧି ଥାଆନ୍ତି ଏବଂ ସେମାନଙ୍କ ମନୋସ୍କାମନା ପୂର୍ଣ୍ଣ ହେଲାପରେ ପୁଣି ଥରେ ଯାଇ ମାଆଙ୍କ ଦର୍ଶନ କରି ଭୋଗରାଗ କରି ସେଇ ସୂତାକୁ ଖୋଲିଥାନ୍ତି।

ଦେବୀ ଭାଗବତର ପୌରାଣିକ ମତ ଅନୁସାରେ ଜଣାଯାଏ ଯେ ଦକ୍ଷ ପ୍ରଜାପତିଙ୍କ କନ୍ୟା ସତୀ ପିତାଙ୍କ ଆଦେଶ ଅମାନ୍ୟ କରି ଦେବ ଦେବ ମହାଦେଶଙ୍କୁ ପତି ରୂପେ ବରଣ କରିଥିବାରରୁ ପିତା ଦକ୍ଷ ପ୍ରଜାପତି ରୁଷ୍ଟ ହେଲେ। ଏକଦା ସେ ଏକ ମହାଯଜ୍ଞ ଅନୁଷ୍ଠାନ କରି ସମସ୍ତ ଦେବ ବନ୍ଧୁ ମାନଙ୍କୁ ନିମନ୍ତ୍ରଣ ନିଜର କନ୍ୟା ସତୀ ଏବଂ ତାଙ୍କର ପତି ଦେବ ଦେବ ମହାଦେବଙ୍କୁ ସେହି ମହାଯଜ୍ଞକୁ ନିମନ୍ତ୍ରଣ ନକରିବାରୁ ଦେବୀ ସତୀ ଅପମାନ ଜର୍ଜରିତ ହୋଇ ପିତ୍ରାଳୟକୁ ଆସିଥିଲେ। ସେଠାରେ ପିତାଙ୍କ ଦ୍ୱାରା କରାଯାଇଥିବା ପତିଙ୍କ ଅପମାନ ଏବଂ ଉପେକ୍ଷାକୁ ସହିନପାରି ସେହି ଯଜ୍ଞ କୁଣ୍ଡରେ ଆତ୍ମାହୂତି ଦେଲେ। ସେହି ମହାଯଜ୍ଞ ସ୍ଥଳରେ ଉପସ୍ଥିତ ସକଳ ଅତିଥି ଆଚମ୍ବିତ ହେଲେ। ଘଟଣାଟି ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନିପୁରକୁ ସ୍ତବ୍ଧ କରିଦେଲା। ଦେବ ଦେବ ମହାଦେବ ସେହି ଦୁଃଖଦ ଘଟଣାର ଖବର ପାଇ କୋପ ଜର୍ଜରିତ ହୋଇ ସେଠାରେ ଉପସ୍ଥିତ ହୋଇଥିଲେ। ଦକ୍ଷ ପ୍ରଜାପତିଙ୍କ ଶିର ଛେଦନ କରି ସେହି ଯଜ୍ଞକୁ ନଷ୍ଟ ଭ୍ରଷ୍ଟ କରି ଯଜ୍ଞ କୁଣ୍ଡରେ ଆତ୍ମାହୂତି ଦେଇଥିବା ଦେବୀ ସତୀଙ୍କର ମୃତ ଶରୀରକୁ କାନ୍ଧରେ ପକାଇ ମହେଶ୍ୱର ସାରା ପୃଥିବୀରେ ବୁଲି ବୁଲି ଉଦ୍ଦଣ୍ଡ ତାଣ୍ଡବ ନୃତ୍ୟ କରୁଥିବାବେଳେ ପୃଥ୍ୱୀ ଭୟରେ ଥରହର ହେଲା। ପୃଥିବୀକୁ ରକ୍ଷାକରିବା ଲାଗି ଦେବତାମାନଙ୍କ ଅନୁରୋଧରେ ଶ୍ରୀ ବିଷ୍ଣୁ ସୁଦର୍ଶନ ଚକ୍ରରେ ଦେବୀଙ୍କର ମୃତ ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ପକାଇଥିଲେ ଏବଂ ମହାଦେବଙ୍କୁ ଅନେକ ପ୍ରାର୍ଥନା କରି ଶାନ୍ତ କରାଇଥିଲେ। ଦେବୀ ସତୀଙ୍କର ଶରୀରର ଖଣ୍ଡ ମାନ ଯେଉଁ ଯେଉଁ ସ୍ଥାନରେ ପଡିଥିଲା ସେଇ ସବୁ ସ୍ଥାନ ପରମ ପାବନ ଶକ୍ତି ପୀଠରେ ପରିଣତ ହୋଇଥିଲା। ଦେବୀଙ୍କର ଶରୀରର ଖଣ୍ଡରୁ ଏକାବନଟି ଶକ୍ତି ପୀଠ ସୃଷ୍ଟି ହୋଇଥିଲା। ଦେବୀ ସତୀଙ୍କର ମସ୍ତିଷ୍କର କିଛି ଭାଗ ଏଠାରେ ପତିତ ହୋଇଥିଲା ବୋଲି ଶିବ ପୁରାଣ କହେ।



ମା'ର ମନସା ଦେବୀଙ୍କର ମନ୍ଦିରକୁ ଯିବା ପାଇଁ ପାହାଡତଳରୁ ୭୮୬ ଟି ପାହାଚ ଦେଇ ଏକ ରାସ୍ତା ରହିଛି ଯାହା ଅତି କଷ୍ଟକର। କିନ୍ତୁ ଆଉ ଗୋଟିଏ ପଟରେ ୫୪୦ ମିଟର (୧୭୭୦ ଫୁଟ୍) ଲମ୍ବର ରୋପ୍ ୱେ ଅଛି ଯେଉଁଥିରେ ଲାଗିଥିବା ଝୁଲା ଦୋଳି "ଉଡନ୍ ଖଟୋଲା"ରେ ବସି ଅତି ସହଜରେ ସିଧା ସଳଖ ମା'ଙ୍କ ମନ୍ଦିରରେ ପହଞ୍ଚି ହୁଏ।

ମାଆଙ୍କ ମନ୍ଦିରଟି ତିନି ଭାଗରେ ବିଭକ୍ତ, ପ୍ରବେଶ ଦ୍ୱାର, ଜଗମୋହନ ଏବଂ ଆସ୍ଥାନ। ଛୋଟ ହେଲେ ମଧ ଖୁବ୍ ସୁନ୍ଦର ମାଆଙ୍କର ସର୍ପ ବେଷ୍ଟିତ ମୂର୍ତ୍ତି। ପାର୍ଶ୍ୱ ଦେବତା ଭାବରେ ରହିଛନ୍ତି ଗଣେଶ କାର୍ତ୍ତିକ ଏବଂ ଦୁର୍ଗା। ବେଢା ଭିତରେ ପରବର୍ତ୍ତୀ ସମୟରେ ଗଢିଉଠିଥିବା ଶିବ, ଗଣେଶ, କାଳୀକା ଏବଂ ଅନ୍ୟାନ୍ୟ ଦେବୀ ଦେବୀଙ୍କ ମୂର୍ତ୍ତି ରହିଛି।

ଆଶ୍ୱିନ ଏବଂ ଚୈତ୍ର ନବରାତ୍ର ଏଠାକାର ମୁଖ୍ୟ ପର୍ବ ହେଲେ ମଧ ବର୍ଷ ତମାମ ଏଠାରେ ଦର୍ଶକ ମାନଙ୍କ ଭିଡ଼ ଲାଗିରହିଥାଏ।

ହରିଦ୍ୱାର ଗଙ୍ଗା ନଦୀରେ ନିକଟତର ହୋଇଥିବାରୁ ଏହି ସ୍ଥାନର ଜେ ଉଡନ୍ ଖଟୋଲାରେ ବସିଥିଲେ ସନ୍ଧ୍ୟା ସମୟରେ ଗଙ୍ଗା ଆଳତୀ ଖୁବ୍ ସ୍ପଷ୍ଟ ଭାବରେ ଦେଖାଯାଏ। ଅତି ମନୋରମ ସେ ଦୃଶ୍ୟ, ଭାଷାତୀତ। ହରିଦ୍ୱାରରେ ଏହି ମନସା ଦେବୀ ମନ୍ଦିର ବ୍ୟତୀତ ଅଷ୍ଟଭୁଜା ଚଣ୍ଡୀ ଦେବୀ ମନ୍ଦିର ଏବଂ ତିନି ମସ୍ତକ ଯୁକ୍ତ ମାୟା ଦେବୀ ମନ୍ଦିର ରହିଛି ଯିବାର ସୁବିଧା ସୁଯୋଗ ରହିଛି। ହରିଦ୍ୱାର ଏହାର ନିକଟତମ ରେଳଷ୍ଟେସନ ଏବଂ ଡେରାଡୁନର ଜଲଦି ଗ୍ରାଣ୍ଟ୍ ଏୟାରପୋର୍ଟ ୩୭ କିଲୋମିଟର ଦୂରରେ, ଏଠାରୁ ୧୮୨ କିଲୋମିଟର ଦୂରରେ



ଯାହା ଅତି ସୁନ୍ଦର ଏବଂ ସେଠାକାର ଲୋକ ମାନଙ୍କ ପାଇଁ ଅତୀବ ପବିତ୍ର ଦର୍ଶନୀୟ ସ୍ଥାନ। ଦେଶର ସମସ୍ତ ସ୍ଥାନରୁ ଏଠାକୁ ସଡକ ପଥ, ଆକାଶ ପଥରେ ହେଉଛି ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଜାତୀୟ ଏୟାରପୋର୍ଟ୍।

+ଶାରଳା ଭବନ, ପୋତା ପୋଖରୀ, କଟକ-୪

# ଦୈନିକ ଖାଆନ୍ତୁ ଏହି ସୁପରଫୁଡ୍: ମଜଭୁତ ହେବ ମାଂସପେଶୀ, ବଢିବ ସ୍ପର୍ମ କାଉଣ୍ଟ

ଏମିତି ଅନେକ ସୁପରଫୁଡ୍ ଅଛି ଯାହାର ଲାଭ ଆପଣ ଜାଣିଥିବେ। କିନ୍ତୁ, ଆପଣ କେବେ ମଖାନା ବା ଫାକ୍ସ ନଟ୍ସର ବାଦାମର ଉପକାରିତା ବିଷୟରେ ଜାଣିବାକୁ ଚାହିଁଛନ୍ତି କି? ମଖାନା ଏପରି ଏକ ଅଦ୍ଭୁତ ସୁପରଫୁଡ୍ ଯାହା ଓଜନ ହ୍ରାସ କରିବା ସହିତ ପୁରୁଷ ପାଇଁ ଅତ୍ୟନ୍ତ ଲାଭ ଦେଇଥାଏ।



ବାଦାମ ଠାରୁ ଆରମ୍ଭ କରି ଚିଆ ସିଡ୍ ପର୍ଯ୍ୟନ୍ତ, ଏମିତି ଅନେକ ସୁପରଫୁଡ୍ ଅଛି ଯାହାର ଲାଭ ଆପଣ ଜାଣିଥିବେ। କିନ୍ତୁ, ଆପଣ କେବେ ମଖାନା ବା ଫାକ୍ସ ନଟ୍ସର ବାଦାମର ଉପକାରିତା ବିଷୟରେ ଜାଣିବାକୁ ଚାହିଁଛନ୍ତି କି? ମଖାନା ଏପରି ଏକ ଅଦ୍ଭୁତ ସୁପରଫୁଡ୍ ଯାହା ଓଜନ ହ୍ରାସ କରିବା ସହିତ ପୁରୁଷ ପାଇଁ ଅତ୍ୟନ୍ତ ଲାଭ ଦେଇଥାଏ। ପୁରୁଷଙ୍କ ସ୍ୱାସ୍ଥ୍ୟ ଉପରେ ଏହା ଅଦ୍ଭୁତ କାମ କରିଥାଏ। ଯଦି ଜଣେ ପ୍ରତିଦିନ ମଖାନା ଖାଏ ତେବେ ଶରୀରରେ ଥିବା କୋଲେଷ୍ଟ୍ରଲ୍, ସୋଡିୟମ୍ ଏବଂ ପ୍ରୋଟିନର ଅଭାବ ଦୂର ହୁଏ। ଏହା ବ୍ୟତୀତ ଏହା ହାଡ ପାଇଁ ମଧ ଲାଭଦାୟକ ହୋଇଥାଏ। ଏହା ପୁରୁଷମାନଙ୍କ ପାଇଁ କିପରି ବିଶେଷ ଲାଭ ଦିଏ ଆସନ୍ତୁ ଜାଣିବା।

ଓଜନ ହ୍ରାସ କରେ: ଯଦି ଆପଣ ଦୀର୍ଘ ଦିନ ଧରି ଆପଣଙ୍କର ବଢୁଥିବା ଓଜନକୁ ଚିନ୍ତିତ ତେବେ ମଖାନା ଖାଇବା ଆରମ୍ଭ କରିଦିଅନ୍ତୁ। ଏହା ଆପଣଙ୍କ ପାଇଁ ବହୁତ ଲାଭଦାୟକ ହୋଇପାରେ। ଏଥିରେ କମ୍ କ୍ୟାଲୋରୀ ଏବଂ ଅଧିକ ଫାଇବର ଥାଏ। ଯେତେବେଳେ ଆପଣ ଭୋକିଲା ଅନୁଭବ କରୁଛନ୍ତି ମଖାନା ଖାଇବା ପରେ ଏହା ପେଟକୁ ପୂର୍ଣ୍ଣ କରିବା ଭଳି ଅନୁଭବ ଦେବ ଏବଂ ହଜମ କରିବାରେ ମଧ ସାହାଯ୍ୟ କରିବ।

ମଖାନା ହେଉଛି ଏକ ଆଦର୍ଶ ସ୍ନାକ୍ସ ଯାହା ଆପଣଙ୍କର ଖାଇବାର ଲୋଭକୁ ଦୂର କରେ ଏବଂ ପୋଷକ ତତ୍ତ୍ୱ ସହିତ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ।

ମାଂସପେଶୀକୁ ମଜଭୁତ କରେ: ମଖାନାରେ ପ୍ରଚୁର ପରିମାଣରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍ ଏବଂ ପୋଷକ ତତ୍ତ୍ୱ ରହିଥାଏ। ଦୈନିକ ଗୋଟିଏ ମୁଠା ମଖାନା ଖାଇବା ଦ୍ୱାରା ମାଂସପେଶୀ ମଜବୁତ ହୁଏ। ଆପଣ ବ୍ୟାୟାମ ସମୟରେ କିମ୍ବା ପରେ ଯେକୌଣସି ସମୟରେ ମଖାନା ଖାଇପାରିବେ।

ଶୁକ୍ରାଣୁ ସଂଖ୍ୟା ବୃଦ୍ଧି ପାଏ: ଅନେକ ଅନୁସନ୍ଧାନରୁ ଜଣାପଡିଛି ଯେ ମଖାନାରେ ଜିଙ୍କ୍ ପ୍ରଚୁର ପରିମାଣରେ ମିଳିଥାଏ। ଜିଙ୍କ୍ ଅଭାବ ପୁରୁଷଙ୍କ ଯୌନ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଜିଙ୍କ୍ ଅଭାବ ହେତୁ ଶୁକ୍ରାଣୁ ଗଣନାରେ ହ୍ରାସ ପରିଲକ୍ଷିତ ହୁଏ। ବିଶେଷଜ୍ଞଙ୍କ ଅନୁଯାୟୀ, ପ୍ରତିଦିନ ମଖାନା ଖାଇବା ଦ୍ୱାରା ଟେଷ୍ଟୋଷ୍ଟେରନ୍ ସ୍ତର ସୁସ୍ଥ ରହିଥାଏ।

ହୃଦୟ ପାଇଁ ଲାଭ: ମଖାନାରେ ମ୍ୟାଗ୍ନେସିୟମ୍ ପ୍ରଚୁର ପରିମାଣରେ ମିଳିଥାଏ ଏବଂ ହୃଦୟର ଯତ୍ନ ନେବା ପାଇଁ ମ୍ୟାଗ୍ନେସିୟମ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣ ସେହି ପୁରୁଷମାନଙ୍କ ମଧ୍ୟରୁ ଜଣେ, ଯେଉଁମାନେ ହୃଦୟ ସମ୍ବନ୍ଧୀୟ ସମସ୍ୟା ସହ ସଂଘର୍ଷ କରୁଛନ୍ତି ଏବଂ ଆପଣଙ୍କ ହୃଦୟର ଯତ୍ନ ନେବାକୁ ଚାହୁଁଛନ୍ତି, ତେବେ ପ୍ରତିଦିନ ଆପଣଙ୍କ ଖାଦ୍ୟରେ ମୁଠାଏ ମଖାନା ସାମିଲ୍ କରନ୍ତୁ।

ମଧୁମେହରୁ ମୁକ୍ତି ଦିଏ: ମଧୁମେହ ରୋଗୀଙ୍କ ପାଇଁ ମଖାନା ମଧ ବହୁତ ଲାଭଦାୟକ। ଅନେକ ଡାକ୍ତର ଏବଂ ପୋଷକ ବିଶେଷଜ୍ଞ ନିଜେ ମଧୁମେହ ରୋଗୀଙ୍କୁ ପରାମର୍ଶ ଦିଅନ୍ତି ଯେ ମଖାନାକୁ ସେମାନଙ୍କ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ପାଇଁ। ବାସ୍ତବରେ, ମଖାନାର କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥାଏ, ଯାହା ମଧୁମେହକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ।

# ଆପଣଙ୍କ ଦେହ ଝାଳୁଆ ଗନ୍ଧଉଛି କି... କଟୁ ଦୁର୍ଗନ୍ଧରୁ ମୁକ୍ତି ପାଇବା ପାଇଁ ୫ ଉପାୟ

ଏକ ଭଲ ବ୍ୟାୟାମ କିମ୍ବା ଯୋଗ ସେସନ୍ ପରେ, ଯେତେବେଳେ ଥକ୍କା ଲାଗେ ଆଉ ଗମ୍‌ଗମ୍ ଝାଳ ବୋହିଯାଏ ସେତେବେଳେ ଏକ ଭିନ୍ନ ପ୍ରକାରର ସନ୍ତୁଷ୍ଟି ଅନୁଭବ ହୁଏ। ଜିମ୍‌ରେ କରାଯାଇଥିବା କଠିନ ପରିଶ୍ରମ ଏବଂ ଏଥିରୁ ବାହାରିଥିବା ଝାଳ ଦର୍ଶାଏ ଯେ ଏହା ହେଉଛି କଠିନ ପରିଶ୍ରମ ଫଳ। କିନ୍ତୁ ଯେତେବେଳେ ଝାଳ ବୋହି ଏହା ଆପଣଙ୍କୁ ଖୁସି ଦିଏ, ସେତେବେଳେ ଏହା ଜିମ୍‌ରେ ଥିବା ଅନ୍ୟ ଲୋକଙ୍କ ନାକକୁ ରୁନ୍ଧି ଦେଇପାରେ। ଏହାର କାରଣ ହେଉଛି କଠିନ ପରିଶ୍ରମରୁ ବାହାରୁଥିବା ଏହି ଝାଳ କ୍ୟାଲୋରୀ ବର୍ଣ୍ଣ କରେ ସତ କିନ୍ତୁ ଏହା ସହିତ ଖରାପ ଗନ୍ଧ ମଧ ଆଣିଥାଏ। ଯେତେବେଳେ ବ୍ୟାକ୍ଟେରିଆ ଝାଳରେ ଥିବା ପ୍ରୋଟିନ୍ ଏବଂ ଫ୍ୟାଟି ଏସିଡ୍ ଭାଙ୍ଗନ୍ତି, ତାହା ଦୁର୍ଗନ୍ଧର କାରଣ ହୋଇଥାଏ।



ଏହା ଏତେ କଟୁ ଦୁର୍ଗନ୍ଧ ହୋଇଥାଏ ଯେ ଆପଣଙ୍କ ଆଖପାଖର ଲୋକଙ୍କୁ ବିରକ୍ତ କରାଏ। ତେବେ ଏମିତି କିଛି ସହଜ ଟିପ୍ସ ରହିଛି ଯାହାକୁ ଆପଣେଇବା ଦ୍ୱାରା ଝାଳର ଏହି କଟୁ ଦୁର୍ଗନ୍ଧରୁ ମୁକ୍ତି ମିଳିପାରେ। ଆସନ୍ତୁ ସେହି ଟିପ୍ସଗୁଡିକ ଜାଣିବା।

ପୋଷାକ ଠିକ୍ ଭାବରେ ଧୋଇବା: ବ୍ୟାୟାମ ପରେ ପ୍ରଥମେ ପୋଷାକକୁ ଧୋଇବା ଜରୁରୀ। ଆପଣ ଯେତେ ଦିନ ପର୍ଯ୍ୟନ୍ତ ଏହି ମଇଳା ପୋଷାକ ପିନ୍ଧିବେ, ସେତେ ଖରାପ ଗନ୍ଧ ଏଥିରେ ରହିବ। ଯଦି ସେଗୁଡିକୁ ତୁରନ୍ତ ଧୋଇବା ସମ୍ଭବ ନୁହେଁ, ତେବେ ଏହାକୁ ଖୋଲା ବାୟୁରେ ଶୁଖାଇ ଦିଅନ୍ତୁ ଯାହା ଦ୍ୱାରା ଝାଳ ଶୁଖିଯାଏ ଏବଂ ଦୁର୍ଗନ୍ଧ କମିଯାଏ।

ଥଣ୍ଡା ପାଣିରେ ଧୋଇବା: ଅନେକ ଲୋକ ଭାବନ୍ତି ଯେ ଗରମ ପାଣିରେ ପୋଷାକ ଧୋଇବା ଭଲ, କିନ୍ତୁ ତାହା ନୁହେଁ। ଗରମ ପାଣିରେ ଧୋଇବା ଦ୍ୱାରା ପୋଷାକ ସଙ୍କୁଚିତ ହୋଇପାରେ ଏବଂ ଖରାପ ଗନ୍ଧ ମଧ ସଂପୂର୍ଣ୍ଣ ଦୂରେଇ ଯାଏ ନାହିଁ। ଥଣ୍ଡା ପାଣିରେ ଧୋଇବା ଦ୍ୱାରା ବ୍ୟାକ୍ଟେରିଆ ଏବଂ ଝାଳର ଦୁର୍ଗନ୍ଧ ସହଜରେ ଦୂର ହୋଇଥାଏ। ଆହୁରି ମଧ, ସଠିକ୍ ଡିଟରଜେଣ୍ଟ ବ୍ୟବହାର କରନ୍ତୁ, ଯାହା ବିଶେଷ ଭାବରେ କ୍ରୀଡା ପୋଷାକ ପାଇଁ ତିଆରି।



ଭିନେଗାର ଏବଂ ବେକିଂ ସୋଡା ବ୍ୟବହାର: ଭିନେଗାର ଏବଂ ବେକିଂ ସୋଡା ଦୁର୍ଗନ୍ଧକୁ ଦୂର କରେ। ପୋଷାକ ଧୋଇବା ପୂର୍ବରୁ, ୧ କପ୍ ଧଳା ଭିନେଗାର ଏବଂ ଅଧା କପ୍ ବେକିଂ ସୋଡା ମିଶାନ୍ତୁ ଏବଂ ପୋଷାକକୁ ୩୦ ମିନିଟ୍ ପାଇଁ ଭିଜାନ୍ତୁ। ଏହା ପରେ ସାଧାରଣ ଭାବେ ଧୋଇ ଦିଅନ୍ତୁ। ଏହି ପ୍ରକ୍ରିୟା ପୋଷାକରେ ଜମା ହୋଇଥିବା ଦୁର୍ଗନ୍ଧକୁ ଦୂର କରିବାରେ ସାହାଯ୍ୟ କରେ।

ଖରାରେ ଶୁଖାଇବା: ସୂର୍ଯ୍ୟକିରଣରେ ପୋଷାକ ଶୁଖାଇବା ଜୀବାଣୁ ମାରିବା ଏବଂ ଦୁର୍ଗନ୍ଧ କମାଇବା ପାଇଁ ଏକ ପ୍ରାକୃତିକ ଉପାୟ। ସୂର୍ଯ୍ୟଙ୍କର ଟଠ କିରଣ ଜୀବାଣୁ ମାରିବାରେ ସାହାଯ୍ୟ କରେ ଏବଂ ପୋଷାକକୁ ସତେଜ କରିଥାଏ।

ଜିମ୍ ବ୍ୟାଗ୍‌ର ଯତ୍ନ: ଅନେକ ଜୀମ୍‌କୁ ବ୍ୟାଗ୍ ନେଇ ଯାଆନ୍ତି। ସେହି ବ୍ୟାଗ୍‌ରେ ନିଜର ପୋଷାକ ରଖନ୍ତି। ଏନେଇ ପୋଷାକ ସହିତ ଜିମ୍ ବ୍ୟାଗ୍ ?ର ପରିଷ୍କାର ଉପରେ ମଧ ଧ୍ୟାନ ଦେବା ଉଚିତ। ଯଦି ବ୍ୟାଗ୍ ସଫା ନ କରି ଧୁଆ ପୋଷାକକୁ ଏହି ବ୍ୟାଗରେ ରଖାଯାଏ, ତାହା ମଧ ଖରାପ ଗନ୍ଧ କରିପାରେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ‘ସ୍ୱଚ୍ଛ ଭାରତ’ର ବିଡ଼ମ୍ବନା

୨୦୧୪ ଅକ୍ଟୋବର ୨ ‘ଗାନ୍ଧୀ ଜୟନ୍ତୀ’ ଅବସରରେ ଆରମ୍ଭ ହୋଇଥିଲା ଭାରତ ବର୍ଷର ଏକ ଯୁଗାନ୍ତକାରୀ ଯୋଜନା ‘ସ୍ୱଚ୍ଛ ଭାରତ ଅଭିଯାନ’। ମନ୍ଦିରରୁ ଶ୍ମଶାନ, ଗାଁରୁ ସହର, ପୋଖରୀରୁ ସମୁଦ୍ର, ଘରୁ ରାସ୍ତାଘାଟ, ସାହିରୁ ବଜାର, ଶିକ୍ଷାନୁଷ୍ଠାନରୁ ପାର୍କ ଓ ସିନେମାଘର ପର୍ଯ୍ୟନ୍ତ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ଏବଂ ୫ବର୍ଷ ଭିତରେ ଦେଶର ସମସ୍ତ ଅଞ୍ଚଳକୁ ‘ଖୋଲା ମଳତ୍ୟାଗ ମୁକ୍ତ’ ଅଞ୍ଚଳ ଭାବେ ଗଢ଼ି ତୋଳିବା ପାଇଁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ଦେଶବ୍ୟାପୀ ଅଭୂତପୂର୍ବ ସମର୍ଥନ ଓ ଉତ୍ସାହ ମିଳିଥିଲା। ଇତିମଧ୍ୟରେ ଏହି ଅଭିଯାନକୁ ୧୦ ବର୍ଷ ପୂରିଛି। କାଗଜକଲମରେ ଅଭିଯାନ ଅଭୂତପୂର୍ବ ସଫଳତା ଲାଭ କରିଥିବା ବେଳେ ଗାଁ ତୁଠ, ସହରର ରେଳଲାଇନ୍, କେନାଲ୍ ତଟ ଆଦି ସ୍ଥାନ କିନ୍ତୁ ବାସ୍ତବତାର ଚିତ୍ର ବଖାଣୁଛି। ‘ସ୍ୱଚ୍ଛ ଭାରତ ଅଭିଯାନ’ ଆରମ୍ଭ ହେବା ପୂର୍ବରୁ ସରକାରଙ୍କ ଆଗରେ ମୁଖ୍ୟ ଆହ୍ୱାନ ଥିଲା ଲୋକଙ୍କ ମାନସିକତାରେ ପରିବର୍ତ୍ତନ। ଅନୁକରଣ ଓ ଅନୁସରଣପ୍ରିୟ ଭାରତବାସୀଙ୍କୁ ଏହି ପରିବର୍ତ୍ତନର ଧାରାରେ ସାମିଲ୍ କରିବା ପାଇଁ ତେଣୁ କେନ୍ଦ୍ର ସରକାର ବହୁ ନାମୀଦାମୀ ତାରକାଙ୍କୁ ଅଭିଯାନରେ ସାମିଲ୍ କରିଥିଲେ। ପ୍ରଧାନମନ୍ତ୍ରୀ ନିଜେ ଝାଡୁ ଧରି ସଫା କରୁଥିବାର ଦୃଶ୍ୟ ବ୍ୟାପକ ପ୍ରଚାର ପ୍ରସାର କରାଯାଇଥିଲା। କିନ୍ତୁ ଲୋକମାନଙ୍କୁ ଦୀର୍ଘଦିନର ରୁଗ୍ଣ ମାନସିକତା, ଚିରାଚରିତ ଅଭ୍ୟାସ ଓ ଅନ୍ଧବିଶ୍ୱାସର ବେଡ଼ିରୁ ମୁକ୍ତ କରି ବିଶାଳ ଭାରତବର୍ଷକୁ ସ୍ୱଚ୍ଛ, ସୁନ୍ଦର ଓ ସ୍ୱାସ୍ଥ୍ୟ ଉପଯୋଗୀ କରିବାକୁ ଏହି ୧୦ ବର୍ଷ ଯେ ଯଥେଷ୍ଟ ନଥିଲା ତାହା ସ୍ୱତଃ ପ୍ରମାଣିତ ହୋଇଛି। ତେଣୁ ‘ସ୍ୱଚ୍ଛ ଭାରତ ଅଭିଯାନ’ କେତେ ସଫଳ ଆଉ କେତେ ବିଫଳ, ତାହା ସମୀକ୍ଷା କରିବା ପୂର୍ବରୁ ଲୋକଙ୍କ ମାନସିକତାରେ କେତେ ପରିବର୍ତ୍ତନ ଘଟିଛି ତାହାର ତର୍ଜମା ଆବଶ୍ୟକ। ‘ସ୍ୱଚ୍ଛ ଭାରତ ଅଭିଯାନ’ ମୁଖ୍ୟତଃ ‘ଗ୍ରାମୀଣ’ ଓ ‘ସହର’ – ଏଭଳି ଦୁଇଭାଗରେ ବିଭକ୍ତ କରାଯାଇ ଏହା ଦାୟିତ୍ୱ ଯଥାକ୍ରମେ ‘ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟ’ ଏବଂ ‘ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ’ ଉପରେ ନ୍ୟସ୍ତ କରାଯାଇଥିଲା। ଏହି ଅଭିଯାନ ସବୁଠାରୁ ଅଧିକ ଗୁରୁତ୍ୱ ବହନ କରିଥିଲା ଖୋଲାରେ ବା ବାହାରେ ମଳତ୍ୟାଗ ସମସ୍ୟାର ସମାଧାନ। ୨୦୧୯ ଅକ୍ଟୋବର ୨ ତାରିଖ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଭାରତକୁ ‘ମୁକ୍ତାକାଶ ମଳମୁକ୍ତ ଦେଶ’ ଭାବେ ନୂଆ ପରିଚୟ ସୃଷ୍ଟି କରିବା ‘ସ୍ୱଚ୍ଛ ଭାରତ ଅଭିଯାନ’ର ମୂଳ ଲକ୍ଷ୍ୟ ଥିଲା। ଏହି ଯୋଜନା ପୂର୍ବର ୟୁପିଏ ସରକାର ଅମଳରେ ‘ନିର୍ମଳ ଭାରତ ଅଭିଯାନ’ ନାମରେ ଚାଲିଥିଲା। ୨୦୧୪ରେ କେବଳ ଏହାର ନାମ ପରିବର୍ତ୍ତନ ସହିତ ଅଧିକ ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପନ କରାଗଲା ଏବଂ ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ ପାଇଁ ସହାୟତା ରାଶି ପୂର୍ବ ସରକାର ଅମଳରେ ଦିଆଯାଉଥିବା ୧୦ ହଜାର ଟଙ୍କାରୁ ବୃଦ୍ଧି କରି ୧୨ ହଜାର ଟଙ୍କା କରାଗଲା। ୨୦୧୯ରେ ପୁଣି ଥରେ ‘ସ୍ୱଚ୍ଛ ଭାରତ ଅଭିଯାନ-୨’ ଆରମ୍ଭ ହେଲା, ଯାହାର ଲକ୍ଷ୍ୟ ଥିଲା ସହରଗୁଡ଼ିକୁ ଆବର୍ଜନା ଓ ପ୍ଲାଷ୍ଟିକ୍ ମୁକ୍ତ କରିବା। ଏହି ଲକ୍ଷ୍ୟ ମଧ୍ୟ କେତେ ସଫଳ ହୋଇଛି ତାହା ସହରର ମୁଖ୍ୟ ରାସ୍ତାକଡ଼ ସହିତ ଗଳିକନ୍ଦିରେ ଗଦା ହୋଇ ପଡ଼ି ରହୁଥିବା ଏବଂ ପରିବେଶକୁ ଦୁର୍ଗନ୍ଧମୟ କରୁଥିବା ଅଳିଆ ଗଦାରୁ ଆମେ ଜାଣିପାରିବା। ଏହି ଯୋଜନା ଯେ ସମ୍ପୂର୍ଣ୍ଣ ବିଫଳ ହୋଇଛି ତାହା ନୁହେଁ। ଇତିମଧ୍ୟରେ ୧୦ କୋଟିରୁ ଊର୍ଦ୍ଧ୍ୱ ବ୍ୟକ୍ତିଗତ ଓ ଗୋଷ୍ଠୀ ଶୌଚାଳୟ ନିର୍ମାଣ ହୋଇଛି। ‘ଗ୍ରାମୀଣ ସ୍ୱଚ୍ଛ ଭାରତ ଅଭିଯାନ’ ପାଇଁ ପ୍ରାୟ ୫୭ ହଜାର କୋଟି ଟଙ୍କା ଓ ‘ସହର ସ୍ୱଚ୍ଛ ଭାରତ ଅଭିଯାନ’ ପାଇଁ ୬୨ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୫.୫୪ ଲକ୍ଷ ଗ୍ରାମ ଓ ୩, ୯୧୩ ସହର ଖୋଲାମଳମୁକ୍ତ ଘୋଷଣା ହୋଇଛି। ‘ସ୍ୱଚ୍ଛ ଭାରତ ଅଭିଯାନ’ର ସବୁଠାରୁ ଉଲ୍ଲେଖନୀୟ ସଫଳତା ହେଲା ୨୦୧୮ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ୨୦୧୪ରୁ ୨୦୧୯ ମଧ୍ୟରେ ହଇଜା ଜନିତ ମୃତ୍ୟୁମୁଖରୁ ୩ ଲକ୍ଷ ଜୀବନ ବଞ୍ଚି ପାରିଛି। ୭୦ ହଜାର ଶିଶୁଙ୍କୁ ହଇଜା ଓ ଭୂତାଣୁଜନିତ ସଂକ୍ରମଣରୁ ସୁରକ୍ଷା ମିଳିପାରିଛି। ‘ସ୍ୱଚ୍ଛ ଭାରତ ଅଭିଯାନ -୨’ରେ ୧.୪୦ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଦ୍ୱିତୀୟ ଦଫାରେ ୨୦୨୫ ସୁଦ୍ଧା ୨, ୪୦୦ ସହରକୁ ମୁକ୍ତାକାଶ ମଳମୁକ୍ତ ଅଞ୍ଚଳ ଘୋଷଣା କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବିଡ଼ମ୍ବନାର ବିଷୟ ହେଲା ପ୍ରଥମ ପର୍ଯ୍ୟାୟ ଭଳି ‘ସ୍ୱଚ୍ଛ ଭାରତ ଅଭିଯାନ’ର ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ଆଶାନୁରୂପ ସଫଳତା ମିଳିନାହିଁ। ଅବଧି ପୂରଣ ହେବାକୁ ଆଉ ମାତ୍ର ବର୍ଷେ ବାକି ଥିବା ବେଳେ ଏ ପର୍ଯ୍ୟନ୍ତ ମାତ୍ର ୩୦% ସହରକୁ ମୁକ୍ତାକାଶ ମଳତ୍ୟାଗ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଦେଶର ୯୭% ୱାର୍ଡରେ ଘର ଦୁଆର ମୁହଁରୁ ବର୍ଜ୍ୟ ସଂଗ୍ରହ ବ୍ୟବସ୍ଥା ହୋଇଥିଲେ ମଧ୍ୟ ମାତ୍ର ୪୧% ଲକ୍ଷ୍ୟ ହାସଲ ହୋଇପାରିଛି। ଅଭିଯାନକୁ ଆଶାନୁରୂପ ସଫଳତା ନ ମିଳିବା ପଛରେ ଯେଉଁ କେତେକ କାରଣ ସାମ୍ନାକୁ ଆସୁଛି ସେଥିମଧ୍ୟରୁ ମୁଖ୍ୟ ହେଉଛି ଜନମାନସିକତା।

# ନିର୍ବାଚନ ସୁଧାରରୁ ଏକ ଦେଶ-ଏକ ନିର୍ବାଚନ ପର୍ଯ୍ୟନ୍ତ



**ଗୋପାଳ ମହାପାତ୍ର**

୧୯୭୪ ମସିହାରେ ଯେତେବେଳେ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଶାସନକୁ ବିରୋଧ କରି ସ୍ୱର୍ଗତ ଜୟପ୍ରକାଶ ନାରାୟଣ ସଂପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନ ଆରମ୍ଭ କରିଥିଲେ ସେଇ ଆନ୍ଦୋଳନର ଏକ ପ୍ରମୁଖ ବିଷୟ ଥିଲା ନିର୍ବାଚନକୁ ସୁଧାରିବା। ଜୟ ପ୍ରକାଶ ନାରାୟଣ ଚାହୁଁଥିଲେ ଯେ ଭାରତରେ ନିର୍ବାଚନ କ୍ରମାଗତ ଭାବେ ମହଙ୍ଗା ହେବାରେ ଲାଗିଛି ଏଣୁ ବ୍ୟବସ୍ଥାକୁ ସୁଧାରିପାରିଲେ ନିର୍ବାଚନୀ ବ୍ୟୟ କମିବ ଫଳତଃ ଜଣେ ସାଧାରଣ ନାଗରିକ ମଧ୍ୟ ରାଜନୈତିକ ପ୍ରକ୍ରିୟାରେ ସକ୍ରିୟ ହୋଇ ଭାଗ ନେଇ ପାରିବ। ଜୟପ୍ରକାଶ ନାରାୟଣ ଭାବୁଥିଲେ ଯେ ଭାରତର ଭ୍ରଷ୍ଟାଚାରର ଜଡ଼ ହେଉଛି ନିର୍ବାଚନ ପ୍ରକ୍ରିୟା। ଏଣୁ ଏହାକୁ ସୁଧାରିପାରିଲେ ଭ୍ରଷ୍ଟାଚାର ସମାପ୍ତ ହୋଇଯିବ। ଜୟପ୍ରକାଶ ବା ଜେପିଙ୍କ ସେଇ ଆନ୍ଦୋଳନରେ ସେ ସମୟରେ ଦେଶରେ କଂଗ୍ରେସ ବିରୋଧି ଦଳ ମାନେ ସାମିଲ ହୋଇଥିଲେ। ପରେ ଜନସଂଘ (ବର୍ତ୍ତମାନର ବିଜେପି) ମଧ୍ୟ ଆନ୍ଦୋଳନରେ ସାମିଲ ହୋଇଥିଲା। ଜେପିଙ୍କ ଆନ୍ଦୋଳନ ମୂଳ ରପରେ ଛାତ୍ର ଆନ୍ଦୋଳନର ବିରାଟ ସ୍ୱରୂପ ଥିଲା ଓ ଗୁଜୁରାଟରୁଏହି ଆନ୍ଦୋଳନର ଆରମ୍ଭ ହୋଇଥିଲା। ଗୁଜୁରାଟରେ ଲୋକଙ୍କ ସମସ୍ୟାକୁ ନେଇ ଛାତ୍ରମାନେ ଆନ୍ଦୋଳନ ଆରମ୍ଭ କରିଥିଲେ। ପରେ ଏହି ଆନ୍ଦୋଳନ ବିହାରକୁ ବ୍ୟାପିଲା ଓ ପରବର୍ତ୍ତୀ ସମୟରେ ବ୍ୟାପକ ହୋଇଥିଲା।

ଜୟପ୍ରକାଶ ନାରାୟଣ ସେ ସମୟରେ ଇନ୍ଦିରାଗାନ୍ଧୀଙ୍କ ଶାସନରେ ଭ୍ରଷ୍ଟାଚାର ବୃଦ୍ଧିକୁ ଏକ ପ୍ରସଙ୍ଗ କରିଥିଲେ ଓ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଜୟପ୍ରକାଶ (ଜେପି) ଦଳ ବିହୀନ ଗଣତନ୍ତ୍ରର ବିମର୍ଷ ଆରମ୍ଭ କରି ଦେଇଥିଲେ ଏବଂ ଦେଶରେ ରାଜନୀତିଗତ ଶୁଦ୍ଧିକରଣ ଚାହୁଁଥିଲେ। ଜେପି ମଧ୍ୟ ସଂସ୍ଥାଗତ ପରିବର୍ତ୍ତନ ଚାହୁଁଥିଲେ। କିନ୍ତୁ ସେଇ ୧୯୭୪ରେ ଏମିତି ଏକ ଘଟଣା ଘଟିଲା ଯେଉଁଥିପାଇଁ ଭାରତରେ ନିର୍ବାଚନ ପ୍ରକ୍ରିୟା ପାଇଁ ସଂଶୟର ବାତାବରଣ ସୃଷ୍ଟି କରିଥିଲା। ଦିଲ୍ଲୀର ଲୋକସଭା ଆସନରେ ୧୯୭୧ରେ ହୋଇଥିବା ନିର୍ବାଚନରେ ଜନସଂଘର ପ୍ରାର୍ଥୀ କଂଗ୍ରେସର ପ୍ରାର୍ଥୀଙ୍କଠାରୁ ନିର୍ବାଚନରେ ହାରି ଯାଇଥିଲେ। ୧୯୭୧ର ନିର୍ବାଚନରେ ଦିଲ୍ଲୀର ସବୁ ଲୋକସଭା ଆସନରେ କଂଗ୍ରେସର ପ୍ରାର୍ଥୀ ବିଜୟୀ ହୋଇଥିଲେ। କିନ୍ତୁ ଜନସଂଘର ପ୍ରାର୍ଥୀ ନିର୍ବାଚନକୁ ନେଇ ଦିଲ୍ଲୀ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ଜନସଂଘ ପ୍ରାର୍ଥୀ ଦିଲ୍ଲୀ ହାଇକୋର୍ଟରେ କରିଥିବା ମାମଲାରେ ଦର୍ଶାଇଥିଲେ ଯେ କଂଗ୍ରେସ ପ୍ରାର୍ଥୀ ଧାର୍ଯ୍ୟ ସୀମା ଠାରୁ ଅଧିକ ଅର୍ଥ ଖର୍ଚ୍ଚ କରିଥିଲେ। ଜନସଂଘର ପ୍ରାର୍ଥୀଙ୍କ ମାମଲାକୁ ବିଚାରକରି ଦିଲ୍ଲୀ ହାଇକୋର୍ଟ ସେଇ ନିର୍ବାଚନ ଅବୈଧ ବୋଲି ରାୟ ଦେଇଥିଲେ। ଏହାପରେ ଶ୍ରୀମତି ଗାନ୍ଧୀ ନିର୍ବାଚନ ଆଇନ୍ ଜନପ୍ରତିନିଧିତ୍ୱ ଅଧିନିୟମ ୧୯୫୧ରେ ଏକ ସଂଶୋଧନ ପ୍ରସ୍ତାବ ସଂସଦରେ ଗୃହୀତ କରାଇ ନେଇଥିଲେ। ଏହି ସଂଶୋଧନ ପ୍ରସ୍ତାବ ଅନୁସାରେ ନିର୍ବାଚନରେ ପ୍ରାର୍ଥୀଙ୍କ ପାଇଁ ତାଙ୍କ ରାଜନୈତିକ ଦଳଦ୍ୱାରା କରାଯାଇଥିବା ବ୍ୟୟ ଯେତେ ବି ହେଉନା କାହିଁକି ନିର୍ବାଚନୀ ଖର୍ଚ୍ଚରେ ସାମିଲ କରାଯିବ ନାହିଁ। ସଂଶୋଧନରେ ଏକଥା ବି ପ୍ରାବଧାନ ରଖାଗଲା ଯେ ପ୍ରାର୍ଥୀର କୌଣସି ବନ୍ଧୁ ବା ହିତୈଶୀ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନରେ ଯେତେ ବି ଖର୍ଚ୍ଚ କଲେ ମଧ୍ୟ ତାକୁ ବି ନର୍ବାଚନୀ ଖର୍ଚ୍ଚରେ ସାମିଲ କରାଯିବ ନାହିଁ। ଏହି ସଂଶୋଧନ ପରେ ନିର୍ବାଚନ କମିଶନଙ୍କ ଦ୍ୱାରା ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଯେଉଁ ଖର୍ଚ୍ଚର ସୀମା ଧାର୍ଯ୍ୟ କରାଯାଇଥିଲା ତାର କିଛି ମୂଲ୍ୟ ରହିଲା ନାହିଁ। ଏଣୁ ନିର୍ବାଚନୀ ଖର୍ଚ୍ଚ ବଢ଼ିବାରେ ଲାଗିଲା ଓ ନିର୍ବାଚନରେ ଧନର ପ୍ରଭାବ ବଢ଼ିଲା।

ଜୟପ୍ରକାଶ ଏହି ବ୍ୟବସ୍ଥାକୁ ସଂପୂର୍ଣ୍ଣ ରୂପେ ବଦଳାଇବାକୁ ଚାହୁଁଥିଲେ। ଏଣୁ ଆନ୍ଦୋଳନ ବେଳେ ମୁମ୍ବାଇ ହାଇକୋର୍ଟର ଅବସର ପ୍ରାପ୍ତ ବିଚାରପତି ବିଏମ୍ ତାରକୁଣ୍ଡେଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ତାରକୁଣ୍ଡେ କମିଟି ନିର୍ବାଚନ ପ୍ରସଙ୍ଗରେ ତର୍ଜମା କରି ଜେପିଙ୍କୁ ଏକ ରିପୋର୍ଟ ଦେଇଥିଲେ। ତାରକୁଣ୍ଡେ କମିଟି ରିପୋର୍ଟରେ ନିର୍ବାଚନକୁ ସୁଧାରିବା ପାଇଁ କେତେକ ପରାମର୍ଶ ଦେବା ସହ ସରକାରଙ୍କ ଦ୍ୱାରା ଏକ ନିର୍ବାଚନ ପାଣ୍ଠି ସ୍ଥାପିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଜେପିଙ୍କ ଅନ୍ୟ ସହଯୋଗୀ ମାନେ ମଧ୍ୟ ବିଚାରପତି ତାରକୁଣ୍ଡେଙ୍କ ରିପୋର୍ଟର ଗୁରୁତ୍ୱ ରହିଛି ବୋଲି କହିଥିଲେ। ୧୯୭୭ର ଲୋକସଭା ନିର୍ବାଚନରେ ଇନ୍ଦିରାଗାନ୍ଧୀଙ୍କ କଂଗ୍ରେସ ଉତ୍ତର ଭାରତ ଓ ପଶ୍ଚିମ ଭାରତରେ ବିପର୍ଯ୍ୟୟର ସାମନା କରିଥିଲା ଓ ନବଗଠିତ ବିରୋଧି ମେଣ୍ଟ ଦ୍ୱାରା ଗଠିତ ଜନତା ପାର୍ଟିକୁ ଲୋକସଭାରେ ୨୯୮ ଆସନ ମିଳିଥିଲା। ଇନ୍ଦିରାଙ୍କ କଂଗ୍ରେସ ଦଳକୁ ୧୫୩ଟି ଆସନ ମିଳିଥିଲା। ଜନତା ଦଳ ପକ୍ଷରୁ ମୋରାରଜୀ ଦେଖାଇ ପ୍ରଧନମନ୍ତ୍ରୀ ହୋଇଥିଲେ ଯିଏ ମୂଳତଃ କଂଗ୍ରେସୀ ଥିଲେ। ମୋରାରଜୀ ପ୍ରଧାନମନ୍ତ୍ରୀ ହେବାପରେ ବିଚାରପତି ତାରକୁଣ୍ଡେ ଦେଇଥିବା ନିର୍ବାଚନ ସମ୍ପର୍କୀତ ପରାମର୍ଶକୁ ଗ୍ରହଣ କରିନଥିଲେ ଓ ନିର୍ବାଚନ ବ୍ୟବସ୍ଥାର ସୁଧାର ପାଇଁ ଏକ କମିଶନ ଗଠନ କରିଥିଲେ। ଏହି କମିଶନର ମୁଖ୍ୟ ଥିଲେ ପୂର୍ବତନ ନିର୍ବାଚନ କମିଶନର ଏସ୍.ଏଲ୍. ଶକଧର। ଶକଧର ତାଙ୍କ ରିପୋର୍ଟ ଦେବା ବେଳକୁ ଜନତା ସରକାର ଭାଙ୍ଗି ଯାଇଥିଲା ଓ କିଛି ଦିନ ପାଇଁ ଚୈାଧୁରୀ ଚରଣ ସିଂହ ପ୍ରଧାନମନ୍ତ୍ରୀ ହୋଇଥିଲେ। କିନ୍ତୁ ତାଙ୍କ ସରକାର ବେଶିଦିନ ତିଷ୍ଠି ପାରିନଥିଲା। ୧୯୮୦ରେ ପୁନଃ ନିର୍ବାଚନ ହୋଇଥିଲା ଓ ଇନ୍ଦିର ସ୍ୱଷ୍ଟ ବହୁମତ ସହ ଶାସନକୁ ଆସିଥିଲେ।

କଂଗ୍ରେସ ସରକାର ନିର୍ବାଚନ ବ୍ୟବସ୍ଥାର ସୁଧାର ପାଇଁ ଗୋସ୍ୱାମୀ କମିଟି ସମେତ କେତେକ କମିଟି ଗଠନ କରିଥିଲେ ଓ କମିଟିର କେତେକ ଶୁପାରିଶଙ୍କୁ କାର୍ଯ୍ୟକାରୀ କରିଥିଲେ। କିନ୍ତୁ କେହି ଇନ୍ଦିରାଙ୍କ ଦ୍ୱାରା ଜନ ପ୍ରତିନିଧିତ୍ୱ ଅଧିନିୟମରେ କରାଯାଇଥିବା ସଂଶୋଧନକୁ ରଦ୍ଦ କରିବା ପାଇଁ ପରାମର୍ଶ ଦେଇନଥିଲେ। ଏହି କାରଣରୁ ନିର୍ବାଚନ ତନ୍ତ୍ର ଧନତନ୍ତ୍ରରେ ପରିଣତ ହୋଇଗଲା। ଅସଲ କଥା ହେଉଛି ଦେଶର ନିର୍ବାଚନରେ ସାଧାରଣ ଲୋକେ ବା ଗରୀବ ଲୋକେ କେମିତି ଭାଗ ନେଇପାରିବେ ସେ ବାବଦରେ କୌଣସି ରାଜନୈତିକ ଦଳ ଗୁରୁତ୍ୱ ଦେଉନାହିଁ। କିନ୍ତୁ ଏବେ ଏକ ଦେଶ- ଏକ ନିର୍ବାଚନ କଥା କୁହାଯାଉଛି। ୧୯୬୭ ପର୍ଯ୍ୟନ୍ତ ଦେଶରେ ଏକ ସଙ୍ଗରେ ଲୋକସଭା ଓ ବିଧାନସଭା ନିର୍ବାଚନ ହେଉଥିଲା। କିନ୍ତୁ ସେ ସମୟର ରାଜନୈତିକ ପରିସ୍ଥିତି ଓ ବର୍ତ୍ତମାନର ରାଜନୈତିକ ପରିସ୍ଥିତି ମଧ୍ୟରେ ଅନେକ ତଫାତ ରହିଛି। ଏବେ ଯେଉଁ ଏକଦେଶ – ଏକ ନିର୍ବାଚନ କଥା କୁହାଯାଉଛି ସେଥିପାଇଁ ସମ୍ବିଧାନ ସଂଶୋଧନର ଆବଶ୍ୟକତା ରହିଛି। ଏବେ କେନ୍ଦ୍ର ସରକାର ଏଥିପାଇଁ ୩ଟି ସଂଶୋଧନ କରିବା ପାଇଁ ଉଦ୍ୟମ କରୁଛନ୍ତି। ଏପରିକି ସମ୍ବିଧାନରେ ରାଜ୍ୟ ମାନଙ୍କୁ ଯେଉଁ ଅଧିକାର ଦିଆଯାଉଛି ସେଥିରେ ସଂଶେଶଧନ କରିବାକୁ ପଡିବ।

ଭାରତର ସଂଘୀୟ ବ୍ୟବସ୍ଥା ଆମେରିକାର ସଂଘୀୟ ବ୍ୟବସ୍ଥା ଠାରୁ ସଂପୂର୍ଣ୍ଣ ଭିନ୍ନ। ଆମ ସଂବିଧାନରେ ଏକ ମଜଭୁତ କେନ୍ଦ୍ରର ଢ଼ାଞ୍ଚା ଏମିତି ସ୍ଥାପନ କରିଦିଆଯାଇଛି ଯେ ବିଭିନ୍ନ ରାଜ୍ୟର ନିଜସ୍ୱ ସାଂସ୍କୃତିକ ଓ ଭୌଗଳିକ ବିବିଧତା ସତ୍ୱେ ନିଜର ବିଶିଷ୍ଟ ଚରିତ୍ର ଭାରତୀୟ ସଂଘ ଭିତରେ ହିଁ ରହି ପାରିବ। ଏହା ବିରୁଦ୍ଧରେ ତର୍କ ଦିଆଯାଇପାରେ କିନ୍ତୁ ଆମେ କେବେ ଭୁଲିଯିବା ଉଚିତ୍ ନୁହେଁ ଯେ ଭାରତୀୟ ସମ୍ବିଧାନର ପ୍ରଥମ ଅନୁଛେଦ ହିଁ ଏକଥା ଉଦ୍ ?ଘୋଷିତ କରୁଛି ଯେ ଭାରତ ରାଜ୍ୟ ମାନଙ୍କର ଏକ ସଂଘ ଅଟେ। ସମ୍ବିଧାନରେ ରାଜ୍ୟ ମାନଙ୍କୁ ବିଶିଷ୍ଟ (ସ୍ୱତନ୍ତ୍ର) ଅଧିକାରୀ ମଧ୍ୟ ଦିଆଯାଇଛି ଏବଂ ସମ୍ବିଧାନ କହୁଛି ଯେ କେନ୍ଦ୍ର ସରକାରଙ୍କ ସବୁ ଯୋଜନାକୁ ତୃଣମୂଳ ସ୍ତରରେ ରାଜ୍ୟ ସରକାର ହିଁ ଲାଗୁ କରିବେ। ଏବେ ମୂଳକଥା ନିର୍ବାଚନ ବ୍ୟବସ୍ଥା ଉପରେ ଆଲୋଚନା କରାଯାଉ। କେମିତି ଗଣତନ୍ତ୍ରକୁ ଧନତନ୍ତ୍ର ହେବାରୁ ରୋକାଯାଇ ପାରିବ। ଏଥିରେ ପ୍ରଥମ ମୂଳ ହେଉଛନ୍ତି ଜନପ୍ରତିନିଧି। ବର୍ତ୍ତମାନର ନିର୍ବାଚନ ପ୍ରଣାଳୀରେ କେବଳ କୌଣସି ଧନାଢ଼୍ୟ ହିଁ ଲୋକଙ୍କ ପ୍ରତିନିଧି ହୋଇପାରିବ। ଏହାକୁ ପରିସ୍ଥିତି ମଧ୍ୟ କୁହାଯାଇପାରେ। କିନ୍ତୁ ଆମେ କେମିତି କହିବା ଯେ ଗଣତନ୍ତ୍ରର ପ୍ରକୃତ ମାଲିକ ହେଉଛନ୍ତି ଜନସାଧାରଣ ବା ଭୋଟରମାନେ ? ଭୋଟର ମାନେ ତାଙ୍କ ଭୋଟ ବଳରେ କାହାରିକୁ ବି ନିର୍ବାଚନରେ ବିଜୟୀ କରିପାରନ୍ତି। କିନ୍ତୁ ପ୍ରାର୍ଥୀମାନଙ୍କ ମଧ୍ୟରେ ସେମାନଙ୍କ ସାମନାରେ ତ କେବଳ ଧନପତି ମାନେ ରହୁଛନ୍ତି ଓ ସେମାନଙ୍କ ମଧ୍ୟରୁ କାହାରିକୁ ସେମାନଙ୍କୁ ଭୋଟ ଦେବା ପାଇଁ ପଡୁଛି। ଗଣତନ୍ତ୍ର ପାଇଁ ଏହା ହେଉଛି ଏକ ଗମ୍ଭୀର ବିଶୟ। ଏକ ଦେଶ-ଏକ ନିର୍ବାଚନକୁ ନେଇ ଏବେ ବିମର୍ଶ ଚାଲିଛି। ସରକାର ସପକ୍ଷରେ ଯୁକ୍ତି ଦର୍ଶାଉଛନ୍ତି ଓ ବିଧେୟକ ଆଗତ ହେଲେ ଏହା ଗୃହୀତ ହେବ। କିନ୍ତୁ ଏହା କେତେଦୂର ପାରଦର୍ଶୀ ହେବ ସେକଥା ସମୟ କହିବ।

+ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ଇତିହାସ ହେବାକୁ ଯାଉଛି ୧୫୦ ବର୍ଷର ଟ୍ରାମ୍ ସେବା

**ବାଦଲ ଭୂୟାଁ**

୧୮୭୩ରୁ ୨୦୨୪ ସୁଦୀର୍ଘ ୧୫୦ ବର୍ଷର ପରମ୍ପରାର ପୂର୍ଣ୍ଣଚ୍ଛେଦ ପଡ଼ି ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ବହନ କରୁଥିବା କୋଲକାତାର ଟ୍ରାମ ସେବା ବନ୍ଦ ହେବାକୁ ଯାଉଛି। ଇଂରେଜ ଅମଳରୁ ଏହି ଟ୍ରାମର ସମୃଦ୍ଧ ଇତିହାସ ସମଗ୍ର ବିଶ୍ୱ ଦରବାରରେ ନିଜ ସ୍ୱତନ୍ତ୍ରତା ଓ ପରିଚୟ ବହନ କରିଥିଲା। ସଡ଼କ ମାର୍ଗ ଠାରୁ ଅପେକ୍ଷାକୃତ କମ ଭିଡ଼ ଏହା ରଖିବା ସହ ପ୍ରଦୂଷଣ ଠାରୁ ଏହା ପରିବେଶକୁ ମଧ୍ୟ ସୁରକ୍ଷା ଦେଉଥିଲା। ତେବେ ଏସବୁ ଏବେ ସ୍ୱପ୍ନ ହେବାକୁ ଯାଉଛି। ଭାରତର ଏକମାତ୍ର ଟ୍ରାମ ମାର୍ଗ ପାଇଁ କୋଲକାତା ସମଗ୍ର ବିଶ୍ୱରେ ପରିଚିତ। କିନ୍ତୁ ଦୀର୍ଘ ବର୍ଷ ଧରି ନିବେଶରେ ଅଭାବ ଯୋଗୁଁ ଏହି ସେବା ଜରାଜୀର୍ଣ୍ଣ ହୋଇପଡ଼ିଲା। ଏଭଳି ସ୍ଥିତିରେ ପଶ୍ଚିମବଙ୍ଗ ସରକାର ଟ୍ରାମ ସେବାକୁ ନେଇ ବଡ଼ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁସାରେ, ଦେଶର ଏକମାତ୍ର ଟ୍ରାମ ସେବା ପ୍ରଦାନକାରୀ ରାଜ୍ୟରୁ ଉଭାନ ହୋଇଯିବ ଟ୍ରାମ। ସ୍ମୃତିରେ ସୀମିତ ହୋଇଯିବ ଭାରତର ଟ୍ରାମ ଯାତ୍ରା। ରାଜ୍ୟର ସମୃଦ୍ଧ ଐତିହ୍ୟ ଓ ସୌନ୍ଦର୍ଯ୍ୟର ପରିଚୟ ବହନ କରୁଥିବା ଟ୍ରାମ ସେବା ଇଂରେଜଙ୍କ ଦ୍ୱାରା କୋଲକାତାରେ ଆରମ୍ଭ ହୋଇଥିଲା। ପାଟନା, ଚେନ୍ନାଇ, ନାସିକ ଓ ମୁମ୍ବାଇ ଭଳି ସହରରେ ମଧ୍ୟ ଟ୍ରାମ ଯାତ୍ରାକୁ ଗ୍ରହଣ କରାଯାଇଥିଲା। କିନ୍ତୁ ସମୟ ସହିତ ଧୀରେ ଧୀରେ ସବୁଠି ବନ୍ଦ ହୋଇଗଲା।

୧୮୭୩ ମସିହା ଫେବୃଆରୀ ୨୪ ତାରିଖରେ କୋଲକାତାରେ ଟ୍ରାମ ଯାତ୍ରା ଆରମ୍ଭ ହୋଇଥିଲା। ଘୋଡ଼ା ଦ୍ୱାରା ଟଣା ଯାଉଥିବା କାର ମାର୍ଗରେ ଏହା ଛୁଟିଲା। ୧୮୮୨ରେ ବାଷ୍ପ ଇଞ୍ଜିନ ଆଧୁନିକତାର ମାର୍ଗଦର୍ଶକ ହେଲା। ୧୯୦୦ ମସିହାରେ ପ୍ରଥମ ବୈଦ୍ୟୁତିକ ଟ୍ରାମ ସେବା ଆରମ୍ଭ ହେଲା, ଯାହା କୋଲକାତାରେ ଯାତ୍ରା ପରିବହନରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଲା। ଦୀର୍ଘ ୧୧୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ୍ ଦ୍ୱାରା ପରିଚାଳିତ ହେବା ପରେ ୨୦୧୩ ମସିହାରେ ଏସି ଟ୍ରାମର ଶୁଭାରମ୍ଭ ହେଲା। ଏହା କୋଲକତା ଟ୍ରାମ ସେବାର ବିକାଶରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେଲା। ୨୦୨୩ ମସିହାର ଟ୍ରାମ ସେବା କୋଲକାତାରେ ୧୫୦ ବର୍ଷ ପୂରଣ କଲା। ଏ ଅବସରରେ ଉତ୍ସବ ମଧ୍ୟ ଆୟୋଜିତ ହୋଇଥିଲା। ତେବେ ସେବା ବନ୍ଦ କରିବାର କାରଣ ବିଷୟରେ କୋଲକାତା ପରିବହନ ମନ୍ତ୍ରୀ କହିଛନ୍ତି ଟ୍ରାମ ପରିବହନର ଏକ ଧିମା ମାଧ୍ୟମ। ଯାତ୍ରୀ ଅପେକ୍ଷାକୃତ ଦ୍ରୁତ ବିକଳ୍ପ ଚାହୁଁଛନ୍ତି। ଟ୍ରାଫିକ ଜାମ ଯୋଗୁ ଅଫିସରେ ପହଞ୍ଚିବାରେ ଲୋକଙ୍କର ବିଳମ୍ବ ନହେଉ, ସେଥିପାଇଁ ଆମକୁ ଏହି ଜଟିଳ ପଦକ୍ଷେପ ନେବାକୁ ପଡୁଛି। ହେରିଟେଜ ଟ୍ରାମ କେବଳ ମୈଦାନ ଓ ଏସପ୍ଲାନେଡ ମଧ୍ୟରେ ଯାତ୍ରା କରିବ। ତେଣୁ ଲୋକେ ଶାନ୍ତି ଓ ପରିବେଶ ଅନୁକୂଳ ଯାତ୍ରାର ଅନୁଭବ ପାଇପାରିବେ। ସରକାରଙ୍କର ଏହି ନିଷ୍ପତ୍ତି ଲୋକଙ୍କୁ ନିରାଶ କରିଛି। ସ୍ଥାନୀୟ ଯାତ୍ରୀ କହୁଛନ୍ତି, ଟ୍ରାମ ସେବା ବନ୍ଦ କରିବା ଉଚିତ ନୁହେଁ। ଏହା କୋଲାକାତା ଲୋକଙ୍କ ପାଇଁ ଜୀବନରେଖା ଭଳି ଖାସ କରି ଗରିବଙ୍କ ପାଇଁ। ଏବେ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ବସ ଓ ଟ୍ୟାକ୍ସି ଯାତ୍ରା ଟ୍ରାମ ତୁଳନାରେ ଅଧିକ ମହଙ୍ଗା ହୋଇଛି। ଏହି ସ୍ଥିତିରେ ଯାତ୍ରାର ସବୁଠୁ ଶସ୍ତା ମାଧ୍ୟମ ଟ୍ରାମ। ବିଦ୍ୟୁତ ଦ୍ୱାରା ପରିଚାଳିତ ହେଉଥିବାରୁ ଏହା ପରିବେଶ ଅନୁକୂଳ ମଧ୍ୟ। ସମୟ ଥିଲା ସହରରେ ଏକାଧିକ ବସ ଚାଲୁଥିଲା। ତଥାପି ସେ ଟ୍ରାମକୁ ଅପେକ୍ଷା କରୁଥିଲେ। ବୁଦ୍ଧିଜୀବୀଙ୍କ ମତରେ ଟ୍ରାମ ସହରର ପୁରୁଣା ପରିଚୟ। ସହରୀ ବିକାଶ ଜରୁରୀ, କିନ୍ତୁ ଏଥିସହିତ ଇତିହାସର ସଂରକ୍ଷଣ ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

ଟ୍ରାମ ଉତ୍ପତ୍ତିର ଇତିହାସ ଅତ୍ୟନ୍ତ ରୋଚକ ଯାହା ପରିବେଶ ଅନୁକୂଳ ଏହି ବାହନର ଗୁରୁତ୍ୱକୁ ସମଗ୍ର ବିଶ୍ୱରେ ଲୋକପ୍ରିୟ କରିଛି। ଖଣି ଖାଦାନରେ ଘୋଡ଼ାଙ୍କ ଦ୍ୱାରା ଟଣାଯାଉଥିବା ଯାନ ଗୁଡ଼ିକର ମାର୍ଗକୁ ସହଜ କରିବା ଲାଗି ବ୍ୟବହୃତ ପ୍ଲେଟୱେରୁ ଟ୍ରାମର ଅଭ୍ୟୁଦୟ ସମ୍ପର୍କରେ ଅନୁମାନ କରାଯାଇପାରେ। ତେବେ ୧୮୩୨ ମସିହାରେ ନ୍ୟୁୟର୍କ ଓ ହାର୍ଲେମରେ ଆରମ୍ଭ ହୋଇଥିଲା ପ୍ରଥମ ସହରୀ ଷ୍ଟ୍ରିଟ ଟ୍ରାମୱେ। ଷ୍ଟ୍ରିଟ ରେଲୱେ ନାମରେ ପରିଚିତ ଏହି ଆମେରିକୀୟ ଶବ୍ଦ ଆଜି ବି ବ୍ୟବହୃତ ହୁଏ। ବିଶ୍ୱର ୨ୟ ଘୋଡ଼ା ଟ୍ରାମ ୱେ ୧୮୩୫, ନ୍ୟୁ ଓରଲିନ୍ସରେ ନିର୍ମିତ ହୋଇଥିଲା। ଆଜି ବି ଏହା ବୈଦ୍ୟୁତିକ କାର ବ୍ୟବହାର ଲାଗି ବ୍ୟବହୃତ ହେଉଛି ଏବଂ ଦୀର୍ଘ ୧୫୦ ବର୍ଷରୁ ଅଧିକ ସମୟ ଧରି ନିରନ୍ତର ସେବା ଦେଇଆସୁଛି।

ଆମେରିକୀୟମାନେ ୧୮୫୩ ମସିହାରେ ଟ୍ରାମକୁ ୟୁରୋପର ପ୍ୟାରିସକୁ ଏବଂ ୧୮୬୦ ମସିହାରେ ଇଂଲଣ୍ଡର ଚିରକେନହେଡକୁ ଆଣିଲେ। ତାପରେ ୧୮୬୧ରେ ଲଣ୍ଡନ ଏବଂ ୧୮୬୩ରେ କୋପେନହାଗେନ। ୧୮୭୦ ଦଶକ ଘୋଡ଼ା ଟ୍ରାମ ମାର୍ଗ ନିର୍ମାଣର ଦ୍ରୁତ ପ୍ରଗତିର ସମୟ ଥିଲା। କିନ୍ତୁ ସୀମିତ ପଶୁ ଶକ୍ତି ଯୋଗୁଁ ଯାନ୍ତ୍ରିକ ବିକଳ୍ପର ଅନୁସନ୍ଧାନ ଉପରେ ଗୁରୁତ୍ୱ ଦିଆଗଲା। ଏହାପରେ ଆସିଲା ବାଷ୍ପଚାଳିତ ଟ୍ରାମ। କିନ୍ତୁ ସହରୀ ଇଲାକା ପାଇଁ ତାହା ଅତ୍ୟନ୍ତ ଉପଯୁକ୍ତ ହେଲା ନାହିଁ। କମ୍ପ୍ରେସଡ୍ ଏୟାର, ଗ୍ୟାସ ଓ ପେଟ୍ରୋଲ ଇଞ୍ଜିନର ମଧ୍ୟ ପରୀକ୍ଷଣ ହେଲା। କିଛି ସମୟ କେବଳ ଟ୍ରାମୱେ ବେଶ ସଫଳ ହେଲା ଏବଂ ସାନଫ୍ରାନ୍ସିସ୍କୋରେ ଚାଲିଲା। କିନ୍ତୁ ବୈଦ୍ୟୁତିକ ଟ୍ରାମ ସହିତ ଏହି ମହଙ୍ଗା ବିକଳ୍ପଗୁଡ଼ିକ ଖୁବ ଶୀଘ୍ର ଉଭାନ ହୋଇଗଲା। ପ୍ରଥମ ବୈଦ୍ୟୁତିକ ଟ୍ରାମ ବ୍ୟାଟେରୀ ଚାଳିତ ଥିଲା। ତେବେ ଏହା ୱାର୍ନର ଭୋନ ସିମେନ୍ସଙ୍କ ଦ୍ୱାରା ଏହା ବ୍ୟବହାରଯୋଗ୍ୟ ଡାଇନାମୋ ଥିଲା। ୧୮୭୯ ମସିହା ବର୍ଲିନ ଠାରେ ଏହା ବିକଶିତ ହୋଇଥିଲା। ୧୮୮୧ ମସିହାରେ ବର୍ଲିନରେ ଯାତ୍ରୀସେବା ପ୍ରଦାନ ଲାଗି ସିମେନ୍ସ ଓ ହାଲସ୍କେ ପ୍ରଥମ ବୈଦ୍ୟୁତିକ ଟ୍ରାମୱେ ଖୋଲିଲେ। ଚଳନ୍ତା ଟ୍ରେନଗୁଡ଼ିକ ଜରିଆରେ ଏଥିରେ ୧୮୦ ଭୋଲ୍ଟର ବିଦ୍ୟୁତ ଉପଯୋଗ କରାଯାଉଥିଲା। ଏହିଭଳି ଭାବେ ଟ୍ରାମ ବାହନର ଲୋକପ୍ରିୟତା ସୁଦୂରପ୍ରସାରୀ ହେଲା। ଉନ୍ନବିଂଶ ଶତାବ୍ଦୀ ଶେଷ ପୂର୍ବରୁ ସମଗ୍ର ବିଶ୍ୱରେ ଟ୍ରାମର ପ୍ରସାର ହୋଇସାରିଥିଲା। ଟୋକିଓ, ଜାପାନ, ବ୍ୟାଙ୍କକ, ଥାଇଲ୍ୟାଣ୍ଡ ଏବଂ ମେଲବର୍ନ ଓ ଅଷ୍ଟ୍ରେଲିଆ ଭଳି ସହରରେ ଟ୍ରାମ ଦେଖିବାକୁ ମିଳିଲା।

ପ୍ରତିଷ୍ଠାତା ସମ୍ପାଦକ ‘ସିଂହଭୂମ’,
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,




## ଦେବୀ ଆସୁଛନ୍ତି

**ନିରଞ୍ଜନ ସାହୁ**

ଦେବୀ କରୁଛନ୍ତି ଧରାବତରଣ
ଚାରିଆଡେ ପଡ଼େ ହୁରି
ଦେବୀ ଆଗମନେ ଶରତ ସୁଷମା
ଚୌଦିଗେ ଯାଇଛି ପୁରି ।

ଦେବୀ ପୀଠସ୍ଥାନେ ଷୋଳ ଦିବସୀୟ
ପାର୍ବଣ ସମୟେ ପୂଜା
ମହାଷଷ୍ଠୀ ଠାରୁ ପୂଜା ମଣ୍ଡପରେ
ବିରାଜିତା ଦଶଭୁଜା
ଅସତ୍ୟ ଉପରେ ସତ୍ୟର ବିଜୟ
ମହିଷାର ଦର୍ପ ଚୁରି ।

ଚଣ୍ଡୀପାଠ , ହୋମଯଜ୍ଞ ଚାଲିଥାଏ
ବାଜଇ ମଙ୍ଗଳ ବାଦ୍ୟ
ପ୍ରସାଦ ସେବନ ବ୍ୟବସ୍ଥା ଭିତରେ
ରନ୍ଧନ ସାତ୍ତ୍ୱିକ ଖାଦ୍ୟ
ସଭିଙ୍କ ମୁହଁରେ ପାର୍ବଣ ପ୍ରଶଂସା
ଶୁଣାଯାଏ ଭୁରିଭୁରି ।

ସାଜସଜ୍ଜା ଆଉ ମନୋରଞ୍ଜନରେ
ବିଭୋର ହୁଅନ୍ତି ସର୍ବେ
ହାତଖୋଲା ଖର୍ଚ୍ଚ କରନ୍ତି ସରବେ
ଏହି ଦଶହରା ପର୍ବେ
ସନ୍ଧ୍ୟା ସମୟରୁ ରାତି ଅଧ ଯାଏ
ଆସନ୍ତି ସରବେ ଘୁରି ।

ପୂଜା ଆରମ୍ଭରୁ ଭଷାଣି ପର୍ଯ୍ୟନ୍ତ
ଲାଗିଥାଏ ଖୁସିବାସି
ପ୍ରବାସୀଙ୍କ ଠାରୁ ବନ୍ଧୁବାନ୍ଧବ ଯେ
ଯୋଗ ଦେଇଥାନ୍ତି ଆସି
ପାର୍ବଣର ସ୍ମୃତି ଚିହ୍ନ ରହିଯାଏ
ସର୍ବେ ହେଉଥାନ୍ତି ଝୁରି ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ : ୯୯୩୮୭୪୧୫୮୩

## ଶରତ ସନ୍ଧ୍ୟା

**ସୁହଂସ ଭୋଇ**

ଅନ୍ତରୀକ୍ଷ ପଥେ ବାହୁଡି ଆସନ୍ତି
ଅଂଶୁପତି ଅସ୍ତାଚଳ
ଆକାଶର କୋଳେ ନିରତେ ଭାସନ୍ତି
ଅଭ୍ର ଖଣ୍ଡ ମାଳ ମାଳ ।

ନୀଳ ନଭେ ଉଡି ଲେଉଟି ଯାଆନ୍ତି
ପକ୍ଷୀ ଝାଡି ଦେଇ ପର
ଖରା ଛାଇ ଖେଳ
ଗୋଧୂଳି ବେଳର
ଦୃଶ୍ୟ ଅତି ମନୋହର।

ଶୁଭେ ଉଚ୍ଚ ସ୍ୱରେ ପାହାଡ଼
ସେ'ପାଖେ
ବେଳେ ବେଳେ ଘନରବ
ଶୀତଳ ସମୀର ବହିଲେ ଲାଗଇ
ସତେ କି ବରଷି ଯିବ।

ଚାଷୀ ଆସେ ଫେରି ବିଲ କାମ ସାରି
ଗୋ'ପଳ ଛାଡନ୍ତି ଗୋଠ
ହାଣ୍ଡିଶାଳେ ମାଆ ଲଗେଇ ଦେଲେଣି
ଚୁଲୀରେ ଜାଳେଣି କାଠ।

ଦୀପଟିଏ ଜଳେ ତୁଳସୀ ମୂଳରେ
ମେଘଦେଶେ ତାରାଫୁଲ
ସଅଳ ସଅଳ ନିରବୀ ଗଲେଣି
ଗଛରେ ପତର ଡାଳ।

ଜହ୍ନ ଆସେ ଉଇଁ ତାଳବଣ ଡେଇଁ
ସରୋବରେ ହସେ କଇଁ
ଶରତ ସନ୍ଧ୍ୟାର ସୁଷମା ଅସୀମ
ଶୋଭା ମନ ନିଏ ମୋହି।

+ପହଣ୍ଡି,ବରଗଡ଼
ମୋ: ୯୪୩୭୫୨୨୪୫୫

## ସାହିତ୍ୟ ଚାଲିଛି !

**ଧ୍ରୁବ ଚରଣ ଘିବେଲା**

ପୁରସ୍କାର ଲାଭ ଲୋଭ ବଢୁଅଛି
ପୁରସ୍କାର ଯେସନ ଅନଳ
ପୁରସ୍କାର ଲୋଭେ ସେ
ଅନଳେ ଝାସ
ଦିଅନ୍ତି ପୁରସ୍କାର କାଙ୍ଗାଳ।

ପୁରସ୍କାର ନିଶାରେ ନ ରହି
ଲେଖିବା
ଲେଖିବା ଠିକ ଧରମ
ଲେଖିବା ନିଶାରେ ରହିବା ବଢ଼ିଆ
ଲେଖକର ଠିକ କରମ ।

ସାହିତ୍ୟ ପାଇଁକି କେ କରେ ସାହିତ୍ୟ
କିଏ ପୁଣି ବଞ୍ଚିଯିବାକୁ
ବେପାର ଠକେଇ ନାନା ଜାଲିଆତି
କରି ତହୁଁ ବର୍ତ୍ତିବାକୁ ।

ସାହିତ୍ୟ ସହଜ ସୁନ୍ଦର ସାଜିଛି
ନାଁ କମେଇବଓ ହୁଏ
ବେପାରରେ ନାହିଁ ବୋଲି ସନମାନ
ସାହିତ୍ୟକୁ ଭଲ ପାଏ ।

ସାହିତ୍ୟ ଗାଡ଼ିଆ ହେଉଛି ଗୋଳିଆ
ସାହିତ୍ୟ ବେପାର ପାଇଁ କି
ଗୋଡ଼ାଣିଆ ସୃଷ୍ଟି କରିବା ଲକ୍ଷ୍ୟରେ
ପୁରସ୍କାର ବଣ୍ଟା ଚାଲିଛି ।

ସାହିତ୍ୟ ଗାଡ଼ିଆ ପଦୁଅଁରେ ଭର୍ତ୍ତି
ତୋଳିବାକୁ ରଖି ମନ
ପଦ୍ମ ତୋଳି ନେଇ ହୋଇବ କୃତାର୍ଥ
ଧନ୍ୟ ହେବ ପିଣ୍ଡ ପ୍ରାଣ।

ମଞ୍ଚରେ ବସିବା ମଞ୍ଚରେ ଭାଷିବା
ସାହିତ୍ୟରେ ଆଜି ସହଜ
ଯେମିତି ବି ହେଉ ମଞ୍ଚେ ଚଢ଼ି ବସି
ଦେଖାନ୍ତି କେହି ମଗଜ।

ସାହିତ୍ୟ ନାଆଁରେ ସାହିତ୍ୟ ବେପାର
ବେପାରୀ ଯିଏ ସେ କରେ
ତୁଣ୍ଡେ ରାମ ନାମ ଅନ୍ତର ହାରାମ
ବଞ୍ଚେ ଖାଲି ବାହାନାରେ।

ଲାଭ ଲୋଭ ପାଇଁ
ମଞ୍ଚେ ବସେ ସେଇ
ଦେଇ ନେଇ ଠିକ ଜାଣି
ପୁରସ୍କାର ଗଣ୍ଡରା ଗଣ୍ଡେଇକି ଆଣେ
ସିଆଣିଆ ପଣେ ପୁଣି ।

କଣ ହେବ ଭାଇ ସେଇ ପୁରସ୍କାର
ଭଲ ମଣିଷଟେ ହୁଅ
ଲୋକଙ୍କଠୁ ମାରି ସାହିତ୍ୟ ବେପାରୀ
ହେବାରେ କି ସୁଖ କହଁ ।

ଦେଖେଇ ହେବାରେ ନ ଥାଏଟି କିଛି
ଲୋକଙ୍କୁ ଠକିବା ନାଇଁ
ନ କହିଲେ କିଏ ସଭେ ଜାଣୁଛନ୍ତି
ଜାଣନ୍ତି ଜଗତ ସାଇଁ ।

+ବଉଦରାଜ, ଜି. ବୌଦ୍ଧ
ମୋ. ୯୪୩୭୪୭୮୪୬୬

## ଆସ ମା ଦୁର୍ଗା
### ପ୍ରଭାତ କୁମାର ଆଚାର୍ଯ୍ୟ



କାହା ଆଗମନୀ ପାଇଁ
ଶରତ ଆକାଶେ ଧବଳ ବଉଦ ଭାସେ
ତଟିନୀର ନୀରେ କୁମୁଦିନୀ ମୁହଁ ଦିଶେ
ଚାରୁ ଚାମରରେ କାଶ ଖିଲି ଖିଲି ହସେ
ଶରତ ସକାଳେ ଝରା ଶେଫାଳୀର
ବାସ୍ନା ଆସେ।
ଆଜି ନୁହେଁ କାଲି
ଆସିବେ ସେ ପୂଜାମଣ୍ଡପକୁ,
ଅଳତାର ପାଦ ଥାପି
ମଙ୍ଗଳମୟୀ ମା କାତ୍ୟାୟନୀ
ଆନନ୍ଦର ମାଳା ଜପି।
ସେ ତ ଛାୟାହୀନ ବିସ୍ତାରିତ ଛାୟା
କାୟାହୀନ ସୀମାହୀନ କାୟା

ସେ ତ ସୃଜନର ପରମ ଆଧାର
ସେ ତ ପରମ ଆରାଧ୍ୟା ସକଳ ଜୀବର,।
ତାଙ୍କରି ଦିବ୍ୟ ଦୀପ୍ତିରେ ନାଶହୁଏ
କାମନାର ଅନ୍ଧ କାରାଗାର
ହାତର ତ୍ରିଶୂଳରେ
ମୃତ୍ୟୁ ହୁଏ ପାପ ଓ ପାପୀର।
ତାଙ୍କରି ପୁଣ୍ୟରେ ପୁଲକିତ
ଆଲୋକରେ ଆଲୋକିତ

ବିପୁଳ ଏ ବିଶ୍ୱ ଚରାଚର।
ମାଗିବା ଆଗରୁ ଅଜାଡ଼ି ଦିଅ ସବୁକିଛି
ତୁମେ ଅଛ ବୋଲି
ଏ ପୃଥିବୀ ପରିପୂର୍ଣ୍ଣ ଅଛି।
ମାଆ ଗୋ ମହିୟସୀ !
ତୁମେ ତ ପ୍ରାଣର ପୁଲକିତ ଫଳନ୍ତି ଫସଲ
ସବୁରି ଓଠରେ ହସ ହୋଇ
ନିଜେ ପାଲଟି ଯାଅ ଲୁହର ଗଜଲ୍।
ଆସ ଦେବୀ, ଆସ ମା ଦୁର୍ଗା !
ତବ ପଦସ୍ପର୍ଶେ ପୃଥ୍ୱୀ ହେଉ ସୁଭଗା,
ସ୍ୱାଗତର ଶୁଭ ଧ୍ୱନି
ବାଜି ଉଠେ ପ୍ରାଣରେ ପ୍ରାଣରେ
ନବ ଦିନାତ୍ମକ ଯାତ୍ରା ତବ
ଶୁଭ ହେଉ ପୂଜାମଣ୍ଡପରେ।


ସଂସ୍କୃତ ଶିକ୍ଷକ, ସିଦ୍ଧେଶ୍ୱର କଲୋନୀ,
ଜାନୁଗଞ୍ଜ, ବାଲେଶ୍ୱର


## ମା' ଙ୍କ ଆଗମନେ
### ସରୋଜ କୁମାର ଦାସ



ମା' ତୁମେ ଆସିଲେ ପାର୍ବଣ ଆସେ
ଫେରିଯାଏ ମୌସୁମୀ ଧୀରେ ଧୀରେ
ହଜିଯାଏ ଚପଳାର ଚପଳତା,
ଲୁଚକାଳି ଖେଳ
ଘନ ଘନ ବଜ୍ରନାଦ ଆତଙ୍କର ବେଳ
କେଉଁ ଏକ ଦୂର ଦିଗନ୍ତରେ
ସାତରଙ୍ଗୀ ଇନ୍ଦ୍ରଧନୁ 'ଶରତ'କୁ
କରଇ ସ୍ୱାଗତ
ଅବୁଝା ସେ ବିଦାୟ ବେଳାରେ,
ଟୋପା ଟୋପା ଅଶ୍ରୁ ବିନ୍ଦୁ ଝରିପଡେ
ଜହ୍ନ ଆଲୁଅରେ ।

ଶାନ୍ତ ଶୀତଳ ଚନ୍ଦ୍ରାତପ
ବିସ୍ତାରିତ ନଦୀପଠା
ସଫେଦ୍ ବାଲିର ଆସ୍ତରଣ
ସବୁକିଛି ଫେରିଆସେ 'ଶରତ'ର ସାଥେ
କରିବାକୁ ତୁମକୁ ସ୍ୱାଗତ,
କେତେ ଆଶା କେତେ କେତେ
ସ୍ୱପ୍ନକୁ ସଜେଇ
ଲମ୍ୱିଯାଏ ଆଗତ ସମୟ
କଳ୍ପନାର ଇନ୍ଦ୍ରଜାଲ ଡେଇଁ
ଅନାମିକା ମଣିଷଟେ ଭୁଲିଯାଏ

ଭୋକର ଜ୍ୱାଳାକୁ
ପାର୍ବଣକୁ କରେ ସେ ଜୀବନ୍ତ ।

ଅଭିମାନ ଭରା ଉଦାସ ମନରେ
କି ଅବା ମହକ ଅଛି ଏଇ ପାର୍ବଣରେ ?

ଆଜି ବି ସେମିତି ସେହି ଫୁଟ୍ ପାଥ୍‌ରେ
ନିଃଶବ୍ଦ ରଜନୀ ଦେଖେ
ଭାରାକ୍ରାନ୍ତ କେତେ ମଣିଷକୁ
ଅବୁଝା ସେ ନୟନ ଯୁଗଳ
ଦେଖୁଥାଏ ଜୀବନର
ପ୍ରଚ୍ଛଦ ପଟକୁ ବହୁଦୂରେ,
ରଙ୍ଗ ବେରଙ୍ଗର ଆଲୋକ ଭିତରେ
ଖୋଜୁଥାଏ ପାର୍ବଣକୁ
ଆସିବେକି ମା' ଦୁର୍ଗା
ସଂହାରିବା ପାଇଁ ଅସଂଖ୍ୟ ଦାନବ,
ଧର୍ମ ଓ ନ୍ୟାୟର ଅମୋଘ ଅସ୍ତ୍ରରେ ?

ମା' ତୁମେ ଆସିଲେ କାଶତଣ୍ଡୀ ହସେ
ଧରାବୁକେ ଖେଳିଯାଏ ଶୀତଳ ସମୀର,
ପାର୍ବଣର ଉତ୍ତାଳ ତରଙ୍ଗ
ଭାଙ୍ଗିଦିଏ ବାଲିଘର ମାୟା ଓ ମୋହର
ଭାସିଯାଏ ଅନ୍ତରର କଳୁଷ କାଳିମା
ଲୀନହୁଏ ଆନନ୍ଦର ଅସୀମ ସ୍ରୋତରେ ।

ତେବେ କିବା ଶେଷ ହେବ ଦୁଃଖ
ଲିଭି ଯିବ ହୃଦୟର ଅଶାନ୍ତ ଅଗ୍ନି
କେତେ କେତେ ମାଆଙ୍କ ମନରୁ ?
ସବୁକିଛି ମିଛ ଆସ୍ଫାଳନ
ମିଛ ପ୍ରତିଶ୍ରୁତି, ପାର୍ବଣକୁ ନେଇ ।

ଆଜି ମଧ୍ୟ ଜରାଶ୍ରମ ମାଆଙ୍କ ଠିକଣା
ଯେଉଁଠାରେ ଶରତ ହୁଏ ବାଟବଣା
ତୁଟିଯାଏ ସବୁ ସ୍ନେହ ମମତାର ଡୋରି ।
ମା'ଙ୍କ ଆଗମନେ,
କାହିଁ ତ ବଦଳୁନି ମଣିଷର ଚିନ୍ତାଧାରା,
ପାର୍ବଣର ଭରା ପୁଲକରେ
ନାହିଁ ଆଜି ମମତାର ମୂଲ
ଜୀବନର ଅପରାହ୍ନ ପରେ
ଅଲୋଡା ହୋଇଛି ଆଜି ମାଆର ପଣତ
ତଥାପି ସେ ମାଆ, ସର୍ବଂସହା
ଦିଅଇ ଆଶିଷ
ସବୁଦିନ ହସୁଥାଉ ମମତାର ଫୁଲ ।


ବାଲିଆପାଳ, ବାଲେଶ୍ୱର


## ଉତ୍ତର ଦିଅ ମୋ ଅମିମାଂସିତ ପ୍ରଶ୍ନର
### ମୀରା ବେଉରା



ସୁଖର ପଣତ ଯଦିଓ ଦୀର୍ଘ ଥିଲା
ମାପିବା ପୂର୍ବରୁ ଅଜାଣତେ ସରିଯାଉଥିଲା
ଦୁଃଖର ପଣତ କିନ୍ତୁ ବିସ୍ତୀର୍ଣ୍ଣତାକୁ ଛୁଇଁ
ଲମ୍ୱିଥିଲା ମାଟିଠୁ ଆକାଶ
ଭୂମିଠୁ ଭୂମା
ଅମାପ ଦୈର୍ଘ୍ୟ ଆଉ ସିମାହିନ ପ୍ରସ୍ଥ ତାର
ମୋ ଅଜାଣତେ ପାଦ ତଳୁ ମାଟି ସବୁ
ଖସୁଥାଏ
ଆକାଶ ଯେମିତି ଛିଡୁଥିଲା ମଥା ଉପରେ
କଣ୍ଠ ଶୁଖି ହେଉଥିଲା ବାଷ୍ପରୁଦ୍ଧ
ଇଶ୍ୱରବି ଥିଲେ ନିରୁପାୟ
ବଗିଚାର ଫୁଲସବୁ ଗୁମୁରି ଗୁମୁରି
ଢ଼ାଳୁଥିଲେ ଲୁହ
କିଛି ବୁଝିବା ପୂର୍ବରୁ ଚଳଚିତ୍ରର ପରଦା ପରି
ଦୃଶ୍ୟ ସବୁ ଚାଲୁଥିଲା ଆଖି ପଲକରେ
ବୋଲ ମାନୁ ନଥିଲା ଲୁହ

ଆଖିରୁ ବାହାରି ଓଠ ଦେଇ
ଭେଦୁଥିଲା ଛାତିକୁ
ଏକା ଆସୁନଥିଲା ଦୁଃଖ
ସାଥେ ବାନ୍ଧି ଆଣୁଥିଲା ସଖାସହଦୋରଙ୍କୁ
ଏତେ ସହଜରେ ବୁଝି ହେଉନଥିଲା
ଘଟଣା ସବୁ
ମୋ ପାଇଁ ଅବୁଝା ଥିଲା ତାର ଛଳନାର ହସ
ଜାଣିବି ସତର୍କ ନଥିଲି
ମୋ ଜୀବନରେ ଏମିତି କାହିଁକି
ଘଟୁଥିଲା ବାରମ୍ୱାର
ଅସହାୟ ହୋଇ ଧରୁଥିବା ହାତଟାବି
ବିଷାକ୍ତ ସର୍ପପରି ଘନଘନ ଦଂଶୁଥିଲା
ସତ୍ୟକୁ ବୁଝାଇବାକୁ ଯାଇ

ବାରମ୍ୱାର ହାରିଯାଉଥିଲି
ନିଜକୁ ଜାହିର କରିବାକୁ ବି ଥିଲି ଅସମର୍ଥ
ସବୁଠୁ ବଡ଼ କଷ୍ଟ ଥିଲା ଅବୁଝା ଅଙ୍କ ହୋଇ
ନିଜ ଭିତରେ ରହିଯିବା
ନିଜକୁ ବୁଝାଇବାର ଅପଚେଷ୍ଟା
ବେଶି ବେଶି ଯନ୍ତ୍ରଣା ଦେଉଥିଲା
ଅଜଣା ଭୟ ବିନ୍ଧୁଥିଲା ଛାତିକୁ
ଅବୁଝା ଅପଢା ଶୂନ୍ୟ ଫର୍ଦ୍ଦଟିଏ
ହୋଇ ରହିଗଲି ମୁଁ ଚିର କାଳକୁ
ଶେଷରେ ଉଦ୍ଧତ, ଜିଦ୍ ଖୋର ଅହଙ୍କାରୀ
ମଣିଷରେ ନାଁ ଗଣା ହୁଏ ମୋର
ଭାବିଲି ପଚାରିବି ଥରେ ସୃଷ୍ଟିର ଶ୍ରଷ୍ଟାଙ୍କୁ
ସତରେ କଣ ମୁଁ ଉଦ୍ଧତ, ଜିଦ୍ ଖୋର
ଅହଙ୍କାରୀ ସତ।ଟିଏ
କୁହ ହେ ସ୍ରଷ୍ଟା
ଅଛିକି ତୁମ ପାଖେ ମୋ ଅମିମାଂସିତ
ପ୍ରଶ୍ନର ଉତ୍ତର


ରଘୁନାଥଜୀଉ ମହାବିଦ୍ୟାଳୟ
ଦେଉଳସଛହି, କଟକ
ମୋ:୯୮୫୩୩୫୦୩୮୪


## ପେଣ୍ଡୁଲମ୍
### ଗଜାନନ ମିଶ୍ର

ଅଛି ଆଗପରି,
ହୋଇ ନି ବଦଳ କିଛି।
ନ ଥିଲା ପାଇବାର ଆଶା,
ନାହିଁ ଏବେ ବି।
ଦେଖୁଛି ପଛକୁ ଓଲଟି
ହରାଇ ନି କିଛି।
ହରାଇବି ନାହିଁ ଏମିତି, ଆଗକୁ ବି।
ମିଳିଛି ଯେତେକ, ଯଥେଷ୍ଟ।
ମୁଁ ମୋର ପୁଷ୍ଟ।
ହଲାଝୁଲା ସ୍ୱପ୍ନରେ, ସଦା ସନ୍ତୁଷ୍ଟ।


ତପୋବନ,
ଟିଟିଲାଗଡ-୭୬୭୦୩୩


## ହେ ଈଶ୍ୱର
### ଭାବଗ୍ରାହୀ ମେହେର

ହେ ଈଶ୍ୱର
ତୁମେ ଯାହା କର
ଭଲ ପାଇଁ ହିଁ କର...
ଏଇଟା ମୁଁ ବହୁତ
ଭଲ ଭାବରେ ଜାଣେ...
କିନ୍ତୁ ସେଇ ଭଲ ସମୟର
ଅପେକ୍ଷା ଭିତରେ
ଯେତେ କଷ୍ଟ ସହ୍ୟ କରିବାକୁ ହୁଏ
ବାସ୍ତବରେ ସେଇଟା
ଭୋଗିବା ଲୋକକୁ ହିଁ ଜଣା ।

ମୁଁ ଭଲ ଭାବରେ ଜାଣେ
ଆଉ ତୁମ ଉପରେ ମୋର
ଅତୁଟ ବିଶ୍ୱାସ ଅଛି ପ୍ରଭୁ
ତୁମେ ମୋ ଭଲ ପାଇଁ ହିଁ
ସବୁ ବେଳେ ଚିନ୍ତା କର...
କିନ୍ତୁ ସେଇ ତୁମ
ଅଦେଖା ଯୋଜନାକୁ
ଗ୍ରହଣ କରିବା କେତେଯେ କଷ୍ଟ
ବାସ୍ତବରେ ସେଇଟା
ହୃଦୟଙ୍ଗମ କରିବା ଲୋକକୁ ହିଁ ଜଣା ।

ମୁଁ ତୁମ ଯୋଜନା ସହିତ
ଅତ୍ୟନ୍ତ ପରିଚିତ ପ୍ରଭୂ...
କାରଣ ତୁମେ ମୋ ସହିତ
ଆଗରୁ ବହୁତ କିଛି କରିଛ
ଆଉ ଭଲ ପାଇଁ ବି କରିଛ...
କିନ୍ତୁ ସେଇ ଭଲ ସାମ୍ନାରେ
ନ ପହଞ୍ଚିବା ପର୍ଯ୍ୟନ୍ତ
ଯେତେ ଯନ୍ତ୍ରଣାର ସାମ୍ନା
କରିବାକୁ ପଡେ
ବାସ୍ତବରେ ତାହା
ଅନୁଭବ କରିବା ଲୋକକୁ ହିଁ ଜଣା ।।


କଁସିଲ, ବଙ୍ଗୋମୁଣ୍ଡା,ବଲାଙ୍ଗୀର
ସହକାରୀ ଶିକ୍ଷକ,ସରକାରୀ ବାଳିକା ଉଚ୍ଚ
ବିଦ୍ୟାଳୟ,କୋମନା
ମୋ - ୯୭୭୭୫୦୬୪୮୩


## ଲୌହ ମାନବ
### କାର୍ତ୍ତିକେଶ୍ୱର ନାୟକ

କରମ ଯାହାର ଜୀବନ ଧରମ
ପ୍ରତିକ୍ଷଣ ସମର୍ପଣ ଥକିଯିବା,
ନୁହେଁ ଜୀବନ ସଂଗ୍ରାମେ
ସର୍ବଦା କରିଛି ପଣ ।

ଜୀବନ ଜୀବିକା, ଯେତେଦୂର ଯାଉ
ଅଟଳ ଯା' ସ୍ୱାଭିମାନ
ଲୌହ ମଣିଷ ସେ ସହଜେ ଭାଙ୍ଗେ ନା
ସର୍ଦ୍ଦାର ଯାହାଙ୍କ ନାମ ।

ଏ ଜାତି ଝୁରୁଛି, ତୁମ ଇତି କଥା
ମାନବୀୟ ମୂଲ୍ୟବୋଧ
ଜାତି ପ୍ରୀତି ବହ୍ନି କର୍ମ ସ୍ୱାଭିମାନି
ଜୀବନର ପ୍ରତିବୋଧ ।

ଜନମ ଭୂମିର ସୁଯୋଗ୍ୟ ସନ୍ତାନ
ଲୁହା ପରି ତୁମ ଭାବ
ଦେଶ ପାଇଁ ତୁମ ଗୌରବ ଗାଥା
ଜାତିର ଅନୁପମ ।


ବୌଦ୍ଧ


## ପ୍ରଶ୍ନର ବଳୟରେ ମା...
### ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ



ଦୁର୍ଗତି ନାଶିନୀ ମା !
ତୋର୍ ଏତେ ଶକ୍ତି
ଏତେ ସାମର୍ଥ୍ୟ ନାହିଁ ଯେ
ତୁ ଚାହିଁଲେ ଏକା ଏକା
ରୋକି ପାରିବୁ ମଦକୁ...
ବଧି ପାରିବୁ ମଦଭକ୍ତ
ଅସଂଖ୍ୟ ମଣିଷାସୁର ମାନଙ୍କୁ...
ତୁ ତ ନିଜେ ମଦ ବନ୍ୟାରେ
ପୀଡ଼ିତା ହୋଇ
ତ୍ରାହି ତ୍ରାହି ଚିତ୍କାରୁଛୁ...
ଆଖି ବୁଜି ନୀରବରେ
ସହି ଯାଉଛୁ
ସେମାନଙ୍କ
ବ୍ୟଭିଚାରକୁ...
ତୋ ପରାକ୍ରମଶାଳୀ ବାହନ ବି
ପାଲଟି ଯାଇଛି ଆଜି
ନିରୀହ ଶୃଗାଳ...
ତୋ ଭକ୍ତମାନେ
ଥରହର ହୋଇ
ସାଜିଛନ୍ତି
ବଳୀର ଛାଗଳ,

ତୋ ଆଖି ସାମ୍ନାରେ
ଅସଂଖ୍ୟ ଲଳନା
ବୃନ୍ତଚ୍ୟୁତ କୁସୁମ ସମ
ଖେଳନା ସାଜି
ଭାଜି ଯାଉଛନ୍ତି...
ଦିନ ଆଲୁଅରେ
କେତେ କେତେ
ଦେବ ଶିଶୁ
ହଜି ଯାଉଛନ୍ତି...
କେମିତି ଚୁପ୍ ଚାପ୍ ସହି ଯାଉଛୁ ମା
ଏତେ ଅନ୍ୟାୟ
ଆଉ ଅନ୍ୟାଚାରକୁ...
କେମିତି ବରଦାସ୍ତ କରୁଛୁ
ନାରୀ ଶକ୍ତିର ଅବମାନନାକୁ ?
ଅଅଅ


କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର,
ଯାଜପୁର (ଓଡ଼ିଶା)
ପିନ୍ -୭୫୫୦୧୩/
ମୋ -୮୫୯୪୮୮୫୮୯୮




## ଦୂରତା
### ଐଶ୍ୱର୍ଯ୍ୟା ପ୍ରଧାନ

ଏମିତି ରେ ବି ତୁ, ମୁଁ ଆଉ
ଆମ ଭିତରେ ଥିବା ଏ ଦୂରତା
ବହୁତ କିଛି କହିଯାଏ
ତୁ ନ ଥିବା ପଣରେ ମୁଁ ଟୋପା ଟୋପା
ଲୁହକୁ ଗଣେ
ଆଉ ତୁ ଆକାଶ ଆଉ ପୃଥିବୀର ଦୂରତା
ମାପୁ ।
ମରିବା ଠାରୁ ବି ବଞ୍ଚିବା ବହୁତ କଷ୍ଟ ତୋ
ବିନା
ଥରେ ପଚାର୍
ମୋତେ
ମୋ ନିଃସ୍ୱପଣକୁ
ତୋ ଅନୁପସ୍ଥିତିରେ ଯା ଆସ କରୁଥିବା
ଏ ନିଃଶ୍ୱାସକୁ
ଉତ୍ତର ପାଇଯିବୁ ।

କେବେ କେବେ ଭାବେ
କେମିତି ବଞ୍ଚିଛି ମୁଁ?
ତୋର ସେଇ ସ୍ମୃତି ଟିକକରେ
ତୋ ଚିଠିର ଅପେକ୍ଷାରେ
ଆମ ପ୍ରେମର ପାଗଳାମିରେ
ନା' ତୋ ଫେରି ଆସିବାର
ଆତ୍ମବିଶ୍ୱାସରେ
ଏତିକି ତ ମୋର ପାଥେୟ,ସର୍ବସ୍ୱ
ଜାଣେନା,
ଏ ଅପେକ୍ଷାର ଅନ୍ତ
ତଥାପି,
ମୁଁ ପ୍ରେମ କରେ
ତତେ ପ୍ରେମ କରେ ।


ପୋଷ୍ଟାଲ୍ କଲୋନୀ
ଭବାନୀପାଟଣା, କଳାହାଣ୍ଡି
ମୋ-୭୦୦୮୯୩୧୫୯୯


## ମା ଆଗମନେ
### କ୍ଷଣ ପ୍ରଭା ଧଳ



କାଶତଣ୍ଡୀର ରୌପ୍ୟ ଆଭୁଷଣେ
ହସୁଛି ଧରଣୀ ରାଣୀ
ଲାସ୍ୟମୟୀ ବରଷା ବିଦାଏ
ଆସିଛି ଶରତ ପୁଣି
ନିର୍ମଳ ଜଗତ ଶୁଷ୍କ ପରିବେଶ
ପାର୍ବଣ ପାର୍ବଣ ବାସେ
ମା ଆସିବାର ଭବ୍ୟ ସ୍ୱାଗତେ
ଆଶ୍ୱିନ ମୁରୁକି ହସେ
ସୁନୀଳ ଦିଶଇ ଅନନ୍ତ ଗଗନ
ସୂର୍ଯ୍ୟ ରଶ୍ମି ପ୍ରକାଶଇ
ଦୁର୍ଗତି ନାଶିନୀ ଦଶ ଭୁଜା ଆଗନ୍ତୁକ
ଉଠୁଛି ପଡୁଛି ମହି
ମା' ଆମ ଆସିବେ ଗଜ ବାହାନାରେ
ଚାଂହିଛୁ ଚାତକ ସମ
ଜ୍ୟୋତିର୍ଗମୟ ହୋଇବ ଜଗତ
ଦୂରେଇବ ଘୋର ତମ
ଆବାହନ କରୁ ମହାଳୟା ଦିନୁ

ତୁମ ପବିତ୍ର ନାମକୁ ସ୍ମରି
ଅବତୀର୍ଣ୍ଣ ହେଲେ ଏ ଧରାପୃଷ୍ଠରେ
ଆଶିଷ ପଡିବ ଝରି
ଖଣ୍ଡା ଓ ଖର୍ପର ହସ୍ତରେ ତୁମର
ଅନ୍ୟାୟ ଅନୀତି ପାଇଁ
ସତ୍ୟ ଧର୍ମ ଆଉ ନ୍ୟାୟର ପ୍ରତୀକ
ତୁମେ ତ କରୁଣା ମୟୀ
ନ ଦିନ ତୁମେ ମର୍ତ୍ତ୍ୟ ମଣ୍ଡଳରେ
ନ ରୂପେ ପୂଜା ପାଅ
ଦଶମୀ ତିଥି ରେ ଦଶ ଭୁଜା ତୁମେ
ସରଗେ ବାହୁଡ଼ି ଯାଅ
ପ୍ରଥମ ରୂପେ ଶୈଳପୁତ୍ରୀ ତୁମେ
ଦ୍ୱିତୀୟେ ବ୍ରହ୍ମ ଚାରିଣୀ

ଦୁରକର ତୁମେ ସବୁ ଦୁଃଖ ମା
ଭକତ ମନକୁ ଜାଣି
ତୃତୀୟ ରୂପରେ ଚନ୍ଦ୍ରଘଣ୍ଟା ତୁମେ
କୁଷ୍ମାଣ୍ଡା ଚତୁର୍ଥ ରୂପେ
ମହିଷାସୁର କଳା କୁ ଧରିଲେ
କେହି ବଞ୍ଚିବେନି କୋପେ
ପଞ୍ଚମ ରୂପରେ ସ୍କନ୍ଧ ମାତା ତୁମେ
ଶଷ୍ଟେ ପୁଣି କାତୟାନୀ
ବିଘ୍ନ ବାଧା ସବୁ ଦୂରେଇଯାନ୍ତି
ତୁମେ ଅଟ ବିଘ୍ନବିନାଶିନୀ
ସପ୍ତମ ଦିନରେ କାଳରାତ୍ରି ତୁମେ
ଅଷ୍ଟମରେ ମହାଗୌରୀ
ଶୁଭ୍ର ରୂପ ତୁମ ଶୁଭ୍ର ଆଭୂଷଣ
ମନ ପ୍ରାଣ ନିଏ ହରି
ନବମର ମା ସିଦ୍ଧିଦାତ୍ରୀ ତୁମେ
କାର୍ଯ୍ୟ ସିଦ୍ଧି କରିଦିଅ
ଭକତ ଜନର ଆଶାର କଳସ
ଆନନ୍ଦରେ ଭରି ଦିଅ ।


ଯାଜପୁରରୋଡ
ମୋ: ୭୦୦୮୪୯୦୭୧୯


## ମନେ ରଖିବୁରେ ଭାଇ
### ଶିଶିର କୁମାର ପଣ୍ଡା



ବସିଯାଆ ଭାଇ ମାଆ ପାଖେ ଯାଇ
ଆଜି ଅଛି, କାଲି ନଥିବ ସିଏ
ଶୁଖିଲା ପତର ଗଛରେ ଝୁଲୁଛି
କେବେ ଝଡ଼ିଯିବ କହିବ କିଏ ?

ଖୋଇଦେଏ ଭାଇ ବାପାଙ୍କୁ ତୋହର
ଯାହା ଖୋଜୁଛନ୍ତି ମନକୁ ଚାହିଁ
ମଲାପରେ ସିଏ ଶ୍ରାଦ୍ଧ ଖାଇବାକୁ
ତୋ ଦୁଆରେ କେବେ ଆସିବେ ନାହିଁ ।

କହିବାକୁ ଦେଏ ମନଇଚ୍ଛା ତାଙ୍କୁ
କିଛି ବି ବାରଣ କରନା ଧନ
କାଲିକି ହୁଏତ ଶୁଣି ପାରିବାନି
ତାଙ୍କ କଣ୍ଠସ୍ୱର ଥିଲେବି ମନ ।

ଯାହା ସେ ଖରଚ କରିବା ଚାହାଁନ୍ତି
କେବେ ତାଙ୍କୁ ଭାଇ ରୋକିବୁ ନାହିଁ
କାଲି ସେ ନଥିବେ, ତାଙ୍କ ରୋଜଗାର
ସବୁ ଥୁଆ ଥିବ ଆମରି ପାଇଁ ।

ଏଇ ସଂସାରରେ ବାପା ମାଆ ପରି
ଆଉ ହିତକାଂକ୍ଷୀ କିଏବା ହେବେ
ଦୀପଟିଏ ଭଳି ନିଜେ ଜଳି ଜଳି
ନିଜ ସନ୍ତାନକୁ ସୁରକ୍ଷା ଦେବେ ?


କୁଆଁସ, ମେରଦା କାଟିଆ, ଯାଜପୁର
ମୋ: ୮୯୮୧୭୩୭୨୨୮


## ତୁ ମନେ ପଡିଲେ
### ଗୋଲୋକ ବିହାରୀ ବେହେରା

ତୁ ମନେ ପଡିଲେ
ବଉଳ ଫୁଲର ବାସ୍ନା ଚହଟି ଯାଏ ।
ତୁ କଥା କହିଲେ
ଶୁଖିଲା ପତ୍ରରେ ରିମ ଝିମ ବର୍ଷା ହୁଏ ।
ତୁ ପାଖରେ ଚାଲିଗଲେ
ନିର୍ବାଣ ପ୍ରାପ୍ତ ଇନ୍ଦ୍ରିୟଗଣ ବି ନାଚି ଉଠନ୍ତି
ତୁ ହସି ଦେଲେ
ଅତ୍ମୀୟତାରେ ଦେହ ଶିତେଇ ଉଠେ ।
ତୁ ଚାହିଁ ଦେଲେ
ମୁଁ ବନ୍ଧାପଡେ ତୋ ନୀଳ ସ୍ଫଟିକ ଆଖିରେ ।
ତୁ କଳି କଲେ
ମୁଁ ଅନୁରାଗର ଅମୃତରେ ସ୍ନାନ କରେ ।
ମୋତେ ସ୍ପର୍ଶ କଲାପରେ
ତୁ ରହିଗଲୁ ମୋ ମନର ନିଭୃତ କକ୍ଷରେ
ଆଉ ତୋ ନିବିଡ଼ ଆଶ୍ଳେଷରେ
ମୁଁ ହଜିଗଲି କୋଟି କୋଟି ନକ୍ଷତ୍ର
ମେଳରେ ।


ପ୍ରାକ୍ତନ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ
ଷଡ଼ଙ୍ଗୀ, ଢେଙ୍କାନାଳ-୧୬
ମୋ: ୯୯୩୮୩୦୩୦୪୬




## ଉଚ୍ଚାଟ ବର୍ଷା
### ପ୍ରଶ୍ନ କୁମାର ଶତପଥୀ

ମୃଦୁ ଭାବରେ ଧୀର ଗତିରେ
ଶୂନ୍ୟରୁ ଝରଇ ମୃଦୁଳ,
ଚକ୍ଷର ମନରେ ଚକ୍ର ଗତିରେ
ପ୍ରକାଶଇ ମେଘମାଳ ।
ମୃଦୁ ମଳୟ ପ୍ରବାହ ଧୀରେ
ବାଦଲର ଛାୟା ଅଞ୍ଚଳେ,
କିଛି ସ୍ଥାନରେ ଉଚ୍ଚାଟ ବର୍ଷା
ଅତି ଖୁସି ମନରେ ଖେଳେ ।


ଦୁମାଡ଼ିହି, ଜାମଦା, ମୟୂରଭଞ୍ଜ

# ସ୍ଥାୟୀ ନିଯୁକ୍ତି ଓ ପରିଚୟ ପତ୍ର ସହ ସର୍ବନିମ୍ନ ମଜୁରି ଦିଅ : ମଧ୍ୟାହ୍ନ ଭୋଜନ ପାଚିକା ମହାସଂଘ

ଭୁବନେଶ୍ୱର, ୦୭/୧୦ (ନି.ପ୍ର): ମଧ୍ୟାହ୍ନ ଭୋଜନ ଯୋଗାଇ କୁପୋଷଣ ଦୂର କରି ପିଲାମାନଙ୍କୁ ପୋଷଣ ଯୋଗାଇବା ସରକାରୀ ସ୍କୁଲର ସବୁଠୁ ବଡ଼ ଯୋଜନା। ହେଲେ ଏହି ଯୋଜନାର ମୂଳ ମେଢି ହେଉଛନ୍ତି ପାଚକ ପାଚିକା। ଯେଉଁମାନେ ନିରବଚ୍ଛିନ୍ନ ଭାବେ ଖାଦ୍ୟ ରାନ୍ଧି ବ୍ୟବସ୍ଥିତ ଢଙ୍ଗରେ ଯୋଗାଇ କୁନି କୁନି ପିଲାଙ୍କୁ ଆଜିପର୍ଯ୍ୟନ୍ତ ଏହି ଯୋଜନାର ସଫଳତା ଦେଇ ସରକାରୀ ବ୍ୟବସ୍ଥାକୁ ବାଃ ବାଃ କରାଇ ଚାଲିଛନ୍ତି, ସେମାନଙ୍କ ବିଭିନ୍ନ ଦାବି ଓ ଆଲୋଚନା ନେଇ ରବିବାର ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ଫରୱାର୍ଡ ବ୍ଲକ, ନେତାଜୀ ଭବନଠାରେ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘର ରାଜ୍ୟସ୍ତରୀୟ କର୍ମକର୍ତ୍ତା ବୈଠକ ସଭାପତି ଶ୍ରୀଯୁକ୍ତ ଯୋଗେନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଭିଭାବକ ମହାସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ପ୍ରସନ୍ନ ବିଷୋୟୀ, ମୁଖ୍ୟ ସଂଯୋଜକ ପ୍ରଦୀପ ନାୟକ, ଦୂରଦର୍ଶୀର ସମ୍ପାଦକ ଦୁର୍ଗା ସାମନ୍ତରାୟ ପ୍ରମୁଖ ଯୋଗଦେଇ ପାଚିକାମାନଙ୍କ ସମସ୍ୟା ଗୁରୁତର ଓ ଦାବି ଯୁକ୍ତିଯୁକ୍ତ। ତେଣୁ ନ୍ୟାର୍ଯ୍ୟ ଲଢେଇରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବୈଠକର ନିଷ୍ପତି ଅନୁଯାୟୀ ପ୍ରଥମେ ମହାସଂଘର ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀଙ୍କୁ ଭେଟି ଆଲୋଚନା କରାଯିବ।

ରାଜ୍ୟରେ ପ୍ରାୟ ୧ଲକ୍ଷ ୨୦ ହଜାର ପାଚକ ପାଚିକା ସରକାରୀ ବିଦ୍ୟାଳୟରେ ଦୀର୍ଘ ୨୫ବର୍ଷରୁ ଉର୍ଦ୍ଧ୍ୱ ସମୟ ମଧ୍ୟାହ୍ନ ଭୋଜନ ରାନ୍ଧି ପିଲାମାନଙ୍କୁ ଖାଇବାକୁ ଦେଇ ଆସୁଛନ୍ତି। ସେମାନେ ଏପର୍ଯ୍ୟନ୍ତ କୌଣସି ସୁବିଧା ସୁଯୋଗ ପାଇପାରି ନାହାଁନ୍ତି। ମାସିକ ମାତ୍ର ଦୁଇହଜାର ଟଙ୍କା ଦରମା। ହିସାବ କଲେ ଦୈନିକ ୬୫ ଟଙ୍କା ପଡୁଛି। ସର୍ବନିମ୍ନ ମଜୁରି ବ୍ୟବସ୍ଥାକୁ ସତେ ଯେପରି ଏହି ପ୍ରାପ୍ୟ ହାସ୍ୟସ୍ପଦ ପରି ମନେହେଉଛି। ତେଣୁ ସରକାରଙ୍କ ନିକଟରେ ଦାବି ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପରେ ପରବର୍ତ୍ତୀ ସମୟରେ ପଦକ୍ଷେପ ଗ୍ରହଣ ପାଇଁ ରାଜ୍ୟସ୍ତରୀୟ କର୍ମକର୍ତ୍ତା ବୈଠକରେ ଆଲୋଚନା ହୋଇଯାଇଛି। ସରକାରୀ ସ୍କୁଲ୍‌ରେ ମଧ୍ୟାହ୍ନ ଭୋଜନ ରାନ୍ଧୁଥିଲେ ମଧ ସେମାନଙ୍କ ଏପର୍ଯ୍ୟନ୍ତ ସରକାରଙ୍କ ତରଫରୁ କୌଣସି ସରକାରୀ ନିଯୁକ୍ତିପତ୍ର ବା ପରିଚୟ ପତ୍ର କିମ୍ବା କ୍ରମିକ ନମ୍ବର ଦିଆଯାଇ ନାହିଁ। ଏସ୍ଏମ୍ସି କମିଟି ଏବଂ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଏସ୍ଏଚ୍‌ଜି କମିଟି ମାନଙ୍କ ନିୟନ୍ତ୍ରଣରୁ ବାହାର କରି ସରକାର ପାଚକ ପାଚିକାମାନଙ୍କୁ ତୁରନ୍ତ ନିଯୁକ୍ତି ପ୍ରଦାନ କରନ୍ତୁ। ସରକାର ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ କରିଥିଲେ ମଧ ପାଚିକାମାନଙ୍କ କଥା ଭୁଲି ଯାଇଛନ୍ତି। ତେଣୁ ପାଚିକାମାନଙ୍କ କ୍ଷେତ୍ରରେ ଏହାକୁ ଲାଗୁ କରିବା, ପାଚିକାମାନଙ୍କ ପାଇଁ ଜୀବନବୀମା କରିବା, ଅବସର ସମୟରେ ଏକଲକ୍ଷ ଟଙ୍କା ଅବସରକାଳୀନ ଭତା ପ୍ରଦାନ, ପୂର୍ବ ଘୋଷଣା ମୁତାବକ ସମସ୍ତ ପ୍ରାପ୍ୟ ପ୍ରଦାନ କରିବା, ଗ୍ରୀଷ୍ମକାଳୀନ ଛୁଟିକୁ ବାଦ ନଦେଇ ଦଶମାସ ବଦଳରେ ସମ୍ପୂର୍ଣ୍ଣ ୧୨ ମାସର ଦରମା ପ୍ରଦାନ କରିବା ଆଦି ଦାବି ଉପସ୍ଥାପନ ପାଇଁ ପ୍ରସ୍ତାବ ଗ୍ରହଣ କରାନଗଲେ, ଆଗାମୀ ବିଧନସଭା ଅଧିବେଶନ ସମୟରେ ସମସ୍ତ ୧ଲକ୍ଷ ୨୦ ହଜାର ପାଚକ ପାଚିକା ଆସି ଗାନ୍ଧୀମାର୍ଗରେ ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ମଧ ନିଷ୍ପତି ନିଆଯାଇଛି। ଆଗାମୀ ୧୫ ତାରିଖ ଠାରୁ ପ୍ରଥମେ ଗଞ୍ଜାମ ଜିଲ୍ଲାରୁ ଆରମ୍ଭ କରି ପ୍ରତି ଜିଲ୍ଲାରେ ବୈଠକ ଅନୁଷ୍ଠିତ ହେବ ବୋଲି ସଭାପତି ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ବୈଠକରେ ରାଜ୍ୟ ସାଧାରଣ ସମ୍ପାଦିକା ଦୀପାଞ୍ଜଳି ଯାଦବ, କୋଷାଧକ୍ଷ ସନ୍ଧ୍ୟାରାଣି ସ୍ୱାଇଁ, ରାଜ୍ୟ ଆଶା ସଂଘର ସଭାପତି ମମତା ବେହେରା, ଉପସଭାପତି ପୂର୍ଣ୍ଣିମା ଷଣ୍ଢ, ଅହଲ୍ୟା ସାହୁ, ସଂଯୁକ୍ତା ବିଶୋୟୀ, ସୁମିତ୍ର ରଥ, ସମ୍ପାଦକ ବିଜୟ ରଥ, ଜଗନ୍ନାଥ ମୁଦୁଲି, ମଲ୍ଲି ବେହେରା, ରଙ୍କୁଣୀ ଆମ୍ବା, ଉଷା ବେହେରା, ସୁମିତ୍ରା ଦୁରୁଆ, ସୂର୍ଯ୍ୟକାନ୍ତି ବଗର୍ତିଙ୍କ ସମେତ ସମସ୍ତ ଜିଲ୍ଲାର ଜିଲ୍ଲା ସଭାପତି ଉପସ୍ଥିତ ଥିଲେ।

# ଶବର ସମାଜ ଭବନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ବଲାଙ୍ଗୀର, ୦୭/୧୦ (ନି.ପ୍ର): ପାଟଣାଗଡ ବ୍ଲକ ମରୁଆଁ ପଂଚାୟତର ଗଞ୍ଜାଉଡାର ଗାଁ ଠାରେ ଶବର ସମାଜ ଭବନ ନିର୍ମାଣ ସକାଶେ ଭିତିପ୍ରସ୍ତର ସ୍ଥାପନ ହୋଇଯାଇଛି। ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କ କରକମଳରେ ଭୂମିପୂଜନ ହୋଇଥିଲା। ରାଜ୍ୟସଭା ସାଂସଦଙ୍କ ସ୍ଥାନୀୟ ଅଂଚଳ ଉନ୍ନୟନ ପାଣ୍ଠିରୁ ଚାରିଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସୂଚନା ଦିଆଯାଇଛି। ଶବର ସମାଜ ଭବନ ଭୂମିପୂଜନ ପୂର୍ବରୁ ଗଞ୍ଜାଉଡାର ଗାଁରେ ଶବର ସମାଜର ସାଂସ୍କୃତିକ ଦଳଗୁଡ଼ିକ ନୃତ୍ୟ ଗୀତ ସହିତ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବିରାଟ ସାଂସ୍କୃତିକ ଶୋଭାଯାତ୍ରା ମାଧ୍ୟମରେ ସଭାସ୍ଥଳକୁ ସାଂସଦ ଶ୍ରୀ ବିଶିଙ୍କୁ ପାଛୋଟି ଆଣିଥିଲେ। ପ୍ରସ୍ତାବିତ ଭୂମିପୂଜନ ପରେ ଶବର ସମାଜର ଉପଖଣ୍ଡ ସଭାପତି ଚନ୍ଦ୍ରମଣି ଶବରଙ୍କ ସଭାପତିତ୍ୱରେ ସଭା କରାଯାଇଥିଲା। ଓଡ଼ିଶା ରାଜ୍ୟରେ ଚଉଷଠିଟି ଆଦିବାସୀ ସମ୍ପ୍ରଦାୟ ଥିବାବେଳେ ଶବର, ସହରା, ସଉରା, ସଅର, ଜାରା ଶବର, ବେଶୁ ସଓରା, ଭିମା ସଓରା, ଲରିଆ ସଓରା, ସୁଦ୍ଧ ସଓରା, କଳାପୀଠିଆ ସଓରା, ଲାଞ୍ଜିଆ ସଉରା, ଯତି ସଉରା, ଟଙ୍କଳା ସଉରା ଅନ୍ୟତମ। ଓଡ଼ିଶାରେ ମୋଟ ଜନସଂଖ୍ୟାର ୨୩ ପ୍ରତିଶତ ଜନସଂଖ୍ୟା ହେଉଛନ୍ତି ଆଦିବାସୀ। ଓଡ଼ିଶାରେ ଶବର ସହରା, ସଅର, ସଉରା ଆଦିବାସୀଙ୍କ ଜନସଂଖ୍ୟା ୧୭ ଲକ୍ଷରୁ ଉର୍ଦ୍ଧ୍ୱ। ସଉରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ପାଇଁ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଛନ୍ତି। ଓଡ଼ିଶାରେ ଶବର ସଂସ୍କୃତି, ଭାଷା, କଳା, ସ୍ଥାପତ୍ୟ, ଐତିହ୍ୟ ସର୍ବ ପ୍ରାଚୀନ। ଶବର ସଂସ୍କୃତିର ସୁରକ୍ଷା, ସଂରକ୍ଷଣ, ପୁନଃଉଦ୍ଧାର ଆବଶ୍ୟକ ବୋଲି ରାଜ୍ୟସଭା ସାଂସଦ ଶ୍ରୀ ବିଶି ପ୍ରକାଶ କରିଥିଲେ। ଶବର ରାଜା ବିଶ୍ୱବଶୁଙ୍କ ନୀଳମାଧବ ସଂସ୍କୃତି, ନୀଳମାଧବ ସଂସ୍କୃତିରୁ ଶ୍ରୀ ଜଗନ୍ନାଥ ସଂସ୍କୃତି ବିଶ୍ୱବିଦିତ ଥିବାବେଳେ ରାମାୟଣ ବର୍ଣ୍ଣିତ ତ୍ରେତୟା ଯୁଗର ଶ୍ରୀରାମ ଏବଂ ଶ୍ରାବଣା ଶବରୀଙ୍କ ଶବରୀ ନାରାୟଣ ସଂସ୍କୃତି ଖ୍ୟାତି ସୃଷ୍ଟି କରିଛି। ମଂଚରେ ସମ୍ପାଦକ ସାରଥୀ ବାଗ ସଭା ପରିଚାଳନା କରିଥିଲେ। ମଂଚରେ ମହାଦେବ ଶବର, ଯୁଧିଷ୍ଠିର ଶବର, ଯୁବରାଜ ବନଗୁଳା, ଦୁଃଖିରାମ ବାରଲେବଡ଼ିଆ, ପୂର୍ଣ୍ଣ ଶବର, ହରିଶ୍ଚନ୍ଦ୍ର ଶବର, ଦୁର୍ଯ୍ୟୋଧନ ବିଶି, ତଡସିକ ନାଗ, ଝସକେତନ କିସାନ ପ୍ରମୁଖ ମଂଚାସିନ ଥିଲେ। ସଭାରେ ଜମି ଦାତା ପଦ୍ମଲୋଚନ ମେହେରଙ୍କୁ ଶବର ସମାଜ ତରଫରୁ ସମ୍ମାନିତ କରାଯାଇଥିଲା।

# ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଙ୍ଘ କେନ୍ଦ୍ରାପଡ଼ା ଡିଭିଜନ ଦ୍ୱିତୀୟ ଦ୍ୱିବାର୍ଷିକ ସମ୍ମିଳନୀର ଖୋଲା ଅଧିବେଶନ

କେନ୍ଦ୍ରାପଡ଼ା, ୦୭/୧୦ (ନି.ପ୍ର): ଅଖିଳ ଭାରତ ଗ୍ରାମୀଣ ଡାକସେବକ ସଙ୍ଘର କେନ୍ଦ୍ରାପଡ଼ା ଡିଭିଜନର ଦ୍ୱିତୀୟ ଦ୍ୱିର୍ଷିକ ସମ୍ମିଳନୀର ଖୋଲା ଅଧିବେଶନ ରବିବାର କେନ୍ଦ୍ରାପଡ଼ା ମୁଖ୍ୟ ଡାକଘର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଓଡ଼ିଶା ସର୍କଲର ପୂର୍ବତନ ସମ୍ପାଦକ ଅଶୋକ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ିଶା ସର୍କଲର ପୂର୍ବତନ ସମ୍ପାଦକ ହିମାଂଶୁ ଶେଖର ଦାସ, ପୂର୍ବତନ ସମ୍ପାଦକ ନିର୍ମଳ ଚନ୍ଦ୍ର ସିଂ, ସି.ପି.ଆଇ.(ଏମ୍)ର ଜିଲ୍ଲା ସାଧାରଣ ସମ୍ପାଦକ ଗୟାଧର ଧଳ, କଟକ ମଣ୍ଡଳ ସମ୍ପାଦକ କମଳ ରାଜା ଖାଁ, ପୂର୍ବତନ ମଣ୍ଡଳ ସମ୍ପାଦକ ରଜନୀକାନ୍ତ ନାୟକ, କେନ୍ଦ୍ରାପଡା ମଣ୍ଡଳର ପୂର୍ବତନ ସଭାପତି ନାରାୟଣ ଚନ୍ଦ୍ର ଲେଙ୍କା, କେନ୍ଦ୍ରାପଡ଼ା ମଣ୍ଡଳ ସଭାପତି ନରେନ୍ଦ୍ର ତ୍ରିପାଠୀ, ପୂର୍ବତନ ମଣ୍ଡଳ ସମ୍ପାଦକ କପିଳ ଚରଣ ସାହୁ ପ୍ରମୁଖ ଯୋଗଦେଇ କହିଥିଲେ ଯେ ବିଗତ ଧର୍ମଘଟକୁ ସରକାର ଯେଉଁଭଳି ଭାବରେ ଦମନ କଲେ ତାହା ସ୍ୱାଧୀନ ଭାରତର ଇତିହାସରେ ବିରଳ ଘଟଣା। ତା'ସତ୍ୱେ ମଧ ଆମେ ଆମର ଆନ୍ଦୋଳନକୁ ଜାରି ରଖିବା। ଧର୍ମଘଟ ସମୟରେ ସରକାର ଯେଉଁ ସାଥୀମାନଙ୍କ ଉପରେ ଧାରା ଆଇ.ଓ.ବି. ଲଗାଇଥିଲେ ତାହାକୁ ଉଚ୍ଚ ନ୍ୟାୟାଳୟ ସ୍ଥଗିତ ଆଦେଶ ଦେଇଛନ୍ତି। କେନ୍ଦ୍ର କ୍ୟାବିନେଟ କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କୁ ପୁରୁଣା ପେନସନ୍ ନାମରେ ୟୁପିଏସ୍ ଦେଇ ଚରମ ପ୍ରତାରଣା କରିଛନ୍ତି। ଆମ ସାଧାରଣ ସମ୍ପାଦକ ସାଥୀ ଏସ୍.ଏସ୍. ମହାଦେବାୟା ଆମର ପେନସନ୍ ସମେତ ସର୍ବନିମ୍ନ ଦାବିକୁ ଉପସ୍ଥାପନ କରି ସରକାରଙ୍କୁ ଚରମ ପତ୍ର ଦେଇଛନ୍ତି। ସରକାର ଏହାର ଆଶୁ ସମାଧାନ ନକଲେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। କେନ୍ଦ୍ର ସଙ୍ଘର ଦୃଢ଼ ହସ୍ତକ୍ଷେପ ଫଳରେ ୧୨,୨୪ ଓ ୩୬ ବର୍ଷୀୟ ଆର୍ଥିକ ପଦୋନ୍ନତି ନିମନ୍ତେ ସରକାର ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଖୁବ୍‌ଶୀଘ୍ର ସମସ୍ତ ସର୍କଲ ସେମାନଙ୍କ ଚିଠା ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଟାର୍ଗେଟ ନାମରେ ଆମ ଉପରେ ଯେଉଁ ଜୁଲମ ହେଉଛି ତାକୁ କୋହଳ କରିବା ପାଇଁ ସର୍କଲ ସଙ୍ଘ ମୁଖ୍ୟ ମହାଡାକପାଳଙ୍କ ନିକଟରେ ଦୃଢ଼ ଦାବିକରିଛି। ଖୁବ୍‌ଶୀଘ୍ର ଆମମାନଙ୍କ ନିମନ୍ତେ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛିବୋଲି ସେମାନେ କହିଥିଲେ। କେନ୍ଦ୍ରାପଡ଼ା ଡିଭିଜନାଲ ସମ୍ପାଦକ ବିଜୟ କିଶୋର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ଗଗନବିହାରି ସୂତାର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜ କିଶୋର ସାହୁ, ଶରତ ହାତି, ଜଗତଜୀବନ ଜେନା, ନିକେତନ ଜେନା, ସଂଗ୍ରାମ ମୁଦୁଲି, ସଚ୍ଚିଦାନନ୍ଦ ବିଶ୍ୱାଳ, ନଟବର ସେଠୀ, ରବୀନ୍ଦ୍ର ଲେଙ୍କା, ବିଜ୍ଞାନରଞ୍ଜନ ଦାସ, ହରିହର ମହାନ୍ତି, କୁଶାସନ ଦାସ, ସଞ୍ଜୀବ କୁମାର ଦାସ, ବିପଦଭଞ୍ଜନ ବେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ଡିଭିଜନାଲ ସମ୍ପାଦକ ବିଜୟ କିଶୋର ଦାସଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ରାଉରକେଲାରେ ପୁଣି ନାବାଳିକା ଦୁଷ୍କର୍ମ ଅଭିଯୋଗ

ରାଉରକେଲା, ୦୭/୧୦ (ନି.ପ୍ର): ରାଉରକେଲା ସହରରେ ଗତ କିଛି ଦିନ ଧରି ନାବାଳିକା ମହିଳା ଓ ଯୁବତୀ ତଥା ଛାତ୍ରୀ ମାନଙ୍କୁ ଅସଦାଚରଣ, ଦୁଷ୍କର୍ମ ଘଟଣା ବଢି ଚାଲିଥିବା ବେଳେ ଏଭଳି ଘଟଣାରେ ରୋକ ଲାଗି ପାରୁନାହିଁ। ପ୍ଲାଂଟ ସାଇଟ ଥାନା ଅଁଚଳରେ ଦୁଇ ନାବାଳିକାଙ୍କୁ ଦୁଷ୍କର୍ମ, ପରେ ସ୍କୁଲ ଛାତ୍ରୀଙ୍କୁ ଶିକ୍ଷକର ଅସଦାଚରଣ, ପୁଣି ରଘୁନାଥପାଲ୍ଲୀ ଥାନା ଅଁଚଳରେ ଏକ ବାର ରେ ମଦ ପିଇବା ପରେ ନାବାଳିକାଙ୍କୁ ସହଯୋଗ କରିବାକୁ ଯାଇ ୫ ଜଣ ବିଭିନ୍ନ ଯାଗାରେ ଦୁଷ୍କର୍ମ କରିବା ଭଳି ଘଟଣା ସହ ଖୋଦ ଥାନା ବାବୁ ଥାନାରେ ମହିଳା କନେଷ୍ଟବଲଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦେବା ଘଟଣାରେ ଇସ୍ପାତ ସହର ରାଉରକେଲା ରାଜ୍ୟ ବ୍ୟାପି ଚର୍ଚ୍ଚାରେ ଥିଲା, କିନ୍ତୁ ଅଭିଯୁକ୍ତ ମାନଙ୍କୁ ଗିରଫ କରାଗଲା ଓ କୋର୍ଟଚାଲାଣ କରାଗଲା ଆଉକିଛି ଜଣଙ୍କୁ ଧରାଜିବ ବୋଲି ପୂର୍ବତନ ଡିଆଇଜି ମିଡିଆକୁ କହି ଏଠାରୁ ଯିବାର କିଛି ଦିନ ହୋଇଛି କି ନାହିଁ ପୁଣି ସିଭିଲ ଟାଉନ ଅଁଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଦୀର୍ଘ ଦିନ ଧରି ଭୟଭିତ କରି ଜଣେ ବୟସ୍କ ବ୍ୟକ୍ତି ଯିଏ କି ନାବାଳିକାଙ୍କର ସଂପର୍କୀୟ ଦୁଷ୍କର୍ମ କରିଆସୁଥିଲା ବୋଲି ପୁଣି ରଘୁନାଥପାଲ୍ଲୀ ଥାନାରେ ଅଭିଯୋଗ ହୋଇଛି । ଏହି ଘଟଣାରେ ଏତଲାକୁ ଭିତି କରି ପୁଲିସ ଅଭିଯୁକ୍ତକୁ ଧରିବା ଲାଗି ଉଦ୍ୟମ କରିବା କ୍ଷଣି ଅଭିଯୁକ୍ତ ଫେରାର ହୋଇଯାଇଥିବା ଖବର ମିଳିଛି । ପୁଲିସ ତାକୁ ଧରିବା ଲାଗି ବିଭିନ୍ନ ଅଁଚଳକୁ ଯାଇଛି । ତେବେ ଏଭଳି ବାରମ୍ବାର ସହରରେ ଏଭଳି ଘଟଣା ଘଟୁଛି କାହିଁକି ବୋଲି ଅନୁସଂଧାନ କରିବାରୁ ଜଣାପଡିଛି। ଏହି ସବୁ ଅଭିଯୁକ୍ତ ମାନେ ପଲିଟିକାଲ ଦଳର ସମର୍ଥକ, ପଲିଟିକ୍ସରେ ସହେଯାଗ କଲେ ସେମାନଙ୍କୁ ଏସବୁରୁ ଛାଡ ମିଳିଜିବ ବୋଲି ଏମାନଙ୍କର ଧାରଣା ଥିଲା, ତେଣୁ ଏଭଳି କୁଆଡେ ସେମାନେ ନିୟମିତ କରିଆସୁଥିଲେ ବୋଲି କୁହାଯାଉଛି । ଏଭଳି ଅନେକ ଘଟଣା ବିଗତ ଦିନ ଗୁଡିକରେ ରିପୋର୍ଟ ହୋଇପାରିନଥିବା ବେଳେ ଜଣେ ନାବାଳିକା ୨ ବର୍ଷ ପରେ ଆଜି ସାହାସ କରି ମୁହଁ ଖୋଲିଛନ୍ତି । ଆଜି ରିପୋର୍ଟ ହୋଇଥିବା ଘଟଣାରେ ଥିବା ଅଭିଯୁକ୍ତ ମଧ ଜଣେ ପଲିଟିକାଲ ଦଳର କୁଜି ନେତା ବୋଲି କୁହାଯାଉଛି ।

# କୋଶଳ ଗୌରବ ଦେବେନ୍ଦ୍ର କୁମାରଙ୍କୁ ଭାଷା ରତ୍ନ ସମ୍ମାନ

ସୁବର୍ଣ୍ଣପୁର, ୦୭/୧୦ (ନି.ପ୍ର): ଜିଲ୍ଲା କର୍ମଜୀବୀ ସାମ୍ବାଦିକ ସଂଘ ଓ କୌଟିଲ୍ୟ ଗ୍ଲୋବାଲ ସ୍କୁଲ, ବରଗଡ଼ର ମିଳିତ ସହଯୋଗିତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପୂଜ୍ୟପୂଜା ମହୋତ୍ସବ ଏବଂ ନୂଆଁଖାଇ ଭେଟଘାଟ - ୨୦୨୪ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲା ତରଭା ସହରର କୋଶଳ ସାହିତ୍ୟ ଏକାଡେମୀ ରାଜ୍ୟ ସଭାପତି ତଥା ସାହିତ୍ୟିକ ଦେବେନ୍ଦ୍ର କୁମାର ନାଏକଙ୍କୁ ପଶ୍ଚିମ ଓଡ଼ିଶାର ମାତୃଭାଷା ସଂରକ୍ଷଣ ଓ ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାଷା ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ହଟ୍ ନିଉଜ୍‌ର ପ୍ରତିଷ୍ଠାତା ଆଶୁତୋଷ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରଗଡ଼ ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇ ମୁଖ୍ୟଅତିଥିଭାବେ ଯୋଗ ଦେଇ ଶ୍ରୀ ନାଏକଙ୍କୁ ମାନପତ୍ର ସହ ଉପଢୌକନ ଓ ପୁଷ୍ପଗୁଚ୍ଛ ଅର୍ପଣପୂର୍ବକ ସମ୍ମାନିତ କରିଥିଲେ। ଏଥିରେ ଆୟୁଷ ପଣ୍ଡା ମୁଖ୍ୟ ବକ୍ତା ତଥା ପୌର ପରିଷଦ ଅଧକ୍ଷା କଳ୍ପନା ମାଝୀ, ସମାଜସେବୀ ପ୍ରମୋଦ ଅଗ୍ରୱାଲ ଏବଂ ସୁପ୍ରିତ ସିଂ ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଶାର କୋଣ ଅନୁକୋଣରେ ଲୁକ୍କାୟିତ ପ୍ରତିଭାଧରଙ୍କୁ ପୂଜ୍ୟପୂଜା ପରମ୍ପରାକ୍ରମେ ସମ୍ମାନିତ କରିବାରେ ବରଗଡ଼ କେବେହେଲେ ଅବହେଳା କରେ ନାହିଁ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହା ପୂର୍ବରୁ ଶ୍ରୀ ନାଏକ କୋଶଳ ଗୌରବ, ଗ୍ରନ୍ଥ ବିଭୂଷଣ, କୋଶଳ ସାରଥୀ ଇତ୍ୟାଦି ଉପାଧିରେ ବିଭୂଷିତ ହେବା ସାଙ୍ଗେ ସାଙ୍ଗେ ଓଡ଼ିଶା ଲେଖକ ବୁଦ୍ଧିଜୀବୀ ପରିଷଦ, ଭୁବନେଶ୍ୱର, ମାଟିଲଗ୍ନା ସାହିତ୍ୟ ସଂସଦ, ନବରଙ୍ଗପୁର, ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ, ଗଞ୍ଜାମ, ପ୍ରୀତି ପ୍ରଣତି ସାହିତ୍ୟ ପରିବାର, କେନ୍ଦୁଝର, ଆମ ସ୍ୱପ୍ନ ଆମ ସାହିତ୍ୟ ସଂସଦ, ଭୁବନେଶ୍ୱର, ଘାଏଁ ଦେଖତ କଳାପଟା, ଗାଇସିଲେଟ, ପିସଫୁଲ୍ ରାଇଟର୍ସ ଇଂଟରନେସନାଲ, ବ୍ରହ୍ମପୁର, ମୋ କବି ପ୍ରତିଭା, ବୌଦ୍ଧ, ମୋ ଲେଖା ମୋ ଦୁନିଆ ସାହିତ୍ୟ ସଂସଦ, କଳାହାଣ୍ଡି, ଗୋପବନ୍ଧୁ ସାହିତ୍ୟ ସଂସଦ, ବରପାଲି ପ୍ରଭୃତି ଅନେକ ସାରସ୍ୱତ ଅନୁଷ୍ଠାନରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇ ଅଂଚଳ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି।

**GOVERNMENT OF ODISHA**
**DEPARTMENT OF WATER RESOURCES**

**OFFICE OF THE SUPERINTENDING ENGINEER**
**JAGATSINGHPUR IRRIGATION DIVISION**

TENDER CALL NOTICE
INVITATION FOR BIDS (IFB)

**IDENTIFICATION NO-JID-07/2024-25**

The Superintending Engineer, Jagatsinghpur Irrigation Division on behalf of Governor of Odisha invites Percentage Rate off-line Bid in sealed cover from eligible class of registered contractors for execution of civil works as detailed in the table mentioned below registered with State Government & contractors of equivalent grade / class registered with Central Government / MES/ Railway to be eventually drawing agreement in P-1 contract forms of Govt. of Odisha.

| | | | |
|---|---|---|---|
| 1- | Name of work | : | Detail can be seen in the DTCN of the respective works |
| 2- | Total No. of Works | : | 48 (Forty eight) Nos |
| 3- | Estimated Cost put to Tender (Approx.) | : | Varies from Rs.1.03 lakhs to Rs. 4.99 lakhs Details can be seen in the DTCN of the respective works |
| 4- | Cost of Bid Documents | : | Details can be seen in DTCN |
| 5- | Bid Security ofthe estimated cost put to tender | : | Details can be seen in DTCN |
| 6- | Period of Completion | : | Details can be seen in DTCN |
| 7. | Other details as follows | | |
| | (i) Tender Inviting Authority | : | Superintending Engineer, Jagatsinghpur Irrigation Division, Jagatsinghpur |
| | (ii) Availability of Tender Document for bidding | : | Dt.08.10.2024 from 10.00 A.M to Dt.21.10.2024"up to 5.30 P.M |
| | (iii) Date of opening of Bid Document | : | On Dt. 22.10.2024 at 11.00 A.M in the office of the Superintending Engineer, Jagatsinghpur, Irrigation Division |
| | (iv) Decision to Conduct lottery | : | If required the transparent lottery shall be conducted on dt.23.10.2024 at 11.00 A.M onwards in the office of the Superintending Engineer, Jagatsinghpur Irrigation Division |

**Sd/-**
**Superintending Engineer**
**Jagatsinghpur Irrigation Division,**
**Jagatsinghpur**

# କେନ୍ଦ୍ରାପଡାରେ ବିଶ୍ୱ ଶିକ୍ଷକ ଦିବସ ପାଳିତ

କେନ୍ଦ୍ରାପଡ଼ା, ୦୭/୧୦ (ନି.ପ୍ର): ୧୯୬୬ ମସିହାଠାରୁ ବିଶ୍ୱସ୍ତରରେ ଆନ୍ତର୍ଜାତୀୟ ଶିକ୍ଷକ ଦିବସ ପାଳିତ ହେବାପାଇଁ ଜାତିସଂଘ ତରଫରୁ ନିଷ୍ପତି ନିଆଯାଇ ଥିଲା। ରାଜ୍ୟ ଅବସର ପ୍ରାପ୍ତ ଶିକ୍ଷକ ସଂଗଠନ ତରଫରୁ ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଏହା ପାଳିତ ହୋଇଯାଇ ଅଛି। କାର୍ଯ୍ୟକାରୀ ସଭାପତି ଧନଞ୍ଜୟ କେଶରୀ ରାଉତରାୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସଂପାଦକ ବିବେକାନନ୍ଦ ଦାସ ସ୍ୱାଗତ ଭାଷଣ ଦେବା ଅବସରରେ ଏହି ସଂଗଠନ ଦୀର୍ଘ ଦିନ ଧରି ବିଶ୍ୱ ଶିକ୍ଷକ ଦିବସ ପାଳନ କରୁଛି ବୋଲି ମତପ୍ରକାଶ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନ୍‌ଗୋ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷା ହିଁ ସମାଜର ମୂଳ ଆଧାର ବୋଲି କହିବା ସହ ଯେଉଁ ଦେଶ ଶିକ୍ଷାରେ ଯେତେ ଉନ୍ନତ ସେ ଦେଶର ଆର୍ଥିକ, ସାମାଜିକ ଏବଂ ରାଜନୀତିକ ଚିନ୍ତାଧାରା ସେତେ ପରିପକ୍ୱ ବୋଲି ମତ ପ୍ରକାଶ କରିଥିଲେ।

# କେନ୍ଦ୍ରାପଡା ସହରାଂଚଳ ଚାଷୀଙ୍କୁ ମିଳୁନି ସିଏମ୍ କିଷାନ ସହାୟତା

କେନ୍ଦ୍ରାପଡ଼ା, ୦୭/୧୦ (ନି.ପ୍ର): ରାଜ୍ୟର ନୂତନ ବିଜେପି ନେତୃତ୍ୱାଧିନ ରାଜ୍ୟ ସରକାର ସହରାଂଚଳ ଓ ଗ୍ରାମାଂଚଳ ଚାଷୀ ମାନଙ୍କ ଉନ୍ନତି ପାଇଁ ସିଏମ୍ କିଷାନ ଯୋଜନା ଲାଗୁ କରିଥିଲେ। ସେପ୍ଟେମ୍ବର ୮ ତାରିଖରେ ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଅନଲାଇନ ପଞ୍ଜିକରଣ ଆହ୍ୱାନ କରାଯାଇଛି। ଏହା ନଭେମ୍ବର ମାସ ୮ ତାରିଖ ପର୍ଯ୍ୟନ୍ତ ପଞ୍ଜିକରଣ ପ୍ରକ୍ରିୟା ଜାରି ରହିବ । ପୂର୍ବର ବିଜେଡି ସରକାର କେବଳ ଗ୍ରାମାଂଚଳ ଚାଷୀଙ୍କ ପାଇଁ ଯୋଜନା ଲାଗୁ କରିଥିବା ବେଳେ ସହରାଂଚଳ ଚାଷୀଙ୍କୁ ବାଦ ଦେଇଥିଲେ । ବିଜେପି ସରକାର ଗ୍ରାମାଂଚଳ ଓ ସହରାଂଚଳ ଚାଷୀଙ୍କୁ ସମାନ ଭାବରେ ସହାୟତା ଦେବାପାଇଁ ଘୋଷଣା କରିଛନ୍ତି । କେନ୍ଦ୍ରାପଡା ପୌରାଂଚଳରେ ଥିବା ଚାଷୀମାନେ ଏଥିପାଇଁ ଅନଲାଇନ ରେ ଆବେଦନ କରିଥିଲେ ମଧ ଜିଲ୍ଲା କୃଷି ବିଭାଗ ପକ୍ଷରୁ କୌଣସି ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇ ନଥିବାରୁ ସହରାଇଂଚଳ ଚାଷୀମାନେ ସହାୟତା ପାଇବାରୁ ବଂଚିତ ହୋଇଛନ୍ତି । ଗତକାଲି ରାଜ୍ୟର ୩୬ ହଜାର ଚାଷୀ ଏହି ସୁବିଧା ପାଇଥିବା ବେଳେ କେନ୍ଦ୍ରାପଡା ପୌରାଂଚଳ ର ଚାଷୀମାନେ ନାମ ପଞ୍ଜିକୃତ କରିଥିଲେ ମଧ ସୁଯୋଗରୁ ବଂଚିତ ହୋଇଥିବା ଅଜୟ କୁମାର ଦାସ, ସୁନାକର ଦାସ, ନନ୍ଦ କିଶୋର ରାଉତ, ଆଲୋକ କୁମାର ଜତି, କେଶବ ଦାସ ପ୍ରମୁଖ ଶତାଧିକ ଚାଷୀ ସହାୟତା ପାଇବାରୁ ବଂଚିତ ହୋଇଛନ୍ତି ।

# ପବିତ୍ର ମୋହନ ଦାଶଙ୍କୁ ମିଳିଲା ମନୋଜ କୁମାର ପଣ୍ଡା ସର୍ଜନ ପୁରସ୍କାର

ବଲାଙ୍ଗୀର, ୦୭/୧୦ (ନି.ପ୍ର): ବଲାଙ୍ଗୀରର ଅଗ୍ରଣୀ ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ରଚନା ତରଫରୁ ସ୍ଥାନୀୟ ପିପି ଏକାଡେମୀ ସଭାକକ୍ଷ ଠାରେ ସ୍ୱର୍ଗତ ମନୋଜ କୁମାର ପଣ୍ଡା ସର୍ଜନ ପୁରସ୍କାର ଓ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୀମଭୋଇ ଚେଆର ଅଧ୍ୟାପକ କବି ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କବି ପବିତ୍ର ମୋହନ ଦାଶଙ୍କୁ ୨୦୨୪ ମନୋଜ କୁମାର ପଣ୍ଡା ସର୍ଜନ ପୁରସ୍କାର ପ୍ରଦାନ କରାଯାଇଥିଲା। 'ସୃଜନପ୍ରେମ ଓ ଆଧ୍ୟାତ୍ମିକତା' ଶୀର୍ଷକରେ ଅତିଥିବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ପ୍ରକାଶ ମହାପାତ୍ର ଯୋଗଦେଇ କୌଣସି ଏକ କର୍ମ କରିବା ଓ ଏଥିରେ ସଫଳତା ପାଇବା ପାଇଁ ସେହି କର୍ମପ୍ରତି ପ୍ରେମଭାବ ରହିବା ଉଚିତ ଓ ଆଧ୍ୟାତ୍ମିକ ଭାବନା ହିଁ ଆମକୁ କର୍ମ କରିବା ପାଇଁ ଉପାଦାନ ଯୋଗାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଆରମ୍ଭରେ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ ଅନୁଷ୍ଠାନର ସମ୍ପାଦକ ବିଶିଷ୍ଟ କବି ଭାଗିରଥି ମିଶ୍ର। ଗାଳ୍ପିକ ମନୋଜ କୁମାର ପଣ୍ଡାଙ୍କ ହାଡ଼ ବଗିଚା ଗଳ୍ପର ପ୍ରଥମ ଅଂଶକୁ ଉପସ୍ଥାପନା କଲେ କବି ରତ୍ନମୟ ତ୍ରିପାଠୀ। ମନୋଜ ପଣ୍ଡାଙ୍କ ଜୀବନୀ ଓ କୃତି ସମ୍ପର୍କରେ ସଂକ୍ଷିପ୍ତ ସମୀକ୍ଷା କରିଥିଲେ ସାହିତ୍ୟିକ ହୃଷିକେଶ ପୂଜାରୀ। ଏହି ଅବସରରେ କବି ଆଲୋକ କୁମାର ହୋତାଙ୍କ କବିତା ସଂକଳନ 'ଭିନ୍ନ ମୁହୂର୍ତ ଅନ୍ୱେଷଣରେ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ କବୟିତ୍ରୀ ସସ୍ମିତା ନେପାକ। ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଅନୁଷ୍ଠାନର ସଭାପତି ସନାତନ ଠାକୁର। ଏହି ସଭାରେ ଗାଳ୍ପିକା ଗାୟତ୍ରୀ ସରାପ, ମଞ୍ଜୁବାଳା ପଣ୍ଡା, ପ୍ରଦୀପ ମିଶ୍ର, ମଳୟ ମିଶ୍ର, କବି ପ୍ରହଲ୍ଲାଦ ଶତପଥୀ, ବନ୍ଦନା ପଟ୍ଟନାୟକ, ବିନତି ଶତପଥି, ମୃଗେଶ ବୈଷ୍ଣବ ପାଣିଗ୍ରାହୀ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ତଥା ସହରର ଅନେକ କବି ସାହିତ୍ୟିକ ଓ ମନୋଜ ସାହିତ୍ୟ ପ୍ରେମୀ ଯୋଗ ଦେଇଥିଲେ।

# ଅକ୍ଟୋବର ପ୍ରଥମ ସୋମବାରରେ ଅନୁଷ୍ଠିତ ହେଲା ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ବାରିପଦା, ୦୭/୧୦ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ (ଭା. ପ୍ର.ସେ.), ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପଲ୍ଲୀ (ଭା.ପୋ.ସେ.) , ସୋମବାର ଦିନ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ହୋଇଥିବା ଜନଶୁଣାଣୀ ବୈଠକରେ ଯୋଗଦାନ କରି ବାରିପଦା ଉପଖଣ୍ଡର ୧୦ଟି ବ୍ଲକ ଏବଂ ସଦରମହକୁମାର ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣି କରିଛନ୍ତି । ଏହି ଜନଶୁଣାଣୀ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ (ଭା. ପ୍ର.ସେ.), ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଓ.ପ୍ର.ସେ.,(ବ), ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୌଲତ ଚନ୍ଦ୍ରକାର, ଓ.ପ୍ର.ସେ.,(ବ) ବାରିପଦା ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ନାୟକ (ଓ.ପ୍ର.ସେ.)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ଓ ଏହି ଶିବିରରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକ୍ଷକ, ଡାଃ ବିଜୟ କୁମାର ଦାସ ଯୋଗଦେବା ସହ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ଓ ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡ ଅନ୍ତର୍ଗତ ଚାରୋଟି ବ୍ଲକର ସର୍ବମୋଟ ୧୮୬ଟି ଅଭିଯୋଗ ଶୁଣାଣି ହୋଇଥିଲା । ସମସ୍ତ ଅଭିଯୋଗ ମାନଙ୍କ ମଧରେ ମୁଖ୍ୟତଃ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ଜମି ସୀମାଙ୍କନ, ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟା ଗୁଡ଼ିକ ସର୍ବାଧିକ ଥିଲା। ଉକ୍ତ ଅଭିଯୋଗ ମଧରୁ ୧୬୮ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ, ୧୮ ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟରେ ଆଧାରିତ ଥିଲା ଓ ସେଥିମଧ୍ୟରୁ ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ, ସର୍ବମୋଟ ୫ ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ତତ୍ସହିତ ରେଡ଼କ୍ରସ ପାଣ୍ଠିରୁ ଜଣଙ୍କୁ ୫,୦୦୦ ଟଙ୍କା ଅର୍ଥରାଶି ମଂଜୁର କରା ଯାଇଥିଲା ଓ ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧରେ ସରକାରଙ୍କର ବିଭିନ୍ନ ଯୋଜନା ଅନୁଯାୟୀ ଆବାସ ସହାୟତା, ଜଳ ନିଷ୍କାସନ ବ୍ୟବସ୍ଥା ଆଦି ଅଭିଯୋଗ ଗୁଡିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଓ ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିବାର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣିଙ୍କ ଠାରୁ ପ୍ରକାଶ।

## ଅଣଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନ ମାନଙ୍କୁ ବିଧାୟକ ହାତ ପାଣ୍ଠି ପ୍ରଦାନ ନିମନ୍ତେ ନିୟମରେ ପରିବର୍ତ୍ତନ କରିବାକୁ ଦାବି

ବାରିପଦା , ୦୭/୧୦ (ନି.ପ୍ର): ଓଡ଼ିଶାରେ ବିଧାୟକ ହାତ ପାଣ୍ଠି ବ୍ୟବସ୍ଥା ହେବା ଦିନରୁ ସିକୃତି ପ୍ରାପ୍ତ ସମସ୍ତ ଶିକ୍ଷାନୁଷ୍ଠାନ ମାନଙ୍କୁ ବିଧାୟକ ହାତ ପାଣ୍ଠି ପ୍ରଦାନ ନିମନ୍ତେ ରାଜ୍ୟ ସରକାର ବ୍ୟବସ୍ଥା କରିଥିଲେ। କିନ୍ତୁ ସରସ୍ୱତୀ ବିଦ୍ୟା ମନ୍ଦିର ମାନଙ୍କୁ ବିଧାୟକ ହାତ ପାଣ୍ଠି ପ୍ରଦାନ ନ କରିବାକୁ ରାଜ୍ୟ ସରକାର ଗତ କିଛି ବର୍ଷ ତଳେ ନିର୍ଦ୍ଦେଶ ଦେବା ଫଳରେ ସରସ୍ୱତୀ ବିଦ୍ୟା ମନ୍ଦିର ମାନେ ବିଧାୟକ ହାତ ପାଣ୍ଠି ପାଇବାରୁ ବଞ୍ଚିତ ହେଲେ । ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ସମସ୍ତ ଅଣ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନ ମାନଙ୍କୁ ବିଧାୟକ ହାତ ପାଣ୍ଠି ଦେବାକୁ ବାରଣ କରିଦେଲେ । ସରସ୍ୱତୀ ବିଦ୍ୟା ମନ୍ଦିର ମାନଙ୍କୁ ବିଧାୟକ ହାତ ପାଣ୍ଠି ପ୍ରଦାନ ନିମନ୍ତେ ବିଧାନସଭାରେ ବିଧାୟକ ମାନେ ମଧ ପ୍ରଶ୍ନ କରିଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ ବିଧାୟକ ହାତ ପାଣ୍ଠି ବିନିଯୋଗ ନିୟମରେ ପରିବର୍ତ୍ତନ ହୋଇ ନ ଥିବାରୁ ସରସ୍ୱତୀ ବିଦ୍ୟା ମନ୍ଦିର ସହିତ ଅନ୍ୟାନ୍ୟ ଅଣ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନ ମାନେ ବିଧାୟକ ହାତ ପାଣ୍ଠିରୁ ବଞ୍ଚିତ ହେଉଛନ୍ତି । ତେଣୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ ଏଥିପ୍ରତି ଦୃଷ୍ଟି ଦେବାକୁ ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ ଦାବି କରିଛନ୍ତି।

# ଜାତୀୟ ସେବା ଯୋଜନା ତରଫରୁ ବୃକ୍ଷ ରୋପଣ ଓ ସଚେତନତା କାର୍ଯ୍ୟକ୍ରମ




ଉଦଳା , ୦୭/୧୦ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧି କନିଷ୍ଠ ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନା ତରଫରୁ ଗତ ସେପ୍ଟେମ୍ବର ୨୭ ତାରିଖ ଠାରୁ ଚଳିତ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ବ୍ୟାପି ବୃକ୍ଷ ରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଗିରିଜା ଶଙ୍କର ପାତ୍ରଙ୍କ ଅଧକ୍ଷତାରେ ପରିଚାଳିତ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଡ଼େପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଦେଶ ଗଠନରେ ଜାତୀୟ ସେବା ଯୋଜନାର ଅବଦାନ ବେଶ ପ୍ରଶଂସନୀୟ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଉଦଳା ସହର ସମେତ ଏହାର ଆଖପାଖ ଅଂଚଳରେ ବୃକ୍ଷରୋପଣର ପର୍ବ ଆରମ୍ଭ ହୋଇଥିଲା । ଜଙ୍ଗଲ ବିଭାଗର ରେଂଜ ଅଫିସର ଜଗଦିଶ କୁମାର ଦାସ ଆବଶ୍ୟକ ଚାରା ଗଛ ଯୋଗାଇ ଦେବା ସହ ରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ । ପ୍ରକୃତି ବନ୍ଧୁ ପ୍ରଦ୍ୟୁମ୍ନ ଦାସ ଓ କୁଳମଣି ବେହେରା, ସ୍ୱେଚ୍ଛାସେବି ଡ଼. କୁମାର ଗୋପାଲ, ଭଂଜ ସେନାର କର୍ମି କିସନ ସାହୁ ଓ ରବିନ୍ ମହାନ୍ତି ପ୍ରମୁଖ ବୃକ୍ଷରୋପଣ କାର୍ଯ୍ୟରେ ସହଯୋଗ କରିବା ସହ ପରିବେଶର ସୁରକ୍ଷା ପାଇଁ ଏହାର ଆବଶ୍ୟକତା ଆଜି କିପରି ଜରୁରି ହୋଇ ପଡ଼ିଛି ଭାଷଣ ମାଧ୍ୟମରେ ବ୍ୟକ୍ତ କରିଥିଲେ । ଅକ୍ଟୋବର ୨ ତାରିଖ ଦିନ ଜାତିର ପିତା ମହାତ୍ମା ଗାନ୍ଧି ଓ ଶାନ୍ତିର ଦୂତ ଲାଲ ବାହାଦୁର ଶାସ୍ତ୍ରୀଙ୍କର ଜୟନ୍ତି ପାଳିତ ହୋଇଥିଲା । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହି ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ମନୋରଂଜନ ଦାସ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଦେଶକୁ ସ୍ୱାଧିନ କରିବାରେ ଦୁଇ ମହାତ୍ମାଙ୍କର ଅବଦାନ କିପରି ଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ପରିବେଷିତ ହେବା ସହିତ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

# ମୟୂର ସାହିତ୍ୟ ସଂସଦର ଶାରଦୀୟ କବିତା ଆସର



ବଡ଼ସାହି , ୦୭/୧୦ (ନି.ପ୍ର): ଶରତଋତୁ ଓ ମାଆଙ୍କ ନବରାତ୍ର ପୂଜା ଉତ୍ସବ ଅବସର ବେତନଟୀର ପ୍ରାଚୀନ ସାହିତ୍ୟସଂସ୍ଥା 'ମୟୂର ସାହିତ୍ୟ ସଂସଦ'ଆନୁକୂଲ୍ୟରେ ଶାରଦୀୟ କବିତା ପାଠର ଆସର ଅନୁଷ୍ଠିତ ହୋଇଯାଇଛି।ବେତନଟୀ ରେଳ ଷ୍ଟେସନ ନିକଟ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଠାରେ କବି, କବୟିତ୍ରୀ ଓ ଛାତ୍ର ଛାତ୍ରୀଗଣଙ୍କ ଉପସ୍ଥିତିରେ ଶରତ ଓ ଦୁର୍ଗାଦେବୀଙ୍କ ଉପରେ ସୁମଧୁର କବିତାମାନ ପାଠ କରାଯାଇଥିଲା। ଏଥି ନିମନ୍ତେ ଅନୁଷ୍ଠିତ ସଭାରେ ଭାସ୍କର ଚନ୍ଦ୍ର ଦ୍ୱିବେଦୀ ସଭାପତିତ୍ୱ କରିଥିଲେ। ମଞ୍ଚାସୀନ ଅତିଥି ଥିଲେ,ସଂସଦର ପୂର୍ବତନ ସଭାପତି ବାସୁଦେବ ନାପିତ, କବି ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ସାମ୍ବାଦିକ ଅରୁଣ କୁମାର ଓତା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ମହାନ୍ତି ଓ କବିତା ସଂଯୋଜନା କରିଥିଲେ, ସଂସଦର ପତ୍ରିକା ସଂପାଦକ ନୀରଦ ସୁନ୍ଦର ଜେନା କ୍ଷ କବିତା ପାଠରେ ଅଂଶଗ୍ରହଣ କରିଥିବା କବିମାନେ ହେଲେ, ହରେନ୍ଦ୍ରନାଥବାରିକ, ରତିକାନ୍ତ ବେହେରା, ସୌଦାମିନୀ ପଣ୍ଡା, ସହଦେବ ଗିରି, ରାମଚନ୍ଦ୍ର ପଣ୍ଡା ପ୍ରମୁଖ। ସହଯୋଗିତା କରିଥିଲେ, ସାମ୍ବାଦିକ କମଳଲୋଚନ କର ।

# 'ପାଲେଷ୍ଟାଇନ୍ ସଂହତି ଦିବସ' ଅବସରରେ ବାମପନ୍ଥୀମାନଙ୍କର 'ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ' ଶୋଭାଯାତ୍ରା ଓ ବିକ୍ଷୋଭ ସମାବେଶ




ବାଲେଶ୍ୱର, ୦୭/୧୦ (ନି.ପ୍ର): ବାଲେଶ୍ୱର ଷ୍ଟେସନ ନିକଟରୁ ସି.ପି.ଆଇ, ସି.ପି.ଆଇ (ଏମ୍) ଏବଂ ଫରୱାର୍ଡ଼ ବ୍ଲକ୍ ତରଫରୁ 'ପାଲେଷ୍ଟାଇନ୍ ସଂହତି ଦିବସ' ପାଳନ ଅବସରରେ ସୋମବାର ପୂର୍ବାହ୍ନରେ ଏକ ପଟୁଆର ବାହାରି ଜିଲ୍ଲାପାଳଙ୍କ ଫାଟକ ସମ୍ମୁଖରେ ପ୍ରତିବାଦ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶ୍ରମିକନେତା ତଥା ବରିଷ୍ଠ ବାମପନ୍ଥୀ ନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ନେତୃତ୍ୱରେ ସଂଗଠିତ ହୋଇଥିବା ସଭାରେ ସି.ପି.ଆଇ (ଏମ୍) ଜିଲ୍ଲା ସଂପାଦକ ଶିଶିର ହୁଇ, ସି.ପି.ଆଇ.ର ଜିଲ୍ଲା ସଂପାଦକ ନିରଞ୍ଜନ ବାରିକ, ସହସଂପାଦକ ଭାଗବତ ପ୍ରତିହାରୀ, ଫରୱାର୍ଡ଼ ବ୍ଲକ୍‌ର ନେତା ଲକ୍ଷ୍ମୀଧର ଗିରି ଏବଂ ସି.ପି.ଆଇ (ଏମ୍) ରାଜ୍ୟ ନେତା ନିର୍ମଳ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପାଲେଷ୍ଟାଇନ୍‌ବାସୀଙ୍କୁ ନିଜ ଭିଟାମାଟିରୁ ଉଚ୍ଛେଦ କରି ସେମାନଙ୍କୁ ଏକପ୍ରକାର ବନ୍ଦୀ ଜୀବନ ବିତାଇବାକୁ ଇସ୍ରାଏଲ୍ ଶପଥ ନେଇଛି। ଏହି ସମୟ ମଧ୍ୟରେ ୪୧ ହଜାରରୁ ଅଧିକ ଶିଶୁ, ମହିଳା, ବୃଦ୍ଧ, ବୃଦ୍ଧାମାନେ ପ୍ରାଣ ହରାଇବା ସହିତ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଗୁରୁତର ଆହତ ହୋଇଛନ୍ତି। ଆମେରିକା, ବ୍ରିଟେନ୍, କାନାଡ଼ା, ଜର୍ମାନ୍, ଅଷ୍ଟ୍ରେଲିଆ ପ୍ରଭୃତି ଦେଶମାନେ ଇସ୍ରାଏଲ୍‌କୁ ଯୁଦ୍ଧାସ୍ତ୍ର ଯୋଗାଇ ଚାଲିଛନ୍ତି। ଯାହାଦ୍ୱାରା ୩ୟ ବିଶ୍ୱଯୁଦ୍ଧର ଆଶଙ୍କା ପ୍ରକାଶ ପାଇଛି। ତେଣୁ 'ଯୁଦ୍ଧ ନୁହେଁ ଆମେ ଶାନ୍ତି ଚାହୁଁ' ବୋଲି ବକ୍ତାମାନେ ଘୋଷଣା କରିଥିଲେ। ଅନ୍ୟପଟରେ ଏହି ସାମ୍ରାଜ୍ୟବାଦୀ ଦେଶମାନେ ହିଜ୍‌ବୁଲ୍ଲାକୁ ଏକ ଆତଙ୍କବାଦୀ ସଂଗଠନ ବୋଲି ପ୍ରଚାର କରୁଛନ୍ତି। ମାତ୍ର ଏହି ସଂଗଠନ ଏକ ରାଜନୈତିକ ସଂଗଠନ ଏବଂ ଲେବାନନ୍‌ର ଶାସନରେ ଅଛନ୍ତି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ମୋଦୀ ସରକାର ଇସ୍ରାଏଲ୍‌କୁ ସବୁ ପ୍ରକାର ସାହାଯ୍ୟ ଓ ସମର୍ଥନ ଯୋଗାଇ ଚାଲିଛି। ପାଲେଷ୍ଟାଇନ୍ ଲୋକଙ୍କୁ ବଞ୍ଚାଇବା ପାଇଁ ଭାରତ ସରକାରଙ୍କର କୌଣସି ଉଦ୍ୟମ ନାହିଁ। ଭାରତ ସରକାରଙ୍କର ଗୋଷ୍ଠୀ ନିରପେକ୍ଷ ନୀତି ଆଜି ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ରହିଛି। ଏଣୁ ଭାରତ ସରକାର ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାପାଇଁ ଆଜିକା ସଭାରେ ବକ୍ତାମାନେ ମତ ଦେଇଥିଲେ। ଏହି ଶୋଭାଯାତ୍ରା ଓ ବିକ୍ଷୋଭ ସମାବେଶରେ ବାମପନ୍ଥୀ ଦଳମାନଙ୍କ ପକ୍ଷରୁ ସୀତାଂଶୁ ସେନାପତି, ବନ୍ଦନା ପାତ୍ର, ପ୍ରେମ ରଞ୍ଜନ ପାତ୍ର, ସର୍ବେଶ୍ୱର ମିଶ୍ର, ଗୌତମ ଦାସ, ଜ୍ୟୋତିର୍ମୟ ରାଉତ, ପଲ୍‌ଟୁ ଦାସ, ଚନ୍ଦନ କାମିଲା, ମୃତ୍ୟୁଞ୍ଜୟ ରାଉତ, ଶ୍ୟାମସୁନ୍ଦର ଜେନା, ଅନାମ ପ୍ରସାଦ ବାରିକ ଓ ପ୍ରଭାକର ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ। ବିଜୟ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ହୋଇନି ଗଣଦୁଷ୍କର୍ମ ! ସଂଜୟ ରାୟ...

ଘଟାଇଛି ସେ ସବୁ କଥାକୁ ଗୋଟି ଗୋଟି ବଖାଣିଥିଲା ସିବିଆଇ ଆଗରେ । ଆଗରୁ ମଧ ସଞ୍ଜୟ ଅନେକ ମହିଳାଙ୍କ ସହ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲା । ୪ ଜଣ ଯୁବତୀଙ୍କୁ ବାହା ହୋଇ ଦେହ ସୁଖ ନେବା ପରେ ସେମାନଙ୍କୁ ଅଧାବାଟରେ ଛାଡ଼ି ଦେଇଥିଲା । ଖାଲି ସେତିକି ନୁହେଁ, ନିଜର ଶାରୀରିକ ସ୍ୱାର୍ଥ ମେଣ୍ଟିଯିବା ପରେ ସମସ୍ତଙ୍କୁ ପ୍ରବଳ ମାଡ଼ ମାରି ଲହୁ ଲୁହାଣ କରିଥିଲା । ଏମିତିକି ତା'ର ୪ର୍ଥ ସ୍ତ୍ରୀ ଗର୍ଭବତୀ ଥିବା ସମୟରେ ତାକୁ ମାଡ଼ ମାରି ଲହୁଲୁହାଣ କରିଥିଲା । ସେ ପୋଲିସ ନିକଟରେ ଦୁଇ ଦୁଇ ଥର ଅଭିଯୋଗ କରିଥିଲେ ମଧ ପୋଲିସ ତା'କୁ ଗିରଫ କରିନଥିଲା । ସେପଟେ ଜଣାପଡ଼ିଛି ଯେ, ବିଗତ ୬ ମାସ ହେବ କୁଆଡ଼େ ଆର.ଜି.କର୍ ମେଡିକାଲ କଲେଜ୍ ହସ୍ପିଟାଲକୁ ଯିବାକୁ ଚାହୁଁ ନଥିଲେ ଅଭୟା । କାହିଁକି ଚାହୁଁନଥିଲେ, କଣ ତା ପଛର କାରଣ, ତାକୁ ନେଇ ଉଠିଛି ବଡ଼ ପ୍ରଶ୍ନ । କାହିଁକି ଯିବାକୁ ଚାହୁଁନଥିଲେ ଅଭୟା ? କଣ ଚାଲିଥିଲା ଜ.ଏ କର୍ ମେଡ଼ିକାଲ୍ କଲେଜରେ ସେ ସବୁ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ । ଯେଉଁ ମେଡିକାଲ କଲେଜରେ ପଢ଼ି ରୋଗୀ ସେବା କରିବା ସ୍ୱପ୍ନ ଥିଲା, ଯେଉଁଠୁ ସେ ମାଷ୍ଟର ଡିଗ୍ରୀ କରି ସାରିଥିଲେ । ତେବେ ସେଠିକୁ ଯିବାକୁ କାହିଁକି ଚାହୁଁ ନଥିଲେ ଅଭୟା ? କଲେଜର କିଛି ଗୋଟେ ବଡ଼ ଗୁମର ଜାଣି ଦେଇଥିଲେ କି ସେ ? ଯେଉଁଥିପାଇଁ କେଉଁ ଅଦୃଶ୍ୟ ଶକ୍ତିର ଚାପରେ ଚପି ଯାଉଥିଲେ, ସେ ଶକ୍ତିର ସାମ୍ନା କରିବାକୁ ଭୟ କରୁଥିଲେ ? ଗୁମର ଜାଣିଯିବାରୁ ତାଙ୍କୁ ରାସ୍ତାରୁ ହଟାଯାଇନି ତ ? ତେବେ ଏହାରି ଭିତରେ ସଂଜୟ ରାୟକୁ ମୁଖ୍ୟ ଅଭିଯୁକ୍ତ କହି ନିଜ ଚାର୍ଜସିଟ୍‌ରେ ଉଲ୍ଲେଖ କରିଛି ସିବିଆଇ ।

### ଆମେରିକାର ଭିକ୍ଟର ...

ପୁରସ୍କାର ୧୧୫ତମ ନୋବେଲ ପୁରସ୍କାର ଅଟେ । ୨୨୯ ବିଜେତାଙ୍କ ମଧ୍ୟରୁ ମାତ୍ର ୧୩ ଜଣ ମହିଳା ଅଛନ୍ତି। ପଦାର୍ଥ ବିଜ୍ଞାନରେ ୨୦୨୪ ନୋବେଲ ପୁରସ୍କାର ମଙ୍ଗଳବାର ଘୋଷଣା କରାଯିବ ଏବଂ ବୁଧବାର ରସାୟନ ବିଜ୍ଞାନ ପୁରସ୍କାର ଘୋଷଣା କରାଯିବ।ପ୍ରଦାନ କରିବେ । ଏହା ସହ ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତା ସଚଳ ଅଛି କି ନାହିଁ ତାହା ପରୀକ୍ଷା କରିବା ସହ ସ୍ୱଚ୍ଛତା ଅନୁଧ୍ୟାନ କରିବା ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ହୋଇଥିବା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପରୀକ୍ଷାମୂଳକ ଭାବେ ଏକ ଟଙ୍କା ପଠାଇଯିବାର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଏପରି କିଛି ବ୍ୟବସ୍ଥା ଏଯାବତ ଆରମ୍ଭ କରାଯାଇନାହିଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ସୋସିଆଲ ମିଡିଆରେ ଚାଲୁଥିବା ଏହି ମିଥ୍ୟା ଖବର ଦ୍ୱାରା ଭ୍ରମିତ ନ ହେବା ପାଇଁ ବିଭାଗ ତରଫରୁ ଅନୁରୋଧ କରାଯାଉଛି। "ସୁଭଦ୍ରା" ଯୋଜନା ସମ୍ବନ୍ଧୀୟ ସମସ୍ତ ଅପଡେଟ ଖବର ପାଇଁ "ସୁଭଦ୍ରା"ର ଅଫିସିଆଲ ୱେବସାଇଟ କିମ୍ବା ଅଫିସିଆଲ ସୋସିଆଲ ମିଡିଆକୁ ଅନୁସରଣ କରନ୍ତୁ ଅବା ଟୋଲ ଫ୍ରୀ ନମ୍ବର(୧୪୬୭୮)କୁ କଲ କରନ୍ତୁ ବୋଲି ବିଭାଗ ପକ୍ଷରୁ ସୂଚିତ କରାଯାଉଛି ।

### ମେହବୁବା ମୁଫତିଙ୍କ ସହ...

ପିଡିପି ସହ ମେଣ୍ଟ କରିବେ ବୋଲି ସଙ୍କେତ ମିଳିଛି। ଯଦି ଦରକାର ପଡ଼ିବ, ତା'ହେଲେ ଏନସି-କଂଗ୍ରେସ ମେହବୁବା ମୁଫତିଙ୍କ ସହ ମେଣ୍ଟ କରିବାକୁ ପଛାଇବେ ନାହିଁ ବୋଲି ଏନସିର ସଭାପତି ଫାରୁକ ଅବଦୁଲ୍ଲା କହିଛନ୍ତି। ସମ୍ଭାବ୍ୟ ମେଣ୍ଟ ସମ୍ପର୍କରେ ସେ କହିଛନ୍ତି ବେକାରୀ ଓ ଜମ୍ମୁ-କଶ୍ମୀରରେ ପ୍ରେସ ସ୍ୱାଧୀନତା ପ୍ରସଙ୍ଗରେ କଂଗ୍ରେସ ଓ ଏନସି ନିଶ୍ଚିତ ଭାବେ ପିଡିପିକୁ ନିଜ ସହ ସାମିଲ କରିପାରନ୍ତି। ଦରକାର ପଡ଼ିଲେ କ'ଣ ଏନସି ଓ କଂଗ୍ରେସ ଉପତ୍ୟକାରେ ପିଡିପିର ସମର୍ଥନ ନେବେ କି ପ୍ରଶ୍ନରେ ଫାରୁକ କହିଛନ୍ତି ଯେ କାହିଁକି ନୁହେଁ? ସେ କହିଛନ୍ତି, "ଏହା କେମିତି ଗୁରୁତ୍ୱ ରଖିବ ? ରାଜ୍ୟବାସୀଙ୍କ ଜୀବନକୁ ପରିବର୍ତ୍ତନ କରିବା, ବେକାରୀ ସମସ୍ୟାକୁ ହଟାଇବା ଓ ୧୦ ବର୍ଷ ଧରି ଜାରି ରହିଥିବା ସମସ୍ତ ବ୍ୟଥାକୁ ଦୂର କରିବା ଭଳି ପ୍ରସଙ୍ଗରେ ଯଦି ଆମେ ସମସ୍ତେ କାମ କରିବୁ, ତା'ହେଲେ ମେଣ୍ଟ କରିବାରେ ଅସୁବିଧା କିଛି ନାହିଁ। ପ୍ରଥମ କଥା ହେଲା, ପ୍ରେସ ସ୍ୱାଧୀନତାକୁ ପୁନଃ ସ୍ଥାପିତ କରିବା। କ'ଣ ସତ ଓ କ'ଣ ମିଛ, ସେକଥା କହିବାର ଅଧିକାର ଆମ ସମସ୍ତଙ୍କର ରହିବା ଉଚିତ। ଆମେ ପରସ୍ପର ପ୍ରତିଦ୍ୱନ୍ଦ୍ୱୀ ହୋଇପାରୁ। କିନ୍ତୁ ପିଡିପି ସହ ମେଣ୍ଟ କରିବାରେ ମୋର କୌଣସି ଆପତ୍ତି ନାହି। କଂଗ୍ରେସର ମଧ କୌଣସି ଆପତ୍ତି ରହିବ ନାହିଁ ବୋଲି ମୁଁ ନିଶ୍ଚିତ।" ଅନ୍ୟପକ୍ଷରେ ଫାରୁକ ଅବଦୁଲ୍ଲାରଙ୍କ ପୁଅ ଓମାର ଅବୁଲ୍ଲା ପିଡିପି ସହ ମେଣ୍ଟ କେବଳ ଏକ ଆଗୁଆ ଆକଳନ କରିବା ଛଡ଼ା କିଛି ନୁହେଁ ବୋଲି କହିଛନ୍ତି।

### ପଓଏସଏସଏସସି ପରୀକ୍ଷା ...

ରୀକ୍ଷା କରାଯାଉଛି ଖୋଲାମେଲାରେ। ତେବେ ତାମିଲନାଡୁର ଘରୋଇ ସଂସ୍ଥା ଭଳି ଦାୟିତ୍ୱବାନ ଆୟୋଗ ପରୀକ୍ଷା ପରିଚାଳନା ଦାୟିତ୍ୱ କେମିତି ଦେଲେ ? ଯେଉଁ ସଂସ୍ଥା ବିରୋଧରେ ଦିଲ୍ଲୀର ପେପର୍ ଲିକ୍ ମାମଲା ଭଳି ଗୁରୁତର ଅଭିଯୋଗରେ ସିବିଆଇରେ ମାମଲା ବି ରହିଛି। ଏକଥା ତତ୍କାଳୀନ ସରକାର ଏବଂ ଏବର ବିଜେପି ସରକାର ମଧ ଜାଣିଛନ୍ତି। ନିଜେ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ କହିଥିଲେ ଆକ୍ସନ ନିଆଯିବ। ଅଥଚ ସାଢ଼େ ୫ ଲକ୍ଷ ପିଲାଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ କାହିଁକି ଏଯାଏଁ ସରକାର କିମ୍ବା ଓଟ୍ରିପଲ୍ ଏସସି କର୍ତ୍ତୃପକ୍ଷ ପଦକ୍ଷେପ ନେଉନାହାଁନ୍ତି ? କାହିଁକି ସମସ୍ତେ ନୀରବ ? ତାହା ସବୁଠୁ ବଡ଼ ପ୍ରଶ୍ନ।

# ବାରାଣାସୀର ଗଙ୍ଗା ରିଭର୍ସ ଫ୍ରଣ୍ଟର ରୂପେ ନେବ ସମ୍ବଲପୁରର ମହାନଦୀ

ସମ୍ବଲପୁର, ୦୭/୧୦ (ନି.ପ୍ର): ସମ୍ବଲପୁର ସହରର ମହାନଦୀର ସାତ କିଲୋମିଟର ଦୀର୍ଘ ଉଭୟ ପାର୍ଶ୍ୱକୁ ବିକଶିତ କରାଯିବ। ଏହାକୁ ଗୁଜୁରାତର ସାବରମତୀ ଓ ଉ ରପ୍ରଦେଶ ବାରାଣାସୀର ଗଙ୍ଗା ନଦୀକୂଳ ଭଳି ରିଭର୍ସ ଫ୍ରଂଟ ପ୍ରକଳ୍ପର ରୂପ ଦିଆଯିବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରକଳ୍ପ ପାଇଁ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସମ୍ବଲପୁରକୁ ଆସୁଥିବା ତୀର୍ଥଯାତ୍ରୀ, ପର୍ଯ୍ୟଟକ, ଯାତ୍ରୀ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ପ୍ରକଳ୍ପକୁ ସର୍ବୋତ୍କୃଷ୍ଟ ରୂପ ଦେବା ପାଇଁ ଯୋଜନା କରାଯାଉଛି। ଗତ ବିଧାନସଭା ସମୟରେ ଏଥିପାଇଁ ୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ହୀରାକୁଦ ବନ୍ଧ ନିର୍ମାଣ ପୂର୍ବରୁ ସମ୍ବଲପୁର ସହର ଦେଇ ଯାଉଥିବା ମହାନଦୀରେ ଦୁଇଟି ଧାର ଓ ବାଲିଶଯ୍ୟା ଥିଲା। ଡେମ୍ ନିର୍ମାଣ ପରେ ଜଳପ୍ରବାହ ପ୍ରାୟ ପ୍ରାୟ ବନ୍ଦ ହୋଇଯିବାରକୁ ଦୁଇ ଧାର ଲୋପ ପାଇ ଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ୧୯୬୩-୬୪ରେ ମହାନଦୀରେ ଆନିକଟ୍ ନିର୍ମାଣ କରାଯାଇ କୃତ୍ରିମ ଜଳାଶୟ ସୃଷ୍ଟି କରାଯାଇଥିଲା। ଯାହାକି ଅଯୋଧା ସରୋବର ନାମରେ ପରିଚିତ। ସେହିଭଳି ଏହି ସରୋବର କୂଳରେ କଂକ୍ରିଟ୍ ରାସ୍ତା ଓ ଘେରା କାନ୍ଥ ନିର୍ମାଣ କରାଯଇଥିଲା। ଯାହାକି ସୁଶୀଳା ବିହାର ନାମରେ ନାମିତ। ରକ୍ଷଣାବେକ୍ଷଣ ଅଭାବରୁ ଆନିକଟ୍ ଭାଙ୍ଗିରୁଜି ଯାଇଥିବା ବେଳେ ୧୯୯୭ରେ ରିଂରୋଡ଼ ନିର୍ମାଣ ଯୋଗୁଁ ପୂର୍ବ କଂକ୍ରିଟ୍ ରାସ୍ତା ଓ ଘେରା କାନ୍ଥ ନିଶ୍ଚିହ୍ନ ହୋଇ ସାରିଛି। ରିଭର୍ସ ଫ୍ରଂଟ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ପୂର୍ବରୁ ଡିପିଆର୍ ଓ ଅଟକଳ ପ୍ରସ୍ତୁତ କରାଯାଇଥିଲା। ଏଥିପାଇଁ ଶିଳାନ୍ୟାସ ହୋଇଥିଲେ ମଧ ତାହା କାଗଜପତ୍ରରେ ସୀମିତ ରହିଛି। ଏବେ ନୂଆଁ ସରକାର ସମୟରେ ମହାନଦୀ ରିଭର୍ସ ଫ୍ରଂଟ ନିର୍ମାଣ ହେବ ବୋଲି ଆଶା ପ୍ରକାଶ କରାଯାଉଛି। ସମଲେଇ ପ୍ରକଳ୍ପରେ ସମଲେଇ ମନ୍ଦିର ପାଖରେ ଥିବା ଘାଟକୁ ରିଭର ଫ୍ରଂଟ ର ରୂପ ଦିଆଯାଇଛି। ଏବେ ନଦୀକୂଳର ବାକି ଅଂଶ ନିର୍ମାଣ କରାଯିବ। ମହାନଦୀ ରିଭରଫ୍ର ରେ ଯୋଜନା ଅନୁଯାୟୀ ଉଦ୍ୟାନ, ମୁକ୍ତାକାଶ ମ , ଆଲତୀ ବ୍ୟବସ୍ଥା, ୱାକ୍ ୱେ, ବ୍ୟାୟାମ ଶାଳା, ଏଡ୍‌ଭେଞ୍ଚର୍ସ ପାର୍କ ଓ ଗାଧେଇବା ପାଇଁ ଘାଟ ସବୁ ରହିବ। ସୂଚନାଯୋଗ୍ୟ ଯେ, ସମ୍ବଲପୁର ସହରର ପ୍ରାୟ ୪ କିଲୋମିଟର ଦୀର୍ଘ ମହାନଦୀ କୂଳରେ ବହୁ ସଂଖ୍ୟକ ମନ୍ଦିର, ସ୍ଥାପତ୍ୟ ରହିଛି। ସନ୍ଧ୍ୟା ସମୟରେ ମନ୍ଦିରମାନଙ୍କରୁ ଶୁଭୁଥିବା ଘ ଘୁ । ଏଠାରେ ବନାରସ ଓ ହରିଦ୍ୱାରର ଗଙ୍ଗାନଦୀ କୂଳର ଅନୁଭବ ଦେଇଥାଏ। ହେଲେ ସମୟ ଅନୁସାରେ ଏଠାରୁ ସୁଯୋଗର ବ୍ୟବହାର ହୋଇପାରି ନାହିଁ। ରିଭର୍ସ ଫ୍ରଂଟ ଯୋଜନାରେ ସହରର ମହାନଦୀ ତଳମୁଣ୍ଡରେ ଏକ ବ୍ୟାରେଜ୍ ନିର୍ମାଣ କରାଯାଇ ଏହାର ଜଳଧାରଣା କ୍ଷମତା ବୃଦ୍ଧି ପାଇଁ ଯୋଜନା ରହିଛି। ତେବେ ଚନ୍ଦନ ନଗର, ବାଲିବନ୍ଧା ଓ ବୀନାଖଣ୍ଡି ଠାରେ ସହରର ଉଦ୍‌ବୃତ ଜଳ ମହାନଦୀରେ ମିଶିବା ପ୍ରକ୍ରିୟାକୁ ମଧ ବନ୍ଦ କରିବା ପାଇଁ ଦାବି ହେଉଛି। ଗତ ନୂଆଁଖାଇ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ରବିନାରାୟଣ ନାୟକ, ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ସୁଭାଷ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ମହାନଦୀକୂଳକୁ ଯାଇ ପ୍ରସ୍ତାବିତ ରିଭର୍ସ ଫ୍ରଂଟ ପ୍ରକଳ୍ପ ବାବଦରେ ଅନୁଧ୍ୟାନ କରିଥିଲେ।

# ଜମଧର ପଂଚାୟତରେ ମିଶନ ଶକ୍ତି ଦୁର୍ନୀତି ଅଭିଯୋଗ

କେନ୍ଦ୍ରାପଡ଼ା, ୦୭/୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜମଧର ପଂଚାୟତ ରେ କାର୍ଯ୍ୟ କରୁଥିବା ମହିଳା ମିଶନ ଶକ୍ତି ମହାସଂଘ ବିରୋଧରେ କେତେକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ମିଶନଶକ୍ତି ରେ ଦୁର୍ନିତି ହୋଇଥିବା ଅଭିଯୋଗ କରୁଛନ୍ତି । ଅଭିଯୋଗ ରୁ ପ୍ରକାଶ ଯେ, ମିଶନଶକ୍ତି ର ମହିଳା ମାନଙ୍କୁ ସଶାକ୍ତି କରଣ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଉ ଥିବାବେଳେ ଏହି ମିଶନ ଶକ୍ତିର ମହିଳାମାନେ ସଶକ୍ତ ହେବା ବଦଳରେ ଆର୍ଥିକ ଜାଲିଆତିର ଶୀକାର ହୋଇଛନ୍ତି ବୋଲି ଅଭିଯୋଗ ହୋଇଛି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଲାୟନ୍ସ କ୍ଲବ ବସ୍ତା ଦ୍ୱାରା ବନ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ୍

ବସ୍ତା, ୦୭/୧୦ (ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ସୃଷ୍ଟି ହୋଇଥିବା ପ୍ରଳୟଙ୍କାରୀ ବନ୍ୟାରେ ବସ୍ତା ବ୍ଲକ ଆମ୍ବକୁଡ଼ୁଚି ଓ ଗିଲାଜୁଡି ଗ୍ରାମରେ କ୍ଷତିଗ୍ରସ୍ତ ପରିବାରକୁ ଲାୟନ୍ସ ଇଣ୍ଟରନ୍ୟାସନାଲ ଜିଲ୍ଲା ୩୨୨ ସି ୫ ଏବଂ ବସ୍ତା ଲାୟନ୍ସ କ୍ଲବ ମିଳିତ ସହଯୋଗରେ ଶୁଖିଲା ଖାଦ୍ୟ, ଯଥା ଚାଉଳ, ଡାଲି, ଚିନି, ଅମୁଲ, ଲୁଣ,ବିଭିନ୍ନ ତରକାରୀ ମସଲା, ବେଡ୍ ସିଟ୍ , ଗାମୁଛା, ଟର୍ଚ୍ଚ ଓ ମଶା ଧୂପ ବଣ୍ଟନ କରାଯାଇଥିଲା । ରିଲିଫ ସମାଗ୍ରୀ ବଣ୍ଟନ ବେଳେ ବସ୍ତା ଲାୟନ୍ସ କ୍ଲବର ସଭାପତି ସମାଜସେବୀ ଲାୟନ୍ସ ସୁମନ୍ତ କୁମାର ଜେନା, ସମ୍ପାଦକ ଲାୟନ୍ସ କିଶୋର ସାହୁ, ସଦସ୍ୟ ଲାୟନ୍ସ ଭ୍ୱାନୀ ନାୟକ, ସମାଜସେବୀ ସୁବ୍ରତ ଘୋଷ୍, ଜ୍ୟୋତିର୍ମୟ ନନ୍ଦ, ଶିକ୍ଷକ ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସମୁଦାୟ ୬୫ ଟି ପରିବାରକୁ ରିଲିଫ୍ ବଣ୍ଟନ ହୋଇଥିଲା ।ବସ୍ତା ଲାୟନ୍ସ କ୍ଲବର ଏଭଳି ମହତ୍ କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରୁ ପ୍ରସଂଶା କରାଯାଇଛି ।




# ଦୁଇ ବାଇକ ମୁହାଁମୁହିଁ ଧକ୍କାରେ ଜଣେ ମୃତ,ଦୁଇ ଗୁରୁତର



ନୀଳଗିରି, ୦୭/୧୦ (ନି.ପ୍ର): ବରହମପୁର ଥାନା ଅଧୀନ ନୂଆସାହି ଛକ ନିକଟରେ ମର୍ମନ୍ତୁଦ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି । ସୂଚନା ମୁତାବକ ବରହମପୁର ମିତ୍ରପୁର ରାସ୍ତର ନୂଆସାହି ଛକ ନିକଟରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହୋଇଥିଲେ । ସ୍ଥାନୀୟ ଲୋକମାନେ ସେମାନଙ୍କୁ ଉଦ୍ଧାର କରିବା ସହ ବରହମପୁର ପୋଲିସକୁ ଅବଗତ କରିଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ୧୦୮ ଯୋଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ତିନିଦେଶ ଗ୍ରାମର ରସାନନ୍ଦ ନାୟକଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ନରଣପୁର ପଞ୍ଚାୟତ ନୂଆସାହି ଗ୍ରାମର ସୁକାନ୍ତ ମଢେଇ ଓ ପ୍ରକାଶ ପୂଜାରୀ ଗୁରୁତର ହୋଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି ।

# ବିଜେପି ସମବାୟ ପ୍ରକୋଷ୍ଠ ବାଲେଶ୍ୱର ଜିଲ୍ଲା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ

ବାଲେଶ୍ୱର, ୦୭/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବିଜେପିର ସମବାୟ ପ୍ରକୋଷ୍ଠ ତରଫରୁ ନୂତନ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମବାୟ ସେଲ ପ୍ରମୁଖ ଆଶିଷ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର ,ରାଜ୍ୟ ସମବାୟ ସେଲ ସଭାପତି ଶ୍ରୀ ରଞ୍ଜନ ମଙ୍ଗରାଜ, ରାଜ୍ୟ ସମବାୟ ସେଲ ସହ ସଂଯୋଜକ ରଞ୍ଜିତ କୁମାର ଆଚାର୍ଯ୍ୟ,ପୂର୍ବତନ ରାଜ୍ୟ ସମବାୟ ବ୍ୟାଙ୍କ୍ ସଭାପତି ଅକ୍ଷୟ ମହାନ୍ତି,ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ପ୍ରଦୀପ ପ୍ରଜ୍ୱଳନ ଓ ଭାରତ ମାତାଙ୍କ ଫଟୋରେ ମାଲ୍ୟାର୍ପଣ କରି ବିଧିବଦ୍ଧ ଭାବେ ସଭାକୁ ଉଦଘାଟନ କରିଥିଲେ । ଜିଲ୍ଲା



ସଂଯୋଜକ ସମବାୟ ସେଲ କାର୍ତ୍ତିକ ଚନ୍ଦ୍ର ଗିରି ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉକ୍ତ ସଭାରେ ଜିଲ୍ଲାର ପ୍ରତ୍ୟେକ ସମବାୟ ସମିତିରେ ଅନ୍ୟୁନ ୨୦ ଜଣଙ୍କୁ ବିଜେପିର ସଦସ୍ୟତା କରାଯିବାକୁ ସିଦ୍ଧାନ୍ତ ହୋଇଥିଲା ଏବଂ ଏହିପରି ଭାବରେ ସର ଜିଲ୍ଲାରୁ ସମବାୟ ସେଲ ମାଧ୍ୟମରେ ଚାଳିଶ ହାଜର ସଦସ୍ୟ ସଂଗ୍ରହ ପାଇଁ ଧାର୍ଯ୍ୟ କରାଯାଇଥିଲା । ଉକ୍ତ ସଭାରେ ଓଡ଼ିଶାର ସମବାୟ ଆନ୍ଦୋଳନ ଏବଂ ଏବେକାର ଆହ୍ୱାନ , ଓଡ଼ିଶାର ସମବାୟ କିପରି ସାଧାରଣ ସମୃଦ୍ଧି ହୋଇପାରିବ । କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଏଥି ପ୍ରତି ନିରନ୍ତର ଆଗ୍ରହ କଥା ଉପସ୍ଥିତ ବକ୍ତାମାନେ ଉଲ୍ଲେଖ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସମବାୟ ସେଲର ୧୦୦ ରୁ ଉର୍ଦ୍ଧ ସମବାୟୀ ସମିତିର ସଭାପତି ଯୋଗଦାନ କରିଥିଲେ । ଶେଷରେ ବାଲେଶ୍ୱର ଜଉଗଝ ସଭାପତି ସର୍ବେଶ୍ୱର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବଡ଼ସାହି କଲେଜରେ ରକ୍ତଦାନ ଶିବିର

ବଡ଼ସାହି , ୦୭/୧୦ (ନି.ପ୍ର): ସ୍ଥାନୀୟ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଯୁଥ ରେଡକ୍ରସ, ଏନ୍‌ଏସ୍‌ଏସ୍ ଓ ଏନସିସିର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ କଲେଜର ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଏବଂ କଲେଜ ପରିଚାଳନା କମିଟିର ସଭାପତି ବିରଞ୍ଚି ନାରାୟଣ ପତି ଫିତା କାଟି ଶିବିରର ଶୁଭ ଉନ୍ମୋଚନ କରିବା ସହିତ ସ୍ୱେଚ୍ଛାସେବୀ ଏବଂ ଛାତ୍ରଛାତ୍ରୀଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ । ଗଣିତ ବିଭାଗର ଅଧ୍ୟାପକ ଫକୀର ଚରଣ ସାହୁ ପ୍ରଥମ ରକ୍ତଦାତା ଭାବରେ ରକ୍ତ ଦାନ କରିଥିଲେ । ବାରିପଦା ରକ୍ତ କେନ୍ଦ୍ର ଅଧିକାରୀ ଓ କର୍ମଚାରୀ ଛାତ୍ର ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ରକ୍ତ ଗ୍ରହଣ କାର୍ଯ୍ୟ ସମ୍ପାଦନ କରିଥିଲେ । ଯୁଥ ରେଡକ୍ରସ ଉପଦେଷ୍ଟା ଅଧ୍ୟାପକ ବିନୋଦ କୁମାର ପରିଡା, ଏନ୍‌ଏସ୍‌ଏସ୍ ପ୍ରଗ୍ରମ ଅଫିସର ଅଧ୍ୟାପିକା ଡକ୍ଟର ରିତୁଲତା ବିଶ୍ୱାଳ ଓ ଏନ୍‌ସିସି ଅଫିସର ଅଧ୍ୟାପକ ପାର୍ଥସାରଥି ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରକ୍ତଦାନ ଶିବିର ସମ୍ପାଦିତ ହୋଇଥିଲା । ଏଥିରେ ୩୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଶେଷରେ ଅଧ୍ୟାପକ ସଂଜୟ କୁମାର ଜେନା ରକ୍ତ ଦାତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ଶ୍ରବଣ କୁମାର ମହାପାତ୍ର, ଅନିରୁଦ୍ଧ ପଣ୍ଡା ଏବଂ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା, ସ୍ୱେଚ୍ଛାସେବୀ, କର୍ମଚାରୀ ଏବଂ ଛାତ୍ର ଛାତ୍ରୀ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ରେଡକ୍ରସ ପକ୍ଷରୁ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାରିପଦା, ୦୭/୧୦ (ନି.ପ୍ର): ଭାରତୀୟ ରେଡ କ୍ରସ ସୋସାଇଟି ଓଡିଶା ରାଜ୍ୟ ଶାଖା ଆନୁକୂଲ୍ୟରେ ଯୁଥ ରେଡ କ୍ରସ ବିଭାଗ,ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା ସହଯୋଗରେ ଗତ ୪ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଯୁଥ ରେଡ କ୍ରସ ଅଣାତାଲିମ ପ୍ରାପ୍ତ କାଉନସେଲର ମାନଙ୍କର ପ୍ରଶିକ୍ଷଣ ଶିବିର ସଫଳତାର ସହ ଉଦଯାପିତ ହୋଇଯାଇଛି । ଅଧକ୍ଷ ପ୍ରଫେସର ଡ. ପ୍ରମୋଦ ଚନ୍ଦ୍ର ସାହୁ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ମୟୂରଭଞ୍ଜ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରଦ୍ଧା ସୁମନ, ଯୋଗଦେଇ ସମସ୍ତଅଂଶଗ୍ରହଣ କାରୀମାନଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରିଥିଲେ । ସମ୍ମାନିତ ଅତିଥିଭାବେ ରାଜ୍ୟ ଯୁଥ ରେଡ କ୍ରସ ସଂଯୋଜକ ଗୋପାଳ କୃଷ୍ଣ ମିଶ୍ର ଯୋଗଦେଇଥିଲେ । ମହାବିଦ୍ୟାଳୟର ସମସ୍ତ କାଉନସେଲର, ଅଧ୍ୟାପକ, କର୍ମଚାରୀ ମାନଙ୍କ ସହଯୋଗରେ କନଭେନର ସେକ୍ରେଟାରୀ ରାଇମଣି ମାର୍ଣ୍ଡି ଓ ଜିଲ୍ଲା ସଂଯୋଜକ ଡ. ଦିଲ୍ଲୀପ କୁମାର ଭୋଇ ଦକ୍ଷତାର ସହ ପରିଚାଳନା କରିଥିଲେ ।

# ସମାଜସେବୀକା ସରୋଜିନୀ ପାତ୍ରଙ୍କ ପରଲୋକ

ବାଲିଆପାଳ/ଲଙ୍ଗଳେଶ୍ୱର , ୦୭/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ ଡ଼ାଳୁଆ -୨ ଗ୍ରାମର ବିଶିଷ୍ଟ ପରିବେଶ ବିତ ଡ଼ଃ କୀର୍ତ୍ତନ ଚନ୍ଦ୍ର ପାତ୍ରଙ୍କ ସହ ଧର୍ମଣୀ ସରୋଜିନୀ ପାତ୍ରଙ୍କ ସୋମବାର ମୃତ୍ୟୁ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କର ୮୨ ବର୍ଷ ହୋଇ ଥିଲା । ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ । ସେ ଜଣେ ଧର୍ମପ୍ରାଣ ମହିଳା ଥିଲେ । ଦୀନ ଦରିଦ୍ର ଙ୍କୁ ଖାଦ୍ୟ ବସ୍ତ୍ର ଆଦି ଦାନ କରୁ ଥିଲେ । ତାଙ୍କର ସରଳ ମିଷ୍ଟାଭାଷା ସମସ୍ତ କୁ ଆକୃଷ୍ଟ କରୁଥିଲା । ତାଙ୍କର ଦୁଇ ଝିଅ, ଜ୍ୱାଇଁ, ପୁତ୍ର ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

# ସ୍ୱର୍ଗତଃ ରଞ୍ଜନ କୁମାର ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ପାଳିତ

ବେତନଟୀ, ୦୭/୧୦ (ନି.ପ୍ର): ବେତନଟୀ ବ୍ଲକ ସାମ୍ବାଦିକ ସଂଘର ଦିବଂଗତ ପ୍ରତିଷ୍ଠାତା ସଭାପତି ତଥା ସାମ୍ବାଦିକ ରଞ୍ଜନ କୁମାର ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ପାଳନ ବେତନଟୀର ସଠିଲୋସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଗରୁଡବସା ସ୍ଥିତ ଭିନ୍ନକ୍ଷମ ବିଦ୍ୟାଳୟରେ ବିଭିନ୍ନ ଖାଦ୍ୟପଦାର୍ଥ ବଣ୍ଟନ କରାଯାଇଥିଲା ।ଏହି ବାର୍ଷିକୀ ପାଳନରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘ, ପଦ୍ମମାଳୀ ମହିଳା ସଂଗଠନର ସଦସ୍ୟ ସଦସ୍ୟାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଓ ସ୍ଥାନୀୟ ଜନସାଧାରଣ ମାନେ ଯୋଗଦାନ କରିଥିଲେ । ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସଭାପତି



ସର୍ବେଶ୍ୱର ମହାନ୍ତ, ଉପସଭାପତି ଗତିକୃଷ୍ଣ ମହାନ୍ତ, ସମ୍ପାଦକ ଅନୁପ କୁମାର ଦଣ୍ଡପାଟ, କବି ମନୋଜ କୁମାର ମହାନ୍ତ, ଆଶିଷ ଦାସ, କମଳଲୋଚନ କର, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ଜନାର୍ଦ୍ଦନ ମହାନ୍ତ, ପଦ୍ମମାଳୀ ମହିଳା ସଂଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳି ଭୂୟାଁ, ଉପସଭାପତି ସୋନା ଖାତୁନ, ପାମେଲା ଜେନା, ସସ୍ମିତା ଧଳମହାନ୍ତ, ଅନିନ୍ଦିତା ସାହୁ, ରଞ୍ଜିତା କର, ସୁନୀତା ଦାଶ, ହରପ୍ରିୟା ଦାସ, କୁମୁଦିନୀ ମହାନ୍ତ, ମିନତୀ ସାହୁ, ମୀନାକ୍ଷୀ ପରିଡା, ଶାସ୍ତ୍ରୀ ନଗରର ମା ଶୀତଳା ପୀଠର ପଦ୍ମାବତୀ ସାହୁ, ଉମା ଯାଦବ, ମଞ୍ଜୁଲତା ଗୋଛାୟତ, ମଧୁଲତା ବଳା, ମାନୀ ବଳା, ଅନିମା ସାହୁ, ସଞ୍ଜୁଲତା ବେହେରା , ପିନୁ ବେହେରା, ମାଳତୀ ମହାନ୍ତ, କବିତା ସାହୁ, ଝୁନୁ ବେହେରା, ଅକ୍ଷୟ ପଣ୍ଡା ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ରଞ୍ଜନ କୁମାର ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ ।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

ବାଲିଆପାଳ/ଲଙ୍ଗଳେଶ୍ୱର , ୦୭/୧୦ (ନି.ପ୍ର): ସିଂଲାଥାନା ଜାମଶୂଳୀ ହାଇସ୍କୁଲ ପରିସରରେ ରବିବାର ୧୯୮୮ ବ୍ୟାଜର ଛାତ୍ର ଛାତ୍ରୀଙ୍କର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗୁରୁ ସଦାଶିବ ଗିରି, ବେଣୁଧର ପ୍ରଧାନ, ବର୍ତ୍ତମାନର ପ୍ରଧାନ ଶିକ୍ଷୟତ୍ରୀ ରଞ୍ଜୁଲତା ଦାସ, ତତ୍କାଳୀନ ପିଅନ ଚୈତନ୍ୟ ମହାନ୍ତି ପ୍ରମୁଖ ଅତିଥି ଭାବେ ମଂଚାସୀନ ଥିଲେ । ଗୁରୁ ଏବଂ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଏବଂ ସହପାଠୀଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ଏହି ବନ୍ଧୁ ମିଳନର ଲକ୍ଷ ବୋଲି ୧୯୮୮ ବ୍ୟାଚର ପିଲାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଗୁରୁ ପୂଜନ,ଗୁରୁଙ୍କ ଆଦର୍ଶ ନୀତି ବାଣୀ




ବଖାଣି ଭାବ ବିହ୍ୱଳ ହୋଇପଡ଼ିଥିଲେ ଛାତ୍ର ଛାତ୍ରୀ ଏବଂ ନିଜର ସଂଘର୍ଷ ମୟ ଜୀବନର କିଛି କଥା ଏବଂ ବ୍ୟଥାକୁ ପରସ୍ପର ମଧ୍ୟରେ ବିନିମୟ କରିଥିଲେ । ପୁରାତନ ଛାତ୍ର ସଂଘ ସଭାପତି ଦେବେନ୍ଦ୍ର ଦଳାଇ ସଭା ପରିଚାଳନା କରିଥିବାବେଳେ ଲକ୍ଷ୍ମୀକାନ୍ତ ପ୍ରଧାନ, , ସମୀର ରଞ୍ଜନ ଜେନା, ଜ୍ଞାନ ରଞ୍ଜନ ଗିରି,ଲରା ଦାସ, ଦେବେନ୍ଦ୍ର ଦଳାଇ, ବଳରାମ ପଣ୍ଡା, ବିଶ୍ୱନାଥ ଦାସ, ଲକ୍ଷ୍ମୀକାନ୍ତ ଦଳାଇ,ବ୍ରଜ ସିଂ, ଅନିତା ଦଳାଇ ପ୍ରମୁଖ ସହଯୋଗ କରିଥିଲେ । ପରୋଲୋକ ପୁରାତନ ଛାତ୍ର ଛାତ୍ରୀମାନଙ୍କ ଅମର ଆତ୍ମା ର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଆଇନଜୀବି ଜ୍ୟୋସ୍ନା ରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବସର ନେଲେ ଅରୁଣ ଷଡଙ୍ଗୀ

ଭୁବନେଶ୍ୱର, ୦୭/୧୦ (ନି.ପ୍ର): ଚାକିରୀର ୧୦ମାସ ପୂର୍ବରୁ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି ବରିଷ୍ଠ ଆଇପିଏସ୍ ଅଫିସର ଅରୁଣ କୁମାର ଷଡଙ୍ଗୀ । ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଟ୍ରେନିଂ ଏକାଡେମୀରେ ଅବସର ବା ବିଦାୟକାଳୀନ ସମାରୋହର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଅରୁଣ ଷଡଙ୍ଗୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ପୋଲିସ ଏକାଡ଼େମୀରେ ଥିବା ଟ୍ରେନି ମାନଙ୍କ ଦ୍ୱାରା ପରେଡ ଆୟୋଜନ ହୋଇଥିଲା । ସେ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡ଼େମୀର ନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ଥିଲେ । ଏଥିସହିତ ସ୍ୱତନ୍ତ୍ର ଡିଜି ଟ୍ରେନିଂ ଦାୟିତ୍ୱରେ ରହିଥିଲେ । ଗତ ସାଧାରଣ ନିର୍ବାଚନରେ ଡିଜି ଇନଚାର୍ଜ ଥିଲେ ।

# ନରଣପୁର ଆଞ୍ଚଳିକ ସାଧନ କେନ୍ଦ୍ରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି , ୦୭/୧୦ (ନି.ପ୍ର): ନୀଳଗିରି ଗୋଷ୍ଠୀ ଶିକ୍ଷାବିଭାଗ ଆନୁକୂଲ୍ୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ 'ସୁରଭି - ୨୦୨୪'ମହୋତ୍ସବ ନରଣପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନରଣପୁର ଆଞ୍ଚଳିକ ସାଧନ କେନ୍ଦ୍ରର ୧୨ଗୋଟି ବିଦ୍ୟାଳୟର ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ସରକାରୀ ଏସ.ଏସ.ଡି ଉଚ୍ଚ ବିଦ୍ୟାଳୟ ବୈଷ୍ଣବବନ୍ଧର ପ୍ରଧାନଶିକ୍ଷକ ବ୍ରଜମୋହନ ମାଝୀ ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ନୀଳଗିରି ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ମୁଖ୍ୟବକ୍ତା ଭାବେ ନରଣପୁର ପଞ୍ଚାୟତର




ସରପଞ୍ଚ ଦୀପ୍ତିରାଣୀ ସିଂ, ସମ୍ମାନିତ ଅତିଥି ରୂପେ ନରଣପୁର ପଞ୍ଚାୟତ ସମିତିସଭ୍ୟା ବିଦ୍ୟୁତପ୍ରଭା ପାତ୍ର, ନରଣପୁର ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅନାମ ଚରଣ ମଲ୍ଲିକ, ନରଣପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକନାଥ ବେହେରା ଯୋଗଦେଇ ଉତ୍ସବକୁ ମହିମା ମଣ୍ଡିତ କରିଥିଲେ । ନରଣପୁର ସାଧନ କେନ୍ଦ୍ରର ସି.ଆର.ସି.ସି ରୂପକ କୁମାର ପଶା ମଞ୍ଚପରିଚାଳନା କରିଥିବା ବେଳେ ସିନିଅର ବିଭାଗରେ -୭, ଜୁନିୟର- ୭, ସବ ଜୁନିୟର -୫ଏବଂ ସାଂସ୍କୃତିକ ବିଭାଗ-୧ ଟି ପର୍ଯ୍ୟାୟରେ ଖେଳ ପରିଚାଳନା କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଅକ୍ଷୟ କୁମାର ଦାସ, ପ୍ରଶାନ୍ତ କୁମାର ସିଂ, ସୁନାରାମ ମାଝୀ, ବାଇଧର ମାଝୀ, ଲୋକନାଥ ବେହେରା, ଗୁଣନିଧି ନାୟକ, ବୀରବର ବିଶ୍ୱାଳ, ପୂର୍ଣଚନ୍ଦ୍ର ପ୍ରଧାନ, ଜିତେନ୍ଦ୍ର ଉପାଧ୍ୟାୟ, ରତିକାନ୍ତ ସିଂ, ଆନନ୍ଦ ସିଂ, ଘାସିରାମ ପୂର୍ତ୍ତି, ଗୋବିନ୍ଦ ଚନ୍ଦ୍ର ସ, ଶିକ୍ଷୟତ୍ରୀ ବିନତୀ ପୁଟି, ବାନସ୍ମିତା ପାଟୁ ଲିଆ, ଜ୍ୟୋସ୍ନାରାଣୀ ନାୟକ, ପରିଚାଳନା କମିଟି ସଦସ୍ୟ ପ୍ରଦୀପ ଭୂୟାଁ, ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଶେଷରେ ବୈଷ୍ଣବବନ୍ଧ ସରକାରୀ ଏସଏସଡିର ସହକାରୀ ଶିକ୍ଷକ ବସନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଇନ ମନ୍ତ୍ରୀଙ୍କୁ ଓୟୁଜେର ଦାବିପତ୍ର ପ୍ରଦାନ



, ୦୭/୧୦ (ନି.ପ୍ର):ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ) ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଙ୍କୁ ଏକ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ସାମ୍ବାଦିକ ମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ରାଜ୍ୟରେ ଆଇନ ପ୍ରଣୟନ କରିବା, କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ରେ ସରକାର ଦେଉଥିବା ବୀମା ରାଶି ୫ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା , ବୀମା ସହାୟତାରେ ବାପା ଓ ମା ଙ୍କୁ ସାମିଲ କରିବା, ସାମ୍ବାଦିକ ଭାବେ କାର୍ଯ୍ୟକରି ୬୦ ବର୍ଷ ପରେ ଅବସର ନେଇଥିବା ଉଭୟ ସ୍ୱୀକୃତି ପ୍ରାପ୍ତ ଓ ଅଣ ସ୍ୱୀକୃତି ପ୍ରାପ୍ତ ସାମ୍ବାଦିକ ମାନଙ୍କ ପାଇଁ ମାସିକ ଭତ୍ତା ବ୍ୟବସ୍ଥା କରିବା ଆଦି ମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବିପତ୍ରରେ ସଂଘ ପକ୍ଷରୁ ଦର୍ଶାଯାଇଛି । । ସାମ୍ବାଦିକ ମାନଙ୍କ ସମସ୍ୟା ପ୍ରତି ରାଜ୍ୟ ସରକାରଙ୍କ ଉଦାର ମନୋଭାବ ରହିଛି ପର୍ଯ୍ୟାୟ କ୍ରମେ ଦାବିଗୁଡିକୁ ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ ।ଏହି ଦାବିପତ୍ର ପ୍ରଦାନ ବେଳେ ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖାର ସଭାପତି ଗଙ୍ଗାଧର ରାଉତ, ସମ୍ପାଦକ ବିବେକାନନ୍ଦ ଦାସ, ସଂଗଠନ ସମ୍ପାଦକ ତୃପ୍ତିକାନ୍ତ ପାତ୍ରୀ , ପ୍ରସନ୍ନଜିତ ଆଶ , ମନୋଜ କୁମାର ରାଉଳ, ସୋମନାଥ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ ।

# ଧରାପଡ଼ିଲା ଗଞ୍ଜେଇ: ୧.୬୧ କୋଟିର ଗଞ୍ଜେଇ ଜବତ, ୩ ଗିରଫ

ଭୁବନେଶ୍ୱର, ୦୭/୧୦ (ନି.ପ୍ର): ଚାଲାଣ ହେଉଥିବା ଗଞ୍ଜେଇକୁ ଧରିଛି ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ । ଆନ୍ଧ୍ରପ୍ରଦେଶର ଯାଗାମାପେଟା କ୍ରିଷ୍ଣାଭରମ୍ ଟୋଲ୍ ଗେଟ୍ ନିକଟରୁ ଗଞ୍ଜେଇ ଭର୍ତ୍ତି ଟ୍ରକ୍ ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରିଛି । ଓଡ଼ିଶାରୁ ଆନ୍ଧ୍ରପ୍ରଦେଶକୁ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ନେଇ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ଖବର ପାଇଥିଲା । ଡିଆରଆଇର ଏକ ଟିମ୍ ଯାଗାମାପେଟା କ୍ରିଷ୍ଣାଭରମ୍ ଟୋଲ୍ ଗେଟ୍ ନିକଟରେ ଛକି ରହିଥିଲେ । ଗଞ୍ଜେଇ ଭର୍ତ୍ତି ଟ୍ରକକୁ ଏସ୍କର୍ଟ ଦେଉଥିବା କାର ଟୋଲ୍ ପ୍ଲାଜାର ବ୍ୟାରିଅରକୁ ଧକ୍କା ଦେଇ ଖସି ପଳାଇବାକୁ ଉଦ୍ୟମ କରିଥିଲା । ଡିଆରଆଇ ଅଧିକାରୀମାନେ ପ୍ରଥମେ କାରକୁ ଅଟକାଇ ଜଣଙ୍କୁ ଗିରଫ କରିଥିଲେ । ପରେ ପରେ ଗଞ୍ଜେଇ ଭର୍ତ୍ତି ଟ୍ରକକୁ ଅଟକାଇବା ସମୟରେ ଟ୍ରକ୍ ଡ୍ରାଇଭର ଓ ହେଲପର ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ । ହେଲେ ଡିଆରଆଇ ଅଧିକାରୀମାନେ ସେମାନଙ୍କୁ ପିଛା କରି କାବୁ କରିଥିଲେ । ଟ୍ରକ୍ ଭିତରୁ ୮୦୮ କିଲୋ ଗଞ୍ଜେଇ ମିଳିଛି । ଏହାର ଆନୁମାନିକ ମୂଲ୍ୟ ୧ କୋଟି ୬୧ ଲକ୍ଷ ଟଙ୍କା ହେବ ବୋଲି ଡିଆରଆଇ ପକ୍ଷରୁ କୁହାଯାଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo